# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 21 ଭାଗ ୩୪ | ସଂଖ୍ୟା ୨୧ | Sunday 12 April 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୧୨ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଶାନ୍ତି ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଧମକ ପୃଷ୍ଠା ୫

ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ଜାରି

## ଦୁଇ ଘଣ୍ଟାରେ ସରିଲା ପ୍ରଥମ ପର୍ଯ୍ୟାୟ ଆଲୋଚନା



ଇସଲାମାବାଦ,୧୧।୪ଃ ପାକିସ୍ତାନ ମଧ୍ୟସ୍ଥତାରେ ଇସଲାମାବାଦଠାରେ ଆଜି ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଶାନ୍ତି କଥାବାର୍ତ୍ତା ଆରମ୍ଭ ହୋଇଛି। ଆମେରିକା ପକ୍ଷରୁ ଏହି ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନାରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ ଓ ଜାରେଡ୍ କୁଶନର ପ୍ରମୁଖ ଯୋଗ ଦେଇଥିବା ବେଳେ ଇରାନ ପକ୍ଷରୁ ଇରାନ ସଂସଦ ସ୍ପିକର ମୋହମ୍ମଦ ବାଘେର ଘାଲିବାଫ୍, ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ପ୍ରମୁଖ ଯୋଗଦେଇଥିଲେ। ଶାନ୍ତି କଥାବାର୍ତ୍ତା ବେଳେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ମଧ୍ୟ ଉପସ୍ଥିତ ଥିଲେ।

ପ୍ରାପ୍ତ ସୂଚନାନୁଯାୟୀ, ଆଜି ବିଳମ୍ବିତ ଅପରାହ୍ଣରେ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିବା ମଧ୍ୟସ୍ଥତା ସହ ଜଡିତ ➪ପୃଷ୍ଠା-୬

ଚାରିଦିନିଆ କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ

# କେନ୍ଦୁଝରରେ ଭିତ୍ତିଭୂମି ବିକାଶର ନୂଆ ଅଧ୍ୟାୟ

- ଆଉ ୪୫ ହଜାର ଶିକ୍ଷକଙ୍କୁ ଦିଆଯିବ ନିଯୁକ୍ତି
- ନିୟମିତ ହେବେ ୧୩ ହଜାର ସ୍କିମାଟିକ ଶିକ୍ଷକ
- ପ୍ରତି ପଞ୍ଚାୟତରେ ଖୋଲିବ ଆଦର୍ଶ ବିଦ୍ୟାଳୟ
- ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ପାଇଁ ୧୦ କୋଟି
- ବିଦ୍ୟାଳୟକୁ ଜିଲ୍ଲା ପ୍ରଶାସନ ଦେବ ୭ ଏକର ଜମି



କେନ୍ଦୁଝର,୧୧।୪(ସଂଚାର ବ୍ୟୁରୋ) : ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି। ଏଥିପାଇଁ ସରକାର ଅନେକଗୁଡ଼ିଏ ସୁଚିନ୍ତିତ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଛନ୍ତି। ଗତ ଦେଢ଼ ବର୍ଷରେ ରାଜ୍ୟ ସରକାର ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିବା ବେଳେ ଆଗାମୀ ଦିନରେ କିପରି ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତ ହେବେ, ସେ ପ୍ରକ୍ରିୟା ବି ଜାରି ରହିଛି। ଏଥିସହ ୧୩ ହଜାର ➪ପୃଷ୍ଠା-୬

## ବୋଦାପାଳସାବାସୀଙ୍କ ସ୍ୱପ୍ନ ସାକାର

- ଅରଢ଼େଇ ନାଳ ଉପରେ ପୋଲ ଉଦ୍‌ଘାଟିତ
- କେନ୍ଦୁଝର ସଦର ଅଞ୍ଚଳ ପାଇଁ ନୂଆ ପରିଚୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ କେନ୍ଦୁଝର ସଦର ଅନ୍ତର୍ଗତ ବୋଦାପାଳସା ଗ୍ରାମପଞ୍ଚାୟତ ପାଇଲା ନୂତନ ପରିଚୟ। ବହୁ ଦିନରୁ ଏହି ଅଞ୍ଚଳ ସମେତ ଆଖପାଖ ୫ଟି ପଞ୍ଚାୟତବାସୀଙ୍କ ଆଶା ଥିବା ଅରଢ଼େଇ ନାଳ ଉପରେ ନିର୍ମାଣ ହୋଇଥିବା ପୋଲକୁ ମୁଖ୍ୟମନ୍ତ୍ରୀ ଆଜି ଉଦ୍‌ଘାଟନ କରି ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ପୋଲ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ ହଜାର ବାସିନ୍ଦାଙ୍କ ଦୈନନ୍ଦିନ ଗମନାଗମନର ମୁଖ୍ୟ ଧାରା ସାଜିଛି। କେନ୍ଦୁଝର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଏହି ପୋଲକୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିବା ଅବସରରେ କହିଛନ୍ତି ଯେ ବୋଦାପାଳସା ଗ୍ରାମପଞ୍ଚାୟତ ଓ ଏହାର ଆଖପାଖ ଗ୍ରାମର ଲୋକଙ୍କୁ ଆଉ ଯାତାୟାତ ସମସ୍ୟା ହେବ ନାହିଁ। ୧୦୦ ମିଟରରୁ ଊର୍ଦ୍ଧ୍ୱ ଦୈର୍ଘ୍ୟବିଶିଷ୍ଟ ଏହି ପୋଲ କେନ୍ଦୁଝର ସଦର ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ।

● ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବ୍ଲୁ-ପ୍ରିଣ୍ଟ

## ଶାହ ଓ ଧର୍ମେନ୍ଦ୍ରଙ୍କ ମାନସ ମନ୍ଥନ



କୋଲ୍‌କାତା,୧୧।୪ଃ ଆଉ କେଇ ଦିନ ପରେ ପଶ୍ଚିମବଙ୍ଗରେ ହୋବକୁ ଯାଉଛି ହାଇଭୋଲଟେଜ୍ ନିର୍ବାଚନ। ଏହି ନିର୍ବାଚନରେ ଟିଏମ୍‌ସିକୁ ମାତ୍ ଦେଇ ବିଜେପି ପ୍ରଥମ ଥର ପାଇଁ ସରକାର ଗଠନ କରିବା ସକାଶେ ଯତ୍‌ପରୋନାସ୍ତି ଉଦ୍ୟମ ଚଳାଇଛି। ଏହି କ୍ରମରେ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପି ତା'ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏ ସଂକ୍ରାନ୍ତରେ ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଓଡ଼ିଶା ➪ପୃଷ୍ଠା-୬

## ଆଶାଙ୍କୁ ହୃଦ୍‌ଘାତ



ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲ୍‌ରେ ଭର୍ତ୍ତି

ମୁମ୍ବାଇ,୧୧।୪ଃ ଶନିବାର ବଲିଉଡ୍‌ର ଭେଟେରାନ୍ ଗାୟିକା ଆଶା ଭୋଁସଲେ ଅଚାନକ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ମୁମ୍ବାଇର ବ୍ରିଚକ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହୃଦ୍‌ଘାତ କାରଣରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା କୁହାଯାଇଛି। ୯୨ ବର୍ଷିୟା ଆଶାଙ୍କ ଅବସ୍ଥା ଗୁରୁତର ରହିଛି ଓ ତାଙ୍କୁ ଜରୁରୀକାଳୀନ ୟୁନିଟରେ ସ୍ୱତନ୍ତ୍ର କେୟାରରେ ରଖାଯାଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। ତେବେ ତାଙ୍କ ପରିବାର ସଦସ୍ୟ କିମ୍ବା ହସ୍ପିଟାଲ କର୍ତ୍ତୃପକ୍ଷ ଏନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆଶାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ଆନୁଷ୍ଠାନିକ ବିବୃତ୍ତି ପ୍ରକାଶ କରିନାହାନ୍ତି। ୧୯୩୩ ମସିହା ସେପ୍ଟେମ୍ବର ୮ ତାରିଖରେ ଜନ୍ମଗ୍ରହଣ କରିଥିବା ଆଶା ଖୁବ୍ କମ୍ ବୟସରୁ ଗୀତ ଗାଇବା ଆରମ୍ଭ କରିଥିଲେ ଓ ଇତି ମଧ୍ୟରେ ସେ ୮ ଦଶନ୍ଧି ଧରି ସଙ୍ଗୀତ ଜଗତରେ ସକ୍ରିୟ ରହିସାରିଛନ୍ତି। ତାଙ୍କର ଦୀର୍ଘ ସଙ୍ଗୀତମୟ ଯାତ୍ରାପଥରେ ସେ ହିନ୍ଦୀ ବ୍ୟତୀତ ମରାଠୀ, ବଙ୍ଗାଳୀ ଓ ଗୁଜରାଟୀ ସମେତ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ➪ପୃଷ୍ଠା-୬

## ଭୁବନେଶ୍ୱରରୁ ଧରାପଡ଼ିଲା ସନ୍ଦିଗ୍ଧ ଆତଙ୍କୀ



- ଗିରଫ କଲା ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ୍ ବ୍ରାଞ୍ଚ୍
- ଲାପଟପ୍ ଓ ମୋବାଇଲ ଜବତ
- ସୋସିଆଲ୍ ମିଡିଆରେ ପୋଷ୍ଟ କରୁଥିଲା ଆପତ୍ତିଜନକ ତଥ୍ୟ

ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ)ଃ ରାଜଧାନୀରୁ ଗିରଫ ହୋଇଛି ଜଣେ ସନ୍ଦିଗ୍ଧ ଆତଙ୍କୀ। ସ୍ଥାନୀୟ ୟୁନିଟ୍-୬ ଗଙ୍ଗନଗର ଅଞ୍ଚଳରୁ ଉକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକକୁ କମିଶନରେଟ୍ ପୁଲିସ୍ ସହଯୋଗରେ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ବ୍ରାଞ୍ଚ ଗିରଫ କରିଛି। ଏହି ୨୨ ବର୍ଷୀୟ ଯୁବକ ଶେଖ୍ ଇମ୍ରାନ୍‌କୁ ସ୍ପେଶାଲ୍ ବ୍ରାଞ୍ଚ୍ ଗିରଫ କରିବା ପରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ କମିଶନରେଟ୍ ପୁଲିସ ଅଧିକ ସତର୍କ ହୋଇଉଠିଛି।

ମିଳିଥିବା ସୂଚନା ମୁତାବକ, ଇମ୍ରାନ୍ ପାଖାପାଖି ୬ ମାସ ହେବ ୟୁନିଟ୍-୬ ଅଞ୍ଚଳର ଏକ ବସ୍ତିରେ ଘରଭଡ଼ା ନେଇ ରହୁଥିଲା। ସେଠାରୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେ ଦେଶଦ୍ରୋହମୂଳକ ଉତ୍ତେଜକ ସ୍ଲୋଗାନ ପୋଷ୍ଟ କରୁଥିଲା। ଏ ବାବଦରେ ଇମ୍ରାନ୍ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା। ତେବେ ସେ କେଉଁ ଉଦ୍ଦେଶ୍ୟରେ ଏଠାରେ ରହି ଏଭଳି ଦେଶଦ୍ରୋହ ➪ପୃଷ୍ଠା-୬

## ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ

● ସୂଚନା ଦେଲେ ପଞ୍ଚାୟତିରାଜ ମନ୍ତ୍ରୀ



ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଖୁବଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ। ଗ୍ରାମ୍ୟ ପାନୀୟ ଜଳ ପରିଚାଳନା ଓ ରକ୍ଷଣାବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ଏହି ନିଗମର ସବୁଠାରୁ ବଡ଼ ଭୂମିକା ରହିବ। ନିଗମ ଗଠନ ନେଇ ଖୁବ୍‌ଶୀଘ୍ର ଦୁଇଟି ରାଜ୍ୟକୁ ଓଡ଼ିଶା ଟିମ୍ ଗସ୍ତ କରିବ ବୋଲି ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ➪ପୃଷ୍ଠା-୬

## ଦାଦାଙ୍କ କାନ୍ଧରେ ବନ୍ଧୁକ ରଖି ଲୁଚିଲେ ବବି



ନିଜ ପରିବାର କଥା କହିବାକୁ ସତସାହସ ନାହିଁ

ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ)ଃ ଯାଗା ପୈତୃକ, ଘର ପୈତୃକ, ପ୍ରଣବ ପ୍ରକାଶ ଦାସ ସୁନା ଚାମଚରେ ଜନ୍ମ ହୋଇଥିଲେ, ଚାରି ପୁରୁଷ ଜମିଦାର ଥିଲେ, କୋଟି କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ରହିଛି। ଏକଥାକୁ କେହି ଅସ୍ୱୀକାର କରୁନାହାଁନ୍ତି। ହେଲେ ପୈତୃକ ଘରେ ଲାଗିଥିବା ସ୍ୟାଣ୍ଡ ଷ୍ଟୋନ୍‌କୁ ନେଇ ସୃଷ୍ଟି ହୋଇଥିବା ବିବାଦରେ କାହିଁକି ମୁହଁ ଖୋଲୁନାହାଁନ୍ତି ବବି ଦାସ। କାହିଁକି ପରିବାର ଲୋକଙ୍କୁ ନିଜ ବିବାଦକୁ ଟାଣି ସେମାନଙ୍କୁ ବିବାଦ ଘେରକୁ ଠେଲୁଛନ୍ତି। ଆଜି ବବିଙ୍କ ଦାଦା ତଥା ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଯଯାତି କେଶରୀ ଦାସଙ୍କ ସାମ୍ବାଦିକ ସମ୍ମିଳନୀ ପରେ ସାଧାରଣରେ ଏଭଳି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶା ରାଜନୀତିରେ ବବି ଦାସ ଭାରି 'ଖସଡା' ଓ ଅନ୍ୟକୁ ବଳି ପକାଇ ନିଜେ ମାଇଲେଜ ନେବାରେ ମାହିର, ଏହା ସମସ୍ତେ ଅଳ୍ପେ ବହୁତେ ଜାଣନ୍ତି। ଯେମିତିକି ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପାଇଁ ଏବେ କିଏ କାହାକୁ ଦାୟୀ କରୁଛନ୍ତି। ହେଲେ ଗତ ନିର୍ବାଚନରେ ବବି ଦାସ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରୁଥିଲେ ଏହା କାହାକୁ ଅଜଣା ଥିଲା। କିନ୍ତୁ ବବି ଦାସ ନିଜ ମୁଣ୍ଡରୁ ଦୋଷ ଖସାଇ ଯାଜପୁରରେ ନିଜକୁ ସୀମିତ କରିଦେଲେ।

ଠିକ ସେହିଭଳି ଏବେ ଯେଉଁ ବିବାଦ ସୃଷ୍ଟି ହୋଇଛି, ସେଥିରେ ବବି ପ୍ରଥମେ ଜିଲ୍ଲା ସଭାପତିଙ୍କୁ ଆଗକୁ ଛାଡ଼ିଲେ। ସେ ବି ଯାଜପୁରରେ ସ୍ପଷ୍ଟୀକରଣ ଦେବା ପରିବର୍ତ୍ତେ କଟକର ମଙ୍ଗଳାବାଗ ଛକରେ ଛିଡ଼ା ହୋଇ କିଛି ବୈଦ୍ୟୁତିକ ଗଣମାଧ୍ୟମକୁ ବାଇଟ୍ ଦେଲେ। ପରେ ଯାଜପୁର ନାଗରିକ କମିଟି ସଭାପତି ପ୍ରବୀର କୁମାର ରାୟଙ୍କ ଜରିଆରେ ଜଗନ୍ନାଥ ➪ପୃଷ୍ଠା-୬



## କାନ ଡେରିଥା

ଟିଏମସି ଭାଜପା କର୍ମୀ ପିଟାପିଟି
ନେତାଙ୍କ ଜିତିବା ପାଇଁ
ନେତା ଜିତିଗଲେ ଅଣଦେଖା
ହେବେ
କଥା ମନେ ରଖ ଭାଇ
ରକ୍ତ ବୁହାଉଛ କାହିଁ...
ନିର୍ବାଚନ ପରେ କାଣିଆ କପିଳା
ଆଉ ଦେଖାଯିବେ ନାହିଁ ।

■ ଦେବାଶିଷ

● ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଗଣତିମଣତି ଶେଷ

## ୧୯୭୮ଠାରୁ ଅଧିକ ହେବ ସ୍ୱର୍ଣ୍ଣାଳଙ୍କାର



୧୩ରୁ ଭିତର ରତ୍ନଭଣ୍ଡାରର ଗଣତିମଣତି

ପୁରୀ,୧୧।୪(ସଂଚାର ବ୍ୟୁରୋ)ଃ ଦ୍ୱିତୀୟ ପର୍ଯ୍ୟାୟର ୪ ଦିନ ଧରି ଚାଲିଥିବା ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଆଜି ଶେଷ ହୋଇଛି। ସମସ୍ତ ସେବାୟତଙ୍କ ସହଯୋଗରେ ଏହା ସମ୍ପୂର୍ଣ୍ଣ ହୋଇଛି। ଆସନ୍ତା ୧୩ରୁ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତିମଣତି ହେବ। ଭଣ୍ଡାର ମେକାପ ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ମିଶାଇଲେ ଏହା ୧୯୭୮ ମସିହା ତାଲିକାଠାରୁ ଅଧିକ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

ସେହିପରି ଆସନ୍ତା ସୋମବାର ଜିଲ୍ଲା ଟ୍ରେଜେରୀରୁ ଚାବି ଅଣାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତିମଣତି କରାଯିବ। ପ୍ରତିଦିନ ଗଣତିମଣତି ଶେଷ ହେବା ପରେ ଜଉମୁଦ ଦିଆଯାଇ ଚାବି ପୁନଶ୍ଚ ଟ୍ରେଜେରୀକୁ ନିଆଯିବ। ୧୯୭୮ ମସିହା ଗଣତିମଣତି ତାଲିକା ଅନୁଯାୟୀ ବାହାର ରତ୍ନଭଣ୍ଡାରରେ ୮୧୭୫ ଭରିର ୭୯ ପ୍ରକାର ସୁନା ଅଳଙ୍କାର ଓ ୪୭୬୧ ଭରିର ୩୯ ପ୍ରକାର ରୁପା ଅଳଙ୍କାର ଓ ଦ୍ରବ୍ୟ ରହିଛି। ରତ୍ନ ଅଳଙ୍କାରଗୁଡ଼ିକୁ ନିରବଚ୍ଛିନ୍ନ, ସୁନ୍ଦର ଓ ନିର୍ଭୁଲ ଭାବେ ଗଣତିମଣତି କରାଯାଇଛି। ତେବେ ଆସନ୍ତା ୧୪ ତାରିଖରେ ମହାବିଷୁବ ସଂକ୍ରାନ୍ତି ଥିବାରୁ ଉକ୍ତ ଦିନ ଗଣତିମଣତି ବନ୍ଦ ରହିବ ବୋଲି ➪ପୃଷ୍ଠା-୬

## ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ୍ ଅବଧି

ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନାରେ ହେବ ସମାଧାନ

ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ)ଃ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅବଧି ଆଉ ୯ ମାସ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ନୂଆ ନିର୍ଦ୍ଦେଶନାମା ଅନୁଯାୟୀ, ଟ୍ରିବ୍ୟୁନାଲର ଅବଧିକୁ ୧୪ ଏପ୍ରିଲ ୨୦୨୬ଠାରୁ ଆଉ ୯ ମାସ ପାଇଁ ବଢ଼ାଇ ଦିଆଯାଇଛି। ୨୦୨୭ ଜାନୁଆରୀ ୧୩ ଯାଏଁ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି କରାଯାଇଥିବା ବେଳେ ଆସନ୍ତା ୨୦ରେ ପରବର୍ତ୍ତୀ ଶୁଣାଣି ହେବ। ଏଥିସହ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇ ବିବାଦର ଆପୋଷ ସମାଧାନ କରାଯିବ ବୋଲି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଗତ ମାସରେ ହୋଇଥିବା କ୍ଷେତ୍ରୀୟ ପରିଦର୍ଶନର ରିପୋର୍ଟକୁ ଶୁଣାଣିରେ ଅନ୍ତର୍ଭୁକ୍ତ ➪ପୃଷ୍ଠା-୬






# ସଶକ୍ତ ହୋଇଛି ମୋହନ-ମନମୋହନ ଯୋଡ଼ି

- ଆଶାୟୀଙ୍କ ମନରେ ଆଶା ସଂଚାର
- ନିଗମ ନିଯୁକ୍ତି ପରେ ମନ୍ତ୍ରିମଣ୍ଡଳ ପାଳି



ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ବିଜେପିର ବିଭିନ୍ନ ସାଙ୍ଗଠନିକ ପଦପଦବୀ ସହ ସରକାରୀ ସ୍ତରରେ କେତେକ ପଦବୀ ପୂରଣ ନେଇ ମୋହନ-ମନମୋହନ ଯୋଡ଼ି ତତ୍ପରତା ଦେଖାଇଥିବାରୁ ଖୁବ୍‌ଶୀଘ୍ର ରାଜ୍ୟରେ ନିଗମ ନିଯୁକ୍ତି ହେବା ନେଇ ଆଶା ସଂଚାର ହୋଇଛି। ପଦବୀ ଆଶାୟୀମାନେ ଏହାକୁ ନେଇ ଉତ୍‌ଫୁଲ୍ଲିତ ହୋଇଥିବା ବେଳେ ନିଗମ ନିଯୁକ୍ତି ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଇତିମଧ୍ୟରେ ରାଜ୍ୟ ବିଜେପିକୁ ନୂଆ ରୂପ ଦେବାରେ ଲାଗିଛନ୍ତି। ପ୍ରଥମେ ଦଳୀୟ ନେତାଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦେବା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଜିଲ୍ଲା ଯୋଜନା ବୋର୍ଡରେ ବହୁସଂଖ୍ୟକ ବିଧାୟକ ଓ ଅନ୍ୟ ନେତାମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ସ୍ୱତନ୍ତ୍ର ବିକାଶ ପରିଷଦରେ ମଧ୍ୟ ଦଳୀୟ କର୍ମୀଙ୍କୁ ଥଇଥାନ କରାଯାଇସାରିଛି। ସରକାରୀ ସ୍ତରରେ ଏହି ଦୁଇ ନିଯୁକ୍ତି ସହ ସାଙ୍ଗଠନିକ ପୁନଃବିନ୍ୟାସ ମଧ୍ୟ ଜୋରଦାର ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ତାଲିକା ପ୍ରକାଶ ପାଇଥିବା ବେଳେ ଯୁବ କାର୍ଯ୍ୟକାରିଣୀ ମଧ୍ୟ ଗଠନ ହୋଇଛି।

ତ୍ୱରିତ ବେଗରେ ନିଯୁକ୍ତି ପ୍ରକ୍ରିୟା ଚାଲିଥିବାରୁ ଖୁବ୍‌ଶୀଘ୍ର ରାଜ୍ୟରେ ଖାଲି ପଡ଼ିଥିବା ନିଗମ, ସମବାୟ ସଂସ୍ଥା ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଆଶାୟୀମାନଙ୍କୁ ନିଯୁକ୍ତି ମିଳିବ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏଥିସହ ରାଜ୍ୟ ଯୋଜନା ବୋର୍ଡ ଗଠନ କରାଯାଇ ସେଠାରେ ➪ପୃଷ୍ଠା-୬

# ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଦାବି

ରାଜନଗର,୧୧।୪ (ସଂଚାର ବ୍ୟୁରୋ): ରାଜନଗର ବନଖଣ୍ଡ ଅଧିନ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ଚିଙ୍ଗୁଡି ଘେରୀ ଯୋଗୁଁ ବିଶ୍ୱପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଛି । ସିଆରଜେଡ଼ ଆଇନ ଅନୁଯାୟୀ ନଦୀ ଓ ସମୁଦ୍ରର ଜୁଆର ମାଡୁଥିବା ସ୍ଥାନର ୫୦୦ ମିଟର ମଧ୍ୟରେ ଚିଙ୍ଗୁଡି ଘେରି ରହି ପାରିବନାହିଁ । ମାତ୍ର ଉକ୍ତ ଅଞ୍ଚଳ ମଧ୍ୟରେ ଶତାଧିକ ଘେରି ରହିଛି । ଭିତରକନିକା ଜାତୀୟ ଉଦ୍ୟାନକୁ ଲାଗିକରି ମଧ୍ୟ ଅନେକ ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଛି । ଘେରି ଗୁଡ଼ିକ କେଉଁଠି ରହିଛି ବନବିଭାଗ ପକ୍ଷରୁ ଡିଜିଟାଲ ଫସଲ ସର୍ଭେ ଭଳି ପଦ୍ଧତି ଅବଲମ୍ବନ କରି ବେଆଇନ ଚିଙ୍ଗୁଡି ଘେରି ଗୁଡିକୁ ଚିହ୍ନଟ କରାଯିବା ସହିତ ସେଗୁଡିକୁ ଉଚ୍ଛେଦ କରାଯାଉ । ଏହି ଘେରି ଉଚ୍ଛେଦ ବେଳେ କୌଣସି ଚାପ ଏବଂ ଟାଳୁଟାଳୁ ନୀତି ଅବଲମ୍ବନ କରାନଯାଉ ବୋଲି ସିନ୍ଧୁକା ଫାଉଣ୍ଡେସନର ସୋନାଶିଷ ଜେନା, ବିକ୍ରମ କେଶରୀ ବିଶ୍ୱାଳ, ରଶ୍ମି ରଞ୍ଜନ ସେଠୀ, ସୁନୀଲ କୁମାର ରାଉତ ପ୍ରମୁଖ ବନଖଣ୍ଡ ଅଧିକାରୀଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ମାନସିକ ଅନଗ୍ରସରଙ୍କୁ ମିଳିଲାନି ପ୍ରମାଣପତ୍ର

### ଶିବିରରେ ସାମିଲ ହେଲେ ୮୦ ହିତାଧିକାରୀ



ଅସ୍ତରଙ୍ଗ ,୧୧।୪ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେତେକ ମାନସିକ ଅନଗ୍ରସର ରୋଗୀଙ୍କୁ ବିଭାଗୀୟ ଅଭିଜ୍ଞ ଡାକ୍ତର ପରୀକ୍ଷା କରିଥିବା ବେଳେ ସେମାନଙ୍କୁ ଆରୋଗ୍ୟ ଯୋଗ୍ୟ ଟିପ୍ପଣୀ ଦେବା ଶହ ସେମାନଙ୍କ ପ୍ରମାଣପତ୍ର ପାଇବାରୁ ବଂଚିତ ହୋଇଥିବା ଦେଖିବାକୁ ମିଳିଥିଲା। ଶିବିରରେ ୮୦ଜଣ ହିତାଧିକାରୀ ପ୍ରମାଣ ପତ୍ର ପାଇଁ ଅଭିଯୋଗ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୋଜାଲିନ ବେହେରା ଙ୍କ ନେତୃତ୍ୱ ରେ ଆୟୋଜିତ ଶିବିରରେ ବ୍ଲକ ଅଧକ୍ଷା ଆରତୀ ନାଏକ ଅତିଥି ଭାବେ ଉପସ୍ଥିତ ରହି ଉଦଘାଟନ କରିଥିଲେ।ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଅଭିଜ୍ଞ ଡକ୍ଟର ଙ୍କ ମଧ୍ୟରେ ଡ଼ଃ ସୁଶୀଲ କୁମାର ନାୟକ, ଡ଼ଃ ଚନ୍ଦ୍ରଶେଖର ମହାପାତ୍ର, ଡ଼ଃ ସୁଜିତ କୁମାର ସାହୁ, ଡ଼ଃ ରବୀନ୍ଦ୍ର କୁମାର ଘଡ଼େଇ, ଡ଼ଃ ସମ୍ବିତ ପାତ୍ର, ଡ଼ଃ ଶାନ୍ତନୁ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଚିକିତ୍ସା କରିଥିଲେ। ଶିବିରରେ ମୋଟ ୮୦ଜଣ ହିତାଧିକାରୀଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୧୩ଜଣ,ମେଡ଼ିସିନ ୦୨ଜଣ , ମାନସିକ ଅନଗ୍ରସର ୦୮ଜଣ , ଅସ୍ଥିସଲ୍ୟ ୩୨ଜଣ , ଶ୍ରବଣ ବାଧିତ ୨୫ଜଣ ପରୀକ୍ଷା କରାଇଥିଲେ। ଅନ୍ୟ ପକ୍ଷରେ ପ୍ରଶାସନକୁ ଭିନ୍ନକ୍ଷମ ବ୍ୟକ୍ତି ଟ୍ରାଇସାଇକେଲ, ହୁଇଲ ଚେୟାର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ଦେବାକୁ ଦାବୀ କରିଥିଲେ ଭିନ୍ନକ୍ଷମ।

### ବଦଳୁଛି ନିଶାଡ଼ିଙ୍କ ନିଶା ସେବନ ତରିକା

# ଚିଲମ ବଦଳରେ ଗୋଗୋ ଟାଣୁଛନ୍ତି

## ବଦଳିଛି ଗଞ୍ଜେଇ ବିକିବାର ମାଧ୍ୟମ

## ଗଳିକନ୍ଦିରେ ଅନେକ ଦୋକାନରେ ଖୁଲମ୍‌ଖୁଲ୍ଲା ବିକ୍ରି ହେଉଛି




କାକଟପୁର/ଅସ୍ତରଙ୍ଗ,୧୧।୪ (ସଂଚାର ବ୍ୟୁରୋ): ପୂର୍ବରୁ ଲୁଚାଛପା ରେ ମିଳୁଥିବା ନୀଳଜହର। ଏବେ ଗଳିକନ୍ଦିରେ ଖୋଲା ଖୋଲି ବିକ୍ରି ଚାଲିଛି। ପାନ ଦୋକାନ ଠୁ ଆରମ୍ଭ କରି ଛୋଟ ଛୋଟ ଚା "ଓ ପାନ ଦୋକାନ ଥାକରେ ଗଂଜେଇ ପୁଡିଆ ଥାକ ହୋଇ ଥୁଆ ହେଉଛି। କାଗଜ ଡବାରେ ଗଂଜେଇ ଭର୍ତ୍ତି ସାଇତା ଯାଇଛି "ଗୋଗୋ "। ନିଛାଟିଆ ଜାଗା ଛାଡି ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳର ପ୍ରତିଟି ଗାଁ ଗହଳି ରେ ମାଡିଚାଲିଲାଣି ନିଶା କାରବାର ସହ ନିଶାଡୀଙ୍କ ପ୍ରାଦୁର୍ଭାବ। ଚିଲମ ବଦଳରେ ସିଗାରେଟ ଆକୃତିର ଗୋଗୋ ଟାଣିକି ରାସ୍ତାରେ ଚକ୍କର କାଟୁଛନ୍ତି ନିଶାଡୀ। ଦୋକାନ ସାମ୍ନାରେ ମଧ୍ୟ ନିଶା ସେବନ ରେ ମାତୁଛନ୍ତି। ଅସ୍ତରଙ୍ଗ ଓ କାକଟପୁର ରେ ଗଂଜେଇ ରୁପି ନୀଳଜହର ଏମିତି ଗ୍ରାସିଛି।

ସର୍ବ ସାଧାରଣ ରେ ଗଂଜେଇ ଟାଣିବା ଦ୍ୱାରା ଆଖପାଖ ଦୁର୍ଗନ୍ଧରେ ଫାଟି ପଡୁଛି। ଦୋକାନରୁ ଅନ୍ୟ ଲୋକ ମାନେ ଗଂଜେଇ ବାସ୍ନାକୁ ସହିପାରୁନାହାନ୍ତି। ବାରଣ କଲେ, ନାଲିଆଖି ଦେଖାଉଛନ୍ତି ନିଶାଡୀ। ପୁଲିସ ଧରପଗଡ କୁ ଖାତିର କରୁନାହାନ୍ତି। ବେଧଡକ ନୀଳ ଜହର ବେପାର କି ନିଶାଡୀଙ୍କ ଉତ୍ପାତରେ ରୋକ ଲଗାଇ ପାରୁନି ପୁଲିସ ଓ ଅବକାରୀ ଟିମ୍।

ପୂର୍ବରୁ ଗଂଜେଇ ଟାଣିବାର ଏକମାତ୍ର ମାଧ୍ୟମ ଥିଲା ଚିଲମ। ଏବେ ସ୍ୱତନ୍ତ୍ର ପ୍ୟାକେଟରେ ଚିଲମ ସଦୃଶ ଖୋଳ ମିଳୁଛି। ଯାହାର ନାମ ଗୋଗୋ। ଏହାର ଦାମ୍ ୧୦ଟଙ୍କା ଗୋଗୋ। ଖୋଳରେ ଗଂଜେଇ ଭର୍ତ୍ତି ହୋଇଗଲେ ୫୦ଟଙ୍କାରେ ବିକାଯାଉଛି। ଏପରିକି ଗୋଗୋ ରେ ନିଜେ ଗଂଜେଇକୁ ଭର୍ତ୍ତି କଲେ କମ୍ ଖର୍ଚ୍ଚ ହେଉଥିବା କେତେକ ନିଶାଡୀ କହିଛନ୍ତି। ମାତ୍ର ୨୫ଟଙ୍କା ରୁ ୩୫ଟଙ୍କା ରେ ହୋଇଯାଉଛି। ଗୋଗୋ ଖୋଳରେ ଗଂଜେଇ କୁ ଠିକ ଭାବେ ପୁରାଇବା ଲାଗି ଏକ ପ୍ଲାଷ୍ଟିକ ର ଛୋଟ ପାଇପି ରହିଛି।ସେହିଭଳି" ବାଜା "ଯାହାକୁ ଚକ ଖଡ଼ି ଭାବେ ଦୋକାନ ରେ କୁହାଯାଉଛି। ସିଗାରେଟ ଲାଗି ମଧ୍ୟ ସ୍ୱତନ୍ତ୍ର ଖୋଳ ମିଳୁଛି। ସେ ଖୋଳର ନାମ ପେପେର କୋନ। ଏଥିରେ ଗଞ୍ଜେଇ ସହ ସିଗାରେଟ ପତି ଓ ବିଡି ପତିକୁ ମିଶାଇ ପେପେର କୋନରେ ଭର୍ତ୍ତି କରି ନିଶାଡୀ ଟାଣୁଛନ୍ତି। ନିଶାଡୀଙ୍କ ଗହଣରେ ଚାହିଦା ବଢୁଥିବାରୁ ବିଭିନ୍ନ କମ୍ପାନୀ ଏଭଳି ପେପେର କୋନ ପ୍ରସ୍ତୁତ କଲେଣି।

କାକଟପୁର ମୁଖ୍ୟ ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳ ସହ ଅସ୍ତରଙ୍ଗ ବ୍ଲକ ଅଂଚଳର ମୁଖ୍ୟ ବଜାର, ନଗର, ଆଳସାହି, ନଈଗୁଆଁ, ତାଳଦା ଘାଟ, କେନ୍ଦ୍ରାପଟି ଆଦି ଗାଁ ଗୁଡିକ ରେ ଖୁଲମ ଖୁଲ୍ଲା ପାନ ଦୋକାନ ରେ ଛତୁ ଫୁଟିଲା ଭଳି ଏ ସବୁ ଦୋକାନ ଖୋଲି ଚାଲିଛି। ବିଭିନ୍ନ ଗ୍ରାମରେ ମହିଳା ମାନେ ନିଶା ବେପାର ସମ୍ଭାଳୁଛନ୍ତି। ସେମାନେ ଘରେ ବାଜା ସିଗାରେଟ ପ୍ରସ୍ତୁତ କରି ଦୋକାନୀ ବା ଛୋଟ ଛୋଟ ବେପାରୀ କୁ ବିକୁଛନ୍ତି। ଦୋକାନୀମାନେ ଧରା ପଡିବା ଭୟରେ ଦୋକାନରେ ହାତ ଗଣତି ରଖୁଛନ୍ତି। ଗ୍ରାହକ ଖୋଜିଲେ ସେମାନଙ୍କୁ ଘରୁ ଆଣି ଲୁଚା ଛପାରେ ଦେଉଛନ୍ତି।

# ସହକାରୀ ଶିକ୍ଷକ ମାଧବ ବେହେରାଙ୍କୁ ସେବା ନିବୃତ ସମ୍ବର୍ଦ୍ଧନା ସମାରୋହ



ମାହାଙ୍ଗା,୧୧।୪ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହାଙ୍ଗ ଠାରେ କାହ୍ନୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମାଧବ ବେହେରାଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସମାରୋହ ନାହାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି।

କ୍ଲଷ୍ଟର ସଂଯୋଜକ ଭାଗବତ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପ୍ରାକ୍ତନ ଏବିଇଓ ନାରାୟଣ ରାଉତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ସିଆରସିସି ହରେକୃଷ୍ଣ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ନିରଞ୍ଜନ ସାହୁ, ପୂର୍ବତନ ସିଆରସିସି ରମାକାନ୍ତ ଦାସ, ଝାଡେଶ୍ୱରପୁର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ବେହେରା ଜଣେ କର୍ତ୍ତବ୍ୟନିଷ୍ଠ, ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତି ଓ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ ବୋଲି କହିବା ସହ ତାଙ୍କର ଅବଶିଷ୍ଟ ଜୀବନ ସୁଖ ଓ ଶାନ୍ତିରେ କଟୁ ବୋଲି ବକ୍ତାମାନେ ମତପୋଷଣ କରିଥିଲେ।

ଏହି ଅବସରରେ ଅତିଥିମାନେ ସେବା ନିବୃତ ସହକାରୀ ଶିକ୍ଷକ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧନା କରିଥିଲେ। ଶିକ୍ଷକ ରାକେଶ ରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ସର୍ବଶ୍ରୀ ମନୋଜ କୁମାର ଦାସ, ଅମର ପ୍ରସାଦ ଦେହୁରୀ, ଅନନ୍ତ କିଶୋର ଭୋଇ, ସୁରେନ୍ଦ୍ର ସାମଲ, ପ୍ରଦୀପ୍ତ କୁମାର ମହାପାତ୍ର, ରମଣୀ ରାଉତ, ଗଙ୍ଗୋତ୍ରୀ ଜେନା, ସାହାନାଜ ବେଗମ, ସର୍ଣ୍ଣଲତା ସେନାପତି, ନମିତା ମିଶ୍ର, ଜୟନ୍ତୀ ଷଢଙ୍ଗୀଙ୍କ ସମେତ କ୍ଲଷ୍ଟରର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଇ-ପାଠାଗାରରେ ଛେନାପୋଡ ଦିବସ ପାଳିତ



ଫୁଲବାଣୀ,୧୧।୪ (ସଂଚାର ବ୍ୟୁରୋ): ଛେନାପୋଡ ଦିବସ ଚାରିଆଡ଼େ ପାଳନ କରାଯାଉଥିବା ବେଳେ କନ୍ଧମାଳରେ ଜିଲ୍ଲା ଇ-ପାଠାଗାରରେ ଶତାଧିକ ଯୁବ ଛାତ୍ର ଛାତ୍ରୀ ଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମେଳରେ ବେଶ୍ ଆନନ୍ଦରେ ପାଳନ କରାଯାଇଛି ଛେନାପୋଡ ଦିବସ।

ଆଇ ଟି ଡି ଏ ପ୍ରକଳ୍ପ ପ୍ରଶାସକ ଶ୍ରୀ ଗଦାଧର ପାତ୍ର ସରକାରଙ୍କ ଓଡ଼ିଆ ପକ୍ଷ ଚାଲିଥିବା ସମୟରେ ଓଡ଼ିଶାର ଏକ ଲୋକପ୍ରିୟ ମିଷ୍ଟାନ୍ନ ଛେନାପୋଡ ମିଠା ଭିତରେ ସମସ୍ତଙ୍କ ପ୍ରଥମ ପସନ୍ଦ ଛେନାପୋଡ ପଲ୍ଲୀ ଠାରୁ ଦିଲ୍ଲୀ ଯାଏଁ ପରିସ୍ଫୁଟିତ ବୋଲି କହିଛନ୍ତି। ଏହାର ପ୍ରସ୍ତୁତି ଓ ସ୍ୱାଦ କୋଣ ଅନୁକୋଣରେ ପ୍ରସାର ହେବାର ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଛନ୍ତି। ଇ-ପାଠାଗାର ଗ୍ରନ୍ଥାଗାରିକ ଶିବ ସୁନ୍ଦର ସାହୁ ଛେନାପୋଡ ଇତିହାସ କୁ ବଖାଣିବା ସହ ନୟାଗଡ଼ ଜିଲ୍ଲା ଦଶପଲ୍ଲାର ବିଦ୍ୟାଧର ସାହୁ ଓ ତାଙ୍କ ସୁପୁତ୍ର ସୁଦର୍ଶନ ସାହୁଙ୍କ ଅନବଦ୍ୟ କୃତି ଆଜି ସାରା ବିଶ୍ୱ ନିଆରା ସ୍ୱାଦ ପାଇବାରେ ସକ୍ଷମ ହୋଇପାରିଛି ବୋଲି କହିଛନ୍ତି। କନ୍ଧମାଳରେ ୩ ବର୍ଷ ଧରି ଇ - ପାଠାଗାର ଓ ଆଇ ଟି ଡି ଏ ଆନୁକୁଲ୍ୟରେ ପାଳିତ ହେଉଛି ଛେନାପୋଡ ଦିବସ। ପାଠାଗାରର ଶିକ୍ଷିତ ଯୁବକ ଯୁବତୀ ଛେନାପୋଡ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଏହାର ଜି ଆଇ ଟ୍ୟାଗ ଓ ଏ ସ୍ୱାଦର ପ୍ରଚାର ପ୍ରସାର ପାଇଁ ଆଗ୍ରହ ବଳାଇଥିଲେ। ନୟାଗଡ଼ରୁ ସାମ୍ବାଦିକ ଉତ୍ପଳ କୁମାର ସାହୁଙ୍କ ଯୋଜନା ଓ ଦିବସ ପାଇଁ ଚେଷ୍ଟା କୁ ସମସ୍ତେ ସାଧୁବାଦ ଜଣାଇଛନ୍ତି।

### ସମାଜସେବୀ ଭିକାରୀ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ

## ଧୋୟାଞ୍ଚଳ ବିକାଶରେ ଭିକାରୀଙ୍କ ଅବଦାନ ଅବିସ୍ମରଣୀୟ



ପଟ୍ଟାମୁଣ୍ଡାଇ,୧୧।୪ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶରେ ଦିବଂଗତ ସମାଜସେବୀ ଭିକାରୀ ଚରଣ ବିଶ୍ୱାଳଙ୍କ ଅବିରାମ ସଂଗ୍ରାମ ଚୀରକାଳ ଅବିସ୍ମରଣୀୟ ହୋଇ ରହିବ ବୋଲି ବିଶିଷ୍ଟ ସମାଜସେବୀ ଭିକାରୀ ଚରଣ ବିଶ୍ୱାଳଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି । ଇଂ ସରୋଜ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ଅଖିଳ ଚନ୍ଦ୍ର ବିଶ୍ୱାଳ, ପ୍ରାଧ୍ୟାପକ ରବି ରଞ୍ଜନ ଶର୍ମା ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲ, ଯୁବ ନେତା ରଶ୍ମି ରଞ୍ଜନ ସ୍ୱାଇଁ (ମଣ୍ଟୁ),ସମାଜସେବୀ ଅକ୍ଷୟ ମହାନ୍ତି, ଶିକ୍ଷକନେତା ଅରୂପାନନ୍ଦ ବିଶ୍ୱାଳ,ନିରଞ୍ଜନ ମହାନ୍ତି, ଚନ୍ଦ୍ର ଭାନୁ ନାୟକ,ନିରଞ୍ଜନ ସୁନ୍ଦରରାୟ ସଚ୍ଚିଦାନନ୍ଦ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ,ତ୍ରିଲୋଚନ ରାଉତ,ଶ୍ରୀକାନ୍ତ ସାମଲ,ବସନ୍ତ ବିଶ୍ୱାଳ,ସବ୍ୟସାଚି ବିଶ୍ୱାଳ ଭାଗିରଥି ବିଶ୍ୱାଳ କାହ୍ନୁ ଚରଣ ବିଶ୍ୱାଳ ଅଜିତ ବିଶ୍ୱାଳ ବିକ୍ରମ ନାଥ,ହିମାଂଶୁ ବିଶ୍ୱାଳ, ମନୋରଞ୍ଜନ ସାମଲ,ଭରତ ଚନ୍ଦ୍ର ଦାଶ, ସୁଭାଶିଷ ବିଶ୍ୱାଳ ଧରିତ୍ରୀ ବିଶ୍ୱାଳ ଦୀପ୍ତି ବିଶ୍ୱାଳ, ସୁକାନ୍ତି ନାଥ ଶର୍ମା,ଲତିକା ବିଶ୍ୱାଳ,ନେହା ବିଶ୍ୱାଳ ଇଷା ପ୍ରିୟ ଦର୍ଶନୀ ରଜତ ବିଶ୍ୱାଳ ସଂକେତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦିବଂଗତ ସମାଜସେବୀ ଭିକାରୀ ବିଶ୍ୱାଳଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ଯୋଗ ଦେଇ ପାରି ନଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ କଟକ ଚୌଦ୍ୱାର ପୂର୍ବତନ ବିଧାୟକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଶେଷରେ ଅଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦୀପ୍ତି ବିଶ୍ୱାଳ, ଶାନ୍ତି ମହାନ୍ତି, ବାସନ୍ତୀ ନାୟକ,ଦୀପ୍ତିମୟୀ ବିଶ୍ୱାଳ ଉର୍ମିଳା ରାଉତ, ଲତିକା ବିଶ୍ୱାଳ, ନେହା ବିଶ୍ୱାଳ, ଇଷା ପ୍ରିୟଦର୍ଶନୀ ଓ ସଂକେତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

## ବିଶିଷ୍ଟ ନ୍ୟୁରୋସର୍ଜନ୍ ପ୍ରଫେସର ସୁରେଶ୍ୱରଙ୍କ ପରଲୋକରେ ଶୋକସଭା

ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ): ବିଶିଷ୍ଟ ନ୍ୟୁରୋସର୍ଜନ ଓ ଶିକ୍ଷାବିତ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରତିଷ୍ଠାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ତାଙ୍କ ପରଲୋକରେ ସୋଆ ପକ୍ଷରୁ ଶନିବାର ବିଶ୍ୱବିଦ୍ୟାଳୟ ମୁଖ୍ୟ କାର୍ଯ୍ୟାଳୟରେ



ଏକ ଶୋକସଭା ଆୟୋଜିତ ହୋଇଥିଲା। ଏହି ଶୋକ ସଭାରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ନିଜର ଶୋକ ବ୍ୟକ୍ତ କରିବା ସହ ଚିକିତ୍ସା କ୍ଷେତ୍ରରେ ପ୍ରଫେସର (ଡାକ୍ତର) ମହାନ୍ତିଙ୍କ ଅବଦାନ ଅନେକ ଛାତ୍ରଛାତ୍ରୀ ଓ ବିଶିଷ୍ଟ କର୍ମକର୍ତ୍ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଛି ବୋଲି କହିଥିଲେ।

ଏହି ଶୋକ ସଭାରେ ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଲା ଦାସ, ଜଏଂଟ ରେଜିଷ୍ଟ୍ରାର ଭୀଷ୍ମ ଚରଣ ଦାସ, ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ଶ୍ରୀ ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ସୋଆର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ଷଷ୍ଠ ଆନ୍ତଃ-ବିଭାଗ ଓ ପଞ୍ଚମ କର୍ପୋରେଟ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ପାରାଦୀପ,୧୧।୪ (ସଂଚାର ବ୍ୟୁରୋ): ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ତତ୍ତ୍ୱାବଧାନରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଆଜି ଷଷ୍ଠ ଆନ୍ତଃ-ବିଭାଗ କ୍ରିକେଟ ପ୍ରତିଯୋଗିତା ଏବଂ ପଞ୍ଚମ କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ୨୦୨୬ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ପିପିଏର ଉପାଧ୍ୟକ୍ଷ ଟି. ଭେଣୁ ଗୋପାଳ, ପିପିଏର ପରାମର୍ଶଦାତା (ଟ୍ରାଫିକ୍) ଶ୍ରୀ ଏ.କେ. ବୋଷ, ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଯୋଗଦେଇଥିଲେ। ସମାବେଶକୁ ସମ୍ବୋଧିତ କରି ସେ ଦଳଗତ କାର୍ଯ୍ୟ, ଏକତା ଏବଂ କ୍ରୀଡ଼ା ମନୋଭାବର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏପରି ପ୍ରତିଯୋଗିତା ଖେଳ ବାହାରେ ଯାଇ କର୍ମଚାରୀମାନଙ୍କ ମଧ୍ୟରେ ବିଶ୍ୱାସ, ସମନ୍ୱୟ ଏବଂ ଦୃଢ଼ ବୃତ୍ତିଗତ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ସେ ଅଂଶଗ୍ରହଣକାରୀମାନଙ୍କୁ ନିରପେକ୍ଷତା, ସୁରକ୍ଷା ଏବଂ ଖେଳର ପ୍ରକୃତ ଆତ୍ମାକୁ ବଜାୟ ରଖିବାକୁ ମଧ୍ୟ ଉତ୍ସାହିତ କରିଥିଲେ।

ଏହି ଆନ୍ତଃ-ବିଭାଗ ଟୁର୍ନାମେଣ୍ଟରେ ପ୍ରଶାସନ, ସତର୍କତା, ଅର୍ଥ, ଇଞ୍ଜିନିୟରିଂ, ଚିକିତ୍ସା, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ, ଟ୍ରାଫିକ ଏବଂ ମେରାଇନ ସମେତ ବିଭିନ୍ନ ବିଭାଗ ଉତ୍ସାହଜନକ ଅଂଶଗ୍ରହଣ କରୁଛନ୍ତି। କର୍ପୋରେଟ ଟୁର୍ନାମେଣ୍ଟରେ ଆଇଓସିଏଲ, ଇଫକୋ , ଆଦାନୀ ୱିଲମାର, ଭାରତୀୟ ତଟରକ୍ଷୀ ବାହିନୀ, ପାରାଦୀପ ପୋଲିସ, ରେଳବାଇ (ପାରାଦୀପ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଭଳି ପ୍ରମୁଖ ସଂଗଠନର ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି।

ଗୋପବନ୍ଧୁ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ, ମ୍ୟାଚ୍‌ଗୁଡ଼ିକ ସନ୍ଧ୍ୟାରେ ଫ୍ଲଡ୍ ଲାଇଟ୍ ତଳେ ଅନୁଷ୍ଠିତ ହେଉଛି, ଯାହା ଖେଳାଳି ଏବଂ ଦର୍ଶକ ଉଭୟଙ୍କ ପାଇଁ ଏକ ସ୍ପନ୍ଦନଶୀଳ ଏବଂ ଆକର୍ଷଣୀୟ ପରିବେଶ ସୃଷ୍ଟି କରୁଛି। ଆନ୍ତଃ-ବିଭାଗ କ୍ରିକେଟ୍ ଟୁର୍ନାମେଣ୍ଟ ୧୩ ଏପ୍ରିଲ ୨୦୨୬ ରେ ଶେଷ ହେବ, ଯେତେବେଳେ ଆନ୍ତଃ-ବିଭାଗ ଏବଂ କର୍ପୋରେଟ ଟୁର୍ନାମେଣ୍ଟ ପାଇଁ ଏକ ମିଳିତ ବିଦାୟ ସମାରୋହ ୧୯ ଏପ୍ରିଲ ୨୦୨୬ରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଶ୍ରୀ ଏଚ୍.ଏସ୍. ରାଉତ, ମୁଖ୍ୟ ଇଞ୍ଜିନିୟର ଏବଂ ସଭାପତି, ଏବଂ ଡକ୍ଟର ଡି.ପି. ସେଠି, ବରିଷ୍ଠ ଉପ-ସିଏମଓ ଏବଂ କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ପରିଚାଳିତ ହେଉଛି।

## ହୃଦ୍‌ଘାତରେ ରୋଷେୟାଙ୍କ ମୃତ୍ୟୁ



ନିଶ୍ଚିନ୍ତକୋଇଲି,୧୧।୪(ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ଜମରା ଗ୍ରାମର ଜଣେ ସୁନାମ ଧନ୍ୟ ରୋଷେୟା ବରଦା ପ୍ରସନ୍ନ ଶତପଥି(୬୫)ଙ୍କର ହୃଦଘାତ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ। ବିଭିନ୍ନ ପର୍ବପର୍ବାଣୀ, ବିବାହ, ବ୍ରତ ଭୋଜିରେ ସେ ରୋଷେୟା ଭାବେ କାର୍ଯ୍ୟ କରି ଏ ଅଞ୍ଚଳରେ ବେଶ୍ ପରିଚିତ ହୋଇଥିଲେ। ଶୋକାକୂଳ ପରିବେଶରେ ତାଙ୍କ ମରଶରୀରକୁ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ତାଙ୍କର ଜ୍ୟେଷ୍ଠପୁତ୍ର ଲଲାଟେନ୍ଦୁ ଶତପଥି ମୁଖାଗ୍ନି ଦେଇଥିଲେ। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ସରପଞ୍ଚ ରମାକାନ୍ତ ମହାନ୍ତି, ସମିତିସଭ୍ୟ ଭାବାନୀଶଙ୍କର ବେହେରାଙ୍କ ସମେତ ବହୁ ବିଶିଷ୍ଟ ବିଶିଷ୍ଟ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



କେନ୍ଦ୍ରାପଡ଼ା,୧୧।୪(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ମୁସଲିମବସ୍ତିର ସ୍ୱର୍ଗତ ମିର୍ଜାଇରଫାନ ବେଗ୍‌ଙ୍କ ପତ୍ନୀ ଗୋରୀ ବିବିଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜନାଜା ପାଠ କରାଯିବା ପରେ ଚାଟରାଚକଡାସ୍ଥିତ କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି ।

# ବାରିପଦାରେ ବୁଲିଲା 'ଶିକ୍ଷା ସଚେତନତା ରଥ'

### ଗାଁ ଗାଁରେ ପହଞ୍ଚିଲା 'ଆସ ସ୍କୁଲ ଯିବା' ବାର୍ତ୍ତା




ବାରିପଦା,୧୧।୪ (ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାରିପଦା ବ୍ଲକରେ ଆୟୋଜିତ 'ଶିକ୍ଷା ସଚେତନତା ରଥ' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ପିଲାମାନଙ୍କୁ ବିଦ୍ୟାଳୟମୁଖୀ କରିବା ଏବଂ ଶିକ୍ଷା ପ୍ରତି ସମାଜରେ ବ୍ୟାପକ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ରଥ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ବ୍ଲକ୍ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀଙ୍କ ତତ୍ତ୍ୱାବଧାନରେ ତଥା ଏବିଇଓ ତଥା ବିଆରସିସି ତପସ୍ୱିନୀ ଦାଶ ଏବଂ ଏବିଇଓ ବ୍ରଜମୋହନ ମୁର୍ମୁଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ।

ଚଳିତ ମାସ ୪ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ଧରି ଏହି ଶିକ୍ଷା ରଥ ବାରିପଦା ବ୍ଲକର ମୋଟ ୧୩ ଗୋଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ, ଗ୍ରାମ ଏବଂ ହାଟ ଅଞ୍ଚଳରେ ବୁଲିଥିଲା। 'ଆସ ସ୍କୁଲ ଯିବା' ର ବାର୍ତ୍ତାକୁ ଏହି ରଥ ପ୍ରତିଟି ଗଳିକନ୍ଦିରେ ପହଞ୍ଚାଇବାରେ ସଫଳ ହୋଇଛି ବୋଲି ବିଇଓ ଶ୍ରୀ ସେଠି ପ୍ରକାଶ କରିଛନ୍ତି। ଏହି ଜନସଚେତନତା ମୂଳକ କାର୍ଯ୍ୟକ୍ରମରେ ଡାଏଟ୍, ବାରିପଦାର ଶିକ୍ଷକମାନେ ମଧ୍ୟ ସାମିଲ ହୋଇ ରଥକୁ ଉତ୍ସାହର ସହ ସ୍ୱାଗତ କରିଥିଲେ । ଏହି ଅଭିଯାନରେ ୧୩ଟି କ୍ଲଷ୍ଟରର ସମସ୍ତ ସିଆରସିସି, ଶିକ୍ଷକ/ଶିକ୍ଷୟତ୍ରୀ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ଅଞ୍ଚଳରେ ରଥକୁ ସାଧାରଣ ଜନତାଙ୍କ ନିକଟରୁ ବିପୁଳ ସମର୍ଥନ ଓ ସହଯୋଗ ମିଳିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିବାର ଏବଂ ଜନସାଧାରଣ ବେଶ୍ ଆଗ୍ରହ ଓ ଉଦ୍ଦୀପନାର ସହ ରଥକୁ ସ୍ୱାଗତ କରିଥିଲେ ।

ଶେଷ ଦିନ ୧ ନମ୍ବର ୱାର୍ଡର କାଉନସିଲର ସୁକେଶିନୀ ସେଠୀ ଏବଂ ରେଡକ୍ରସର ଆଜୀବନ ସଦସ୍ୟ ତଥା ସମାଜସେବୀ ଅମର ସେଠୀ ବୁଢ଼ୀଖମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶିକ୍ଷା ରଥର କର୍ମକର୍ତ୍ତାମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରି ରଥକୁ ଏକ ଭବ୍ୟ ସ୍ୱାଗତ ଜଣାଇଥିଲେ। ପ୍ରଶାସନ ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଏକ ନୂତନ ଶିକ୍ଷା ବିପ୍ଳବର ବାର୍ତ୍ତା ବହନ କରିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଶ୍ରୀ ଶ୍ରୀ ବାସୁଦେବଜୀଉଙ୍କ ପୀଠରେ ଚୈତ୍ର ପର୍ବ ଅନୁଷ୍ଠିତ



ନିଶ୍ଚିନ୍ତକୋଇଲି, ୧୧।୪ (ସଂଚାର ବ୍ୟୁରୋ):ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବୁହାଲୋ ପଞ୍ଚାୟତ ଅଧିନସ୍ଥ ଜମରା ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ବାସୁଦେବଜୀଉଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା ମହାଆଡମ୍ବରରେ ପାଳିତ ହୋଇଯାଇଛି। ପୀଠ ପରିସରରେ ବିମାନ ଗୁଡିକ ଅବସ୍ଥାପିତ ହେବା ପରେ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ବିମାନଗୁଡିକୁ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥାଏ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟେହ ସ୍ଥାନୀୟ ଅଞ୍ଚଳବାସିନ୍ଦା ଏହି ସମାରୋହରେ ସାମିଲ ହୋଇଥାଆନ୍ତି। ଅନୁଷ୍ଠାନ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଜନାର୍ଦ୍ଦନ ପରିଡ଼ାଙ୍କଙ୍କସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ଷୀରୋଦ ଚନ୍ଦ୍ର ପରିଡ଼ା, ମୃତ୍ୟୁଞ୍ଜୟ ବାରିକ, ସୁରେଶ ବେହେରା, ଗଣେଶ୍ୱର ବେହେରା, ଗୋପାଳଚନ୍ଦ୍ର ବେହେରା, ଭାଗବତ ବେହେରା, ରମାକାନ୍ତ ପରିଡ଼ା, ଜଟାଧାରୀ ବେହେରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

● କୋର୍ଟ ନିର୍ଦ୍ଦେଶର ଅବମାନନା ଅଭିଯୋଗ

# ବିଏମ୍‌ସି ବିରୋଧରେ ଆନ୍ଦୋଳନ ନିଷ୍ପତ୍ତି



ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ) : କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ଆଶୋକନଗରଠାରେ ବିଏମସିର ଉଚ୍ଛେଦକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଉଠାଦୋକାନୀ। ଏନେଇ ସେମାନେ ପୁଣ ଥରେ ଅଦାଲତର ଆଶ୍ରୟ ନେବାକୁ ଧମକ ଦେବା ସହ ରାଜରାସ୍ତାରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଅଶୋକନଗରଠାରେ ରମେଶଚନ୍ଦ୍ର ରାଉତ ଓ ଅନ୍ୟ ୫୪ଜଣ ବ୍ୟବସାୟୀ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ୨୦୧୯ରେ ଭୁବନେଶ୍ୱର ମହାନଗର ନିଗମ ଉଚ୍ଛେଦ ପାଇଁ ଉଦ୍ୟମ କରିବାରୁ ଖୋର୍ଦ୍ଧା ସିଭିଲ୍ ଜଜ୍ ସିନିୟର ଡିଭିଜନ, ଦେୱାନୀ ଅଦାଲତ ଭୁବନେଶ୍ୱର କେସ୍ ନଂ.୮୭୦-୨୦୧୯ ବଳରେ ୫୫ ଜଣଙ୍କ ଦୋକାନର ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ଅଦ୍ୟାବଧି ବଳବତ୍ତର ଥିବା ସତ୍ତ୍ୱେ ଆଜି ସକାଳେ ବିଏମ୍‌ସି କମିଶନର ଉଚ୍ଛେଦ ପାଇଁ ଆସିଥିଲେ। ତାଙ୍କୁ ସଂଘର ସଭାପତି ସୁର ଜେନା କୋର୍ଟଙ୍କର ଏହି ନିର୍ଦ୍ଦେଶନାମା ଦେଖାଇବାରୁ କମିଶନର ଫେରିଯାଇଥିଲେ। ମାତ୍ର ଏହା ପରେ ଅନ୍ୟ ଅଧିକାରୀ ଦଳ ଆସି ସକାଳ ୮ଟା ଭିତରେ ୨୮ଟି ଦୋକାନକୁ ଗୋଟିକ ପରେ ଗୋଟିଏ ଧ୍ୱଂସ କରିଦେଲେ। ଭଙ୍ଗାଦୋକାନ ସମେତ ସମସ୍ତ ସାମଗ୍ରୀ ନେଇଗଲେ।

ବଳପୂର୍ବକ ଉଚ୍ଛେଦ ଯୋଗୁଁ କ୍ଷତିଗ୍ରସ୍ତ ଦୋକାନୀଙ୍କ ମଧ୍ୟରୁ ବିଜୟ ସ୍ୱାଇଁ, ପ୍ରମୋଦ ଦେହୁରୀ, ସନ୍ତୋଷ ନାୟକ, ଅର୍ଜୁନ ସେଠୀ, ରମେଶ ଜେନା, ବଟ ସାହୁ, ଟି. ଶଙ୍କର ରାଓ, ଅଜିତ କୁମାର ବେହେରା ଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଅନେକ ଦୋକାନୀ ଏହାର ପ୍ରତିବାଦ କରିଛନ୍ତି। ଏହି ଘଟଣା ପରେ କ୍ଷତିଗ୍ରସ୍ତ ଦୋକାନୀଙ୍କ ସହ ଭୁବନେଶ୍ୱର ଉଠାଦୋକାନୀ ବ୍ୟବସାୟୀ ସଂଘର ବୈଠକ ବସି ଉପଯୁକ୍ତ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୮ ଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ପାଇଁ ରାଜରାସ୍ତାରେ ଆନ୍ଦୋଳନ ସହ ଆଇନ ଅଦାଲତରେ ଲଢ଼େଇ ଚାଲିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି।

# ଲଙ୍ଗଳକଣ୍ଟିରେ ଅଣ୍ଡରପାସ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




କେନ୍ଦୁଝର,୧୧।୪(ସଂଚାର ବ୍ୟୁରୋ): ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଓ ଟ୍ରାଫିକ୍ ଗତିକୁ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଲଙ୍ଗଳାକଣ୍ଟିଠାରେ ନୂତନ ଜାତୀୟ ରାଜପଥ-୨୦ରେ ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍‌ର ଉଦଘାଟନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ଅଣ୍ଡରପାସ୍ ଏନ୍‌ଏଚ୍-୨୦ ସହ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଓ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଟ୍ରାଫିକ ହ୍ରାସ କରିବ। ଲଙ୍ଗଳକଣ୍ଟିସ୍ଥିତ ଏହି ଅଣ୍ଡରପାସ୍ ଟିକିରା, ଢେଙ୍କିକୋଟ ଓ ବାରବେଡା ଭଳି ନିକଟବର୍ତ୍ତୀ ଅଞ୍ଚଳରେ ଟ୍ରାଫିକ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବେ କାର୍ଯ୍ୟ କରିବା ସହ ସୁଗମ ପରିବହନ ଓ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଓ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ଉପସ୍ଥିତ ଥିଲେ।

## ଶଙ୍ଖ ଭବନରେ ବିଶ୍ୱ ଛେନାପୋଡ଼ ଦିବସ



ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ): ଆଜି ଶଙ୍ଖ ଭବନରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ରାଜ୍ୟସଭା ସାଂସଦଡ଼ ସଂତୃପ୍ତ ମିଶ୍ର ଛେନାପୋଡ଼ କାଟି ଉପସ୍ଥିତ ଦଳର କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କୁ ଖୁଆଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ପ୍ରିୟବ୍ରତ ମାଝୀ, ସଂଖ୍ୟାଲଘୁ ସେଲ୍‌ର ସହ-ସଂଯୋଜକ ରିଜୱାନା ବେଗମ, ଜ୍ୟୋତ୍ସ୍ନା ପରିଡ଼ା, ଛଲା ସ୍ୱାଇଁ, ସ୍ୱର୍ଣ୍ଣଲତା ସାମଲ, ତିଲୋତ୍ତମା ଚୌଧୁରୀ, ସୁରେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଅତ୍ୟାଧୁନିକ ଫେକୋ ମେସିନ

ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଲାୟନ୍ସ ହସ୍ପିଟାଲ ଫାଉଣ୍ଡେସନ ଆଣ୍ଡ ରିସର୍ଚ୍ଚ ଟ୍ରଷ୍ଟ ଅଧୀନସ୍ଥ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଆଜି କାଟ୍ରାକ୍ଟ ସର୍ଜରୀ ପାଇଁ ଏକ ଆଧୁନିକ ଫେକୋ ମେସିନର ଉଦଘାଟନ କରାଯାଇଛି। ଏଲଆଇସି ଗୋଲଡେନ ଜୁବୁଲି ଫାଉଣ୍ଡେସନ ପକ୍ଷରୁ ଏହି ମେସିନଟିକୁ ପ୍ରଦାନ କରାଯାଇଛି। ଉଦଘାଟନୀ ଉତ୍ସବରେ ଏଲଆଇସିର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳକାନ୍ତି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଲଆଇସିର ଆଞ୍ଚଳିକ ପ୍ରବନ୍ଧକ ମନୋରଞ୍ଜନ ଦାସ ଓ ମାର୍କେଟିଂ ମ୍ୟାନଜର ପ୍ରମୋଦ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଲଆଇସିର ଅନ୍ୟ



ଅଧିକାରୀଙ୍କ ସମେତ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରୱାଲା ଓ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଅଧ୍ୟକ୍ଷ ଲାୟନ ଧୀରେନ ଧଳ, ଲାୟନ୍ସ କ୍ଲବର ଅନ୍ୟ ସଦସ୍ୟ ଓ ଡାକ୍ତରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଲାୟନ ଅଶୋକ ଅଗ୍ରୱାଲା ଏଲଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନକୁ ଧନ୍ୟବାଦ ଜଣାଇବା ସହ ଏହାଦ୍ୱାରା ବହୁ ରୋଗୀ ଉପକୃତ ହେବେ ବୋଲି କହିଥିଲେ।

## ସ୍ୱରାଜ ଆଶ୍ରମରେ ଅମୃତପିଢ଼ି ସାରସ୍ୱତ ସମାରୋହ



କଟକ, ୧୧।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅମୃତପିଢ଼ି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଉପସ୍ଥିତ ସାହିତ୍ୟିକ ଓ ଅତିଥିମାନଙ୍କୁ ଓଡ଼ିଆ ସାହିତ୍ୟର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକ, ବିଶିଷ୍ଟ କବି ଓ ମୁଖ୍ୟ ଅତିଥି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ କବି ଓ ସାହିତ୍ୟିକ ସୁରେଶ ନାୟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପ୍ତି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାକୁ ସର୍ବାଧିକ ୧୦ ବିଶ୍ୱକର୍ମା ପୁରସ୍କାର



ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ): ନୂଆଦିଲ୍ଲୀସ୍ଥିତ ବିଆର୍ ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସିଆଇଡିସି ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାକୁ ସର୍ବାଧିକ ୧୦ଟି ପୁରସ୍କାର ମିଳିଛି। ପୂର୍ତ୍ତ ବିଭାଗର ୩ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିବା ବେଳେ ଜଳସମ୍ପଦ ବିଭାଗର ୫ଟି ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପକୁ ପୁରସ୍କୃତ କରାଯାଇଛି। ଏଥିସହ ଓଡ଼ିଶାର ୧୦ଟି ପ୍ରକଳ୍ପକୁ ମିଶାଇ ଏହି ଅବସରରେ ମୋଟ୍ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ରାଜ୍ୟ ପୂର୍ତ୍ତ ବିଭାଗର ତିନିଗୋଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସର୍ ହସ୍ପିଟାଲକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲ ଆଦି ୫ଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧୀରେନ୍ଦ୍ର କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିବା ବେଳେ ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ।

## ସ୍ତ୍ରୀକୁ ମାରିଦେଲା ସ୍ୱାମୀ

ବଣାଇ,୧୧।୪(ସଂଚାର ବ୍ୟୁରୋ): ଘରୋଇ କଳିରୁ ସ୍ତ୍ରୀକୁ ହତ୍ୟା କଲା ସ୍ୱାମୀ। ଏଭଳି ଅଭିଯୋଗ ଆସିଛି ସୁନ୍ଦରଗଡ ଲହୁଣୀପଡା ଥାନା ଅନ୍ତର୍ଗତ ବରଶୁଆଁ ନିକଟ ଶସ୍ୟକଳା ଗାଁରୁ। ମିଳିଥିବା ସୂଚନାନୁଯାୟୀ, ଶସ୍ୟକଳା ଗାଁର ସାରଫିନା ମିଞ୍ଜ ଓ ତାଙ୍କ ସ୍ୱାମୀ ଜୁଲୁ ମିଞ୍ଜଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ତେବେ ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଜୁଲୁ ପାଖରେ ପଡ଼ିଥିବା ଏକ କାଠ ଫାଳିଆ ଆଣି ସାରଫିନାଙ୍କ ମୁଣ୍ଡକୁ ଜୋର୍‌ରେ ପିଟିଦେଇଥିଲା। ଏଥିରେ ସାରଫିନା ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସାରଫିନାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଉକ୍ତ କାଠ ଫାଳିଆ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀ ଜୁଲୁକୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତ ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

# କଂଗ୍ରେସକୁ ଫେରିଲେ ସାଧୁ



ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ): ପୂର୍ବତନ ବରଗଡ଼ କଂଗ୍ରେସ ବିଧାୟକ ସାଧୁ ନେପାକ ଆଜି ତାଙ୍କର ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ସହ-ପ୍ରଭାରୀ ଜେଙ୍ଗୀ କୁସୁମ କୁମାର ତଥା ଅନ୍ୟ ତୁଙ୍ଗ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ବିଜେଡି ପରିତ୍ୟାଗକରି କଂଗ୍ରେସ ଦଳରେ ପୁନର୍ବାର ଯୋଗଦାନ ଦେଇଛନ୍ତି। କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ମିଶ୍ରଣ ସଭାରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସାଧୁ ବାବୁଙ୍କ ଘରବାହୁଡା ସୂଚାଉଛି ଯେ, ଭବିଷ୍ୟତରେ କଂଗ୍ରେସ ଆସୁଛି। ସେ ଯୋଗଦେବା ଫଳରେ ପଶ୍ଚିମାଞ୍ଚଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ କଂଗ୍ରେସ ଦଳପ୍ରତି ସମର୍ଥନ ନିଶ୍ଚୟ ବୃଦ୍ଧି ପାଇବ। ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ କହିଥିଲେ, ପିସିସି ସଭାପତିଙ୍କ ଚିନ୍ତାଧାରାର ମୁଁ ଜଣେ ପ୍ରଶଂସକ। ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁଁ ମୁଁ ଦଳକୁ ଫେରିବାକୁ ମନସ୍ଥ କରିଥିଲି। ମୋର ଦେହ ଅନ୍ୟଠି ଥିଲେ ମଧ୍ୟ ମୋ ଆତ୍ମା କଂଗ୍ରେସ ଭବନରେ ଥିଲା। ଆଗକୁ ସଭାପତି ଯାହା ଦାୟିତ୍ୱ ନ୍ୟସ୍ତ କରିବେ ମୁଁ ତାହା କାର୍ଯ୍ୟକାରୀ କରିବି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ସେ କଂଗ୍ରେସର ବିଧାୟକ ଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।

# କଟକ ନଗର କଂଗ୍ରେସ ନବନିଯୁକ୍ତ ସଭାପତିଙ୍କ ଶକ୍ତି ପ୍ରଦର୍ଶନ



କଟକ, ୧୧।୪ (ସଂଚାର ବ୍ୟୁରୋ): କଟକ ନଗର (ଜିଲ୍ଲା) କଂଗ୍ରେସର ନବନିଯୁକ୍ତ ସଭାପତି ସାତ୍ତ୍ୱାୟନ ମିଶ୍ର ଆଜି କଟକ ସହରର ପ୍ରସିଦ୍ଧ ପଞ୍ଚମୁଖୀ ହନୁମାନ ମନ୍ଦିରରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ମନ୍ଦିରରେ ଶ୍ରୀ ମିଶ୍ରଙ୍କର ହଜାରେରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। କଟକ ନଗର କଂଗ୍ରେସ ଅଧିନସ୍ଥ ସମସ୍ତ ୫୯ଗୋଟି ୱାର୍ଡ ଓ ୯ଗୋଟି ବ୍ଲକର ସମସ୍ତ ୱାର୍ଡ କର୍ମକର୍ତ୍ତା, ବ୍ଲକ୍ କର୍ମକର୍ତ୍ତା ସହ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିଜୟଲକ୍ଷ୍ମୀ ସାହୁ, ଆଇଏନଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବି ମଲ୍ଲିକ, ପିସିସି ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତିଙ୍କ ସମେତ କର୍ପୋରେଟର ଜେ. କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇ ନବନିଯୁକ୍ତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନିଜକୁ ଜାଳିଦେଲେ ଯୁବତୀ

ପାରଳାଖେମୁଣ୍ଡି,୧୧।୪(ସଂଚାର ବ୍ୟୁରୋ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର ଖଞ୍ଜା ସାହିରେ ଶୁଭ୍ର ସାମଲଙ୍କ ଝିଅ ଘରେ କେହି ନ ଥିବାର ସୁଯୋଗ ଦେଇ ନିଜ ଦେହରେ କିରାସିନି ଢାଳି ଆତ୍ମଦାହ କରିଛନ୍ତି। ପରେ ଘରର ଶିଡ଼ି ତଳୁ ପୁଲିସ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି।

ସିଜିମାଳି ଆକ୍ରମଣ ପ୍ରକରଣ

## ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି



ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀଙ୍କ ଉପରେ ପ୍ରଶାସନର ବର୍ବରୋଚିତ କାଣ୍ଡକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହ ଆଦିବାସୀଙ୍କୁ ଉଚିତ ନ୍ୟାୟ ଦେବା ଲାଗି ଦଳ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ମଧ୍ୟ ଲୋଡ଼ିଛି। ଏହା ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିର ପ୍ରତିଫଳନ ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡା ଜିଲ୍ଲା ସଭାପତି ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଅଭିଯୋଗ କରିଛନ୍ତି।

ଦଳର ଏକ ପ୍ରତିନିଧିମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ସେମାନେ ବିରୋଧ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କ ଉପରେ ଜୁଲୁମ କରାଯାଇଥିଲା। ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ ଶ୍ରୀ ସାରକା କହିଛନ୍ତି। ସେହିପରି ଝିନ୍ନ ହିକକା କହିଥିଲେ, ଆଦିବାସୀଙ୍କ ଉପରେ ପୋଲିସ ଓ ପ୍ରଶାସନର ବର୍ବରକାଣ୍ଡ ଆଦୌ ଗ୍ରହଣୀୟ ନୁହେଁ। ସେମାନେ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ହେଉଥିବା ଦାବିକରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆସୁଥିଲେ। କିନ୍ତୁ ବିଳମ୍ବିତ ରାତିରେ ସମସ୍ତେ ଶୋଇଥବା ସମୟରେ ବିଜୁଳି ଲାଇନ କାଟି ପ୍ରଶାସନ ଯେଭଳି ଭାବେ ସେମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣ କଲା ତାହା ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି।

# ମେ’ ଶେଷ ସୁଦ୍ଧା ବାରବାଟୀ ଫୁଡ୍ କୋର୍ଟ



କଟକ, ୧୧।୪(ସଂଚାର ବ୍ୟୁରୋ): ମେ’ ମାସ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହରେ ବାରବାଟୀ ଫୁଡକୋର୍ଟ ଉଦଘାଟିତ ହେବ। କଟକ ମେୟର ସୁବାସ ସିଂ ସିଏମସି କମିଶନର ଓ ବ୍ୟବସାୟୀଙ୍କ ସହ ଫୁଡ କୋର୍ଟ ପରିଦର୍ଶନ ବେଳେ ଏହା କହିଛନ୍ତି। ବାରବାଟୀ ଫୁଡକୋର୍ଟରେ ୮୦ରୁ ଅଧିକ ଫୁଡ୍ ଷ୍ଟଲ ହୋଇଥିବା ବେଳେ ୪୬ଟି ଲଟେରୀ ମାଧ୍ୟମରେ ଆବଣ୍ଟନ ହୋଇସାରିଛି। ବାକି ଦୋକାନ ପାଇଁ ଏପ୍ରିଲ ୨୬ ଭିତରେ ଆବେଦନ ଗ୍ରହଣ କରାଯିବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏହା ଫଳରେ ବାରବାଟୀ ଷ୍ଟାଡିୟମ ସମ୍ମୁଖ ପଡିଆରେ ଦେଢ଼ବର୍ଷ ହେଲା କାମ ଶେଷହୋଇ ବନ୍ଦ ପଡିଥିବା ବେଳେ ଫୁଡକୋର୍ଟ ଶୀଘ୍ର ଖୋଲିବାର ସମ୍ଭାବନା ସୃଷ୍ଟି ହୋଇଛି। ଆଜି ମେୟର ସୁବାସ ସିଂ ସିଏମସି କମିଶନର ଓ ବ୍ୟବସାୟୀମାନଙ୍କୁ ସାଥୀରେ ଧରି ଫୁଡ କୋର୍ଟ ବୁଲି ଦେଖିଛନ୍ତି। ବାକି ବାଉଣ୍ଡରୀ କାମ ଶୀଘ୍ର ଶେଷ ହେବ ବୋଲି ମେୟର କହିଛନ୍ତି। ମେୟର କହିଛନ୍ତି, ଏଠାରେ ୮୦ ରୁ ଅଧିକ ଷ୍ଟଲ ରହିଛି। ୪୬ ଟି ର ଆବଣ୍ଟନ ସରିଲାଣି। ବାକି ଏପ୍ରିଲ ୨୬ ଭିତରେ ଅନଲାଇନ ରେ ଆବେଦନ କରିଥିବା ବ୍ୟବସାୟୀ ଭାଇମାନଙ୍କୁ ସଠିକ ଢଙ୍ଗରେ ବଣ୍ଟାଯିବ। ପରେ ମେ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହରେ ଫୁଡ କୋର୍ଟ ଖୋଲାଯିବ।

ଏହି ଫୁଡକୋର୍ଟରେ ଦହିବରା ଆଳୁଦମ ସହ ଚାଟ୍, ଫାଷ୍ଟଫୁଡ ଓ କଫିଷ୍ଟଲ ରହିବ। ପ୍ରତିଦିନ ବାରବାଟୀ ଷ୍ଟାଡିୟମ, ବାରବାଟୀ ଦୁର୍ଗ, ଗଡଗଡିଆ ମନ୍ଦିର, ଚଣ୍ଡିମନ୍ଦିରକୁ ଶହ ଶହ ପର୍ଯ୍ୟଟକ ଆସୁଥିବାରୁ ସେମାନେ ଏହି ଫୁଡ କୋର୍ଟ ବୁଲି ଖାଦ୍ୟର ସ୍ୱାଦ ନେଇ ପାରିବେ। ତେଣୁ ଏଠାରେ ସୁନ୍ଦର ଓ ଶୁଦ୍ଧ ଖାଦ୍ୟ ଯେପରି ମିଳିବ ସେଥିପାଇଁ ଏକ ନିୟମାବଳୀ ପ୍ରସ୍ତୁତ ହେବ ବୋଲି କମିଶନର କହିଛନ୍ତି।

ହଟିନି ଅନ୍ଧବିଶ୍ୱାସର ଅନ୍ଧାର

# ଏବେ ବି ମହିଳାଙ୍କୁ ପ୍ରଥମେ ଡଙ୍ଗା ଚଢ଼ିବା ମନା

● ଯାତ୍ରୀବାହୀ ବସ୍‌ରେ ବି ସମାନ ସ୍ଥିତି

● କୁତ୍ସିତ ପ୍ରଥା ବନ୍ଦ ପାଇଁ ଦାବି କଲେ ମହିଳା



ଜଗତସିଂହପୁର,୧୧।୪(ସଂଚାର ବ୍ୟୁରୋ): ପାଖାପାଖି ୮ ଦଶନ୍ଧି ତଳୁ ଦେଶ ସ୍ୱାଧୀନତା ଲାଭ କରିଥିବା ବେଳେ ସ୍ୱାଧୀନ ଭାରତରେ ମହିଳାଙ୍କୁ ପୁରୁଷ ସହ କାନ୍ଧ ମିଳାଇ ଚାଲିବା ସକାଶେ ସରକାର ନାନାଦି ପଦକ୍ଷେପ ନେଉଛନ୍ତି। ପ୍ରତିଟି କ୍ଷେତ୍ରରେ ମହିଳାଙ୍କୁ ସମାଜରେ ପୁରୁଷ ସହ ବରାବର ସ୍ଥାନ ଦେବା ସକାଶେ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ରାଜ୍ୟରେ ଏବେ ବି ଏପରି ଏକ ସ୍ଥାନ ରହିଛି, ଯେଉଁଠି ମହିଳାଙ୍କୁ ପୁରୁଷ ସହ ସମାନ ସମ୍ମାନ ମିଳିବା ତ ଦୂରର କଥା, ବରଂ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ ମହିଳାଙ୍କୁ ଡଙ୍ଗା କି ବସ୍‌ରେ ପ୍ରଥମ ଯାତ୍ରୀ ହେବାକୁ ବାରଣ କରୁଛନ୍ତି। ଡଙ୍ଗା କି ବସ୍ ସକାଳୁ ସକାଳୁ ଗନ୍ତବ୍ୟ ପଥରେ ବାହାରିବା ବେଳେ ଚାଳକ କିମ୍ବା ନାଉରିଆ ମହିଳାମାନେ ପ୍ରଥମେ ଚଢ଼ିଲେ କିଛି ନା କିଛି ଅଶୁଭ ହେବ ବୋଲି ବିଚାର କରି ପ୍ରଥମେ କେବଳ ପୁରୁଷମାନଙ୍କୁ ଚଢ଼ିବାର ସୁଯୋଗ ଦେଉଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ମହିଳାମାନେ ଅପମାନିତ ଅନୁଭବ କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏପରି ଏକ ଅନ୍ଧବିଶ୍ୱାସ ଜଗତସିଂହପୁର ଜିଲ୍ଲାର ନାଉଗାଁ ଅଞ୍ଚଳରେ ଏବେ ବି ରହିଥିବା ଦେଖିବାକୁ ମିଳୁଛି। ଏଠାରେ ଥିବା ବିଭିନ୍ନ ବସ୍ ଷ୍ଟପେଜ୍ କିମ୍ବା ଘାଟରେ ଯେତେବେଳେ ବି କୌଣସି ମହିଳା ପ୍ରଥମେ ଚଢ଼ିବାକୁ ଚାହିଁଥାନ୍ତି, ସେତେବେଳେ ସେମାନଙ୍କୁ ଏଥିପାଇଁ ବାରଣ କରାଯାଉଛି। ପ୍ରଥମେ ଜଣେ ପୁରୁଷ ଚଢ଼ିଲେ ହିଁ ପରେ ମହିଳାମାନଙ୍କୁ ଚଢ଼ିବାର ସୁଯୋଗ ମିଳୁଛି। ଏପରିକି କେତେକ ସ୍ଥାନରେ ନାଉରିଆମାନେ ବ୍ୟବହାର କରୁଥିବା ମାଛ ଜାଲକୁ ଛୁଇଁବା ମଧ୍ୟ ମହିଳାଙ୍କ ପାଇଁ ବାରଣ। ଅବଶ୍ୟ ଏପରି ପ୍ରଥା ବିରୋଧରେ ସ୍ଥାନୀୟ ଲୋକେ ମତ ବ୍ୟକ୍ତ କରୁଛନ୍ତି। କିନ୍ତୁ ଖୋଲାଖୋଲି ଭାବେ କେହି ଏହାକୁ ବିରୋଧ କରିନାହାନ୍ତି। ତେବେ ବର୍ତ୍ତମାନ ସମ୍ପୃକ୍ତ ଅଞ୍ଚଳର କେତେକ ମହିଳା ଏନେଇ ଆଗକୁ ଆସିଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ଏପରି ପାତରଅନ୍ତର ନୀତି ତୁରନ୍ତ ବନ୍ଦ ହେବା ଦରକାର ବୋଲି ସେମାନେ ମତ ବ୍ୟକ୍ତ କରିବା ସହ ଏକବିଂଶ ଶତାବ୍ଦୀରେ ମହିଳାଙ୍କ ପ୍ରତି ଏପରି ଅବିଚାର କୌଣସି ଦୃଷ୍ଟିକୋଣରୁ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଏ ଦିଗରେ ପ୍ରଶାସନ ଠୋସ୍ ପଦକ୍ଷେପ ନେବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

ସମାଜରେ ଆଧୁନିକତା ପ୍ରବେଶ କରିବା ପୂର୍ବରୁ ଅନେକ ସ୍ଥାନରେ ଜାତିପ୍ରଥା କଠୋର ଥିବା ବେଳେ ଏସବୁ ଅନ୍ଧବିଶ୍ୱାସକୁ ମଧ୍ୟ ଲୋକେ ଗ୍ରହଣ କରୁଥିଲେ। ମହିଳାମାନଙ୍କ ପାଇଁ ଯେପରି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରିବା ମନା, ସେହିପରି ଡଙ୍ଗା ଓ ବସ୍‌ରେ ପୂଜା କରାଯାଉଥିବାରୁ ଏ କ୍ଷେତ୍ରରେ ବି ସମାନ ଆଭିମୁଖ୍ୟ ପ୍ରଦର୍ଶନ ହେଉଥିଲା। କିନ୍ତୁ ଆଧୁନିକତାର ସ୍ପର୍ଶ ପରେ ଏବେ ସମାଜରୁ ଜାତିପ୍ରଥା ଏକରକମ ହଟିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ମହିଳାମାନେ ପ୍ରଥମେ ଡଙ୍ଗା କି ବସ୍‌ରେ ଚଢ଼ିଲେ, ଏହାଦ୍ୱାରା ଠାକୁର ମାରା ହେବେ ବୋଲି ରହିଥିବା ଧାରଣା ଏବେ ବି କାଏମ ଥିବା ନିଶ୍ଚିତ ଭାବେ ସଭ୍ୟ ସମାଜକୁ କେଉଁଠି ନା କେଉଁଠି ଚିନ୍ତା କରିବାକୁ ବାଧ୍ୟ କରୁଛି। ତେଣୁ ଏପରି ଅନ୍ଧବିଶ୍ୱାସକୁ ଦୂରେଇ ଦେବା ସକାଶେ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ରିତାରାଣୀ ଦାସ, ଶାନ୍ତିଲତା ଗୋଚ୍ଛାୟତ, ଦୀପ୍ତିମୟୀ ବାରିକ, କନକଲତା ଭୋଇ, ଶୁଭଲକ୍ଷ୍ମୀ ଭୋଇ, ସସ୍ମିତା ବେହେରା ପ୍ରମୁଖ ଦାବି କରିଛନ୍ତି।

# ପରଦାରେ ‘ଆଫା’ର ଯାଦୁ

## ତେଲୁଗୁରେ ହେବ ରିମେକ୍

ଭୁବନେଶ୍ୱର,୧୧।୪(ସଂଚାର ବ୍ୟୁରୋ): ମୁକ୍ତିଲାଭ କରିବାର ମାତ୍ର କିଛି ଦିନ ଭିତରେ ଦର୍ଶକଙ୍କ ହୃଦୟ ଜିଣିଥିବା ଭିନ୍ନ ସ୍ୱାଦର ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର ‘ଆଫା (ଲାଇଫ୍ ଆଫ୍ଟର୍ ଲାଇଫ୍)’ ଏବେ ତେଲୁଗୁ ଭାଷାରେ ରିମେକ୍ ହେବ। ଏନେଇ ହାଇଦ୍ରାବାଦରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପ୍ରସାଦ କଳିଙ୍ଗ ଲ୍ୟାବର ନିର୍ଦ୍ଦେଶକ ସାଇ ପ୍ରସାଦ, ତେଲଙ୍ଗାନା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନର ଅଧ୍ୟକ୍ଷ ତଥା ବିଶିଷ୍ଟ ଟଲିଉଡ ପ୍ରଯୋଜକ ଦିଲ୍ ରାଜୁ ଓ ସାଂସଦ ପ୍ରଭାତ ସିଂହଙ୍କ ଉପସ୍ଥିତିରେ ‘ଆଫା’ର ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀ ଏହି ରିମେକ୍ ନେଇ ବିସ୍ତୃତ ଆଲୋଚନା କରିଛନ୍ତି। ଓଡ଼ିଆ ସିନେମା ଜଗତ ପାଇଁ ଏହା ଏକ ବଡ଼ ସଫଳତା ବୋଲି ସିନେ ସମୀକ୍ଷକମାନେ ମତ ବ୍ୟକ୍ତ କରିଛନ୍ତି।

ଗତ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ଏକ ସାଧାରଣ ପରିବାରର (ବାପା, ମା', ଜେଜେବାପା ଓ ଝିଅ) ଅସାଧାରଣ କାହାଣୀ ଉପରେ ପର୍ଯ୍ୟବସିତ, ଯାହା ପ୍ରତ୍ୟେକ ଦର୍ଶକଙ୍କୁ ନିଜର କାହାଣୀ ବୋଲି ମନେ ହେଉଛି। ଏହି ଚଳଚ୍ଚିତ୍ର ଜରିଆରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି। ଏଥିରେ କୁନା ତ୍ରିପାଠୀ,



ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ଧରିତ୍ରୀ ଖଣ୍ଡୁଆଳ, ସିଦ୍ଧାର୍ଥ ତିୱାରୀ ଓ ଶିଶୁ କଳାକାର ମିଭାନ୍ ନିଖୁଣ ଅଭିନୟ କରିଛନ୍ତି। ପ୍ରୀତିରାଜ ଶତପଥୀ ଓ ନୈନା ଦାଶଙ୍କ ପ୍ରଯୋଜିତ ଏହି ଫିଲ୍ମରେ କୁନା ତ୍ରିପାଠୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ଶ୍ୱାସରୁଦ୍ଧକାରୀ ଅର୍ଥନୈତିକ ଧମନୀ

ବିଶ୍ୱର ଅର୍ଥନୀତିରେ ଏକ ସଂକୀର୍ଣ୍ଣ ଜଳପଥ ଯାହା ପୃଥିବୀର ଅଧିକାଂଶ ଦେଶକୁ ତେଲ ଓ ଗ୍ୟାସ୍ ଯୋଗାଣ କରି ଚଳାଇ ରଖୁଛି, ସେହି ହର୍ମୁଜ୍ ପ୍ରଣାଳୀ ଆଜି ବିଶ୍ୱ ରାଜନୀତି ଓ ଅର୍ଥନୀତିର କେନ୍ଦ୍ରବିନ୍ଦୁ ହୋଇ ପଡ଼ିଛି। ଓମାନ୍ ଓ ଇରାନ୍ ମଧ୍ୟରେ ଅବସ୍ଥିତ ଏହି ପ୍ରଣାଳୀ ପର୍ସିୟାନ୍ ଗଲ୍ଫ୍‌କୁ ଆରବୀୟ ସାଗର ସହିତ ଯୋଡ଼ିଥାଏ। ଏହାର ସବୁଠାରୁ ସଂକୀର୍ଣ୍ଣ ସ୍ଥାନ ମାତ୍ର ୩୩ କିଲୋମିଟର ଓ ଗଭୀରତା ପ୍ରାୟ ୬୦ ମିଟର। କିନ୍ତୁ ଏହି ଛୋଟ ଜଳପଥ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ଓ ତେଲ ଜାତୀୟ ଦ୍ରବ୍ୟ ପରିବହନ କରିଥାଏ - ପ୍ରତିଦିନ ପ୍ରାୟ ୨୦ ମିଲିୟନ୍ ବାରେଲ୍ । ଏହା ସହିତ ବିଶ୍ୱର ପ୍ରାୟ ୧୯ ପ୍ରତିଶତ ଏଲ୍ଏନ୍ଜି (ତରଳିକୃତ ପ୍ରାକୃତିକ ଗ୍ୟାସ୍) ମଧ୍ୟ ଏହି ପଥ ଦେଇଯାଏ। ସୌଦି ଆରବ, ଇରାନ୍, ଇରାକ୍, କୁଏତ୍, ସଂଯୁକ୍ତ ଆରବ ଆମିରଶାହୀ ଏବଂ କତାର୍ ପରି ତେଲ ସମୃଦ୍ଧ ଦେଶଗୁଡ଼ିକର ଅଧିକାଂଶ ରପ୍ତାନି ଏହି ପ୍ରଣାଳୀ ଉପରେ ନିର୍ଭର କରେ। ଏହାର ମୁଖ୍ୟ ଗନ୍ତବ୍ୟ ସ୍ଥଳ ହେଉଛି ଏସିଆ - ଚୀନ୍, ଭାରତ, ଜାପାନ୍ ଓ ଦକ୍ଷିଣ କୋରିଆର ଅର୍ଥନୀତି ଏହାରେ ଜଡ଼ିତ।



ହର୍ମୁଜ୍ ପ୍ରଣାଳୀର ଗୁରୁତ୍ୱ କେବଳ ତେଲ ଯୋଗାଣରେ ସୀମିତ ନୁହେଁ। ଏହା ବିଶ୍ୱ ଅର୍ଥନୀତିର ସ୍ଥିରତା ସହିତ ସମ୍ପର୍କିତ। ଯଦି ଏହା ବନ୍ଦ ହୁଏ ବା ବାଧାପ୍ରାପ୍ତ ହୁଏ, ତେଲ ମୂଲ୍ୟ ଆକାଶ ଛୁଇଁବ। ସମ୍ପ୍ରତି ୨୦୨୬ର ଇରାନ୍ ଯୁଦ୍ଧ ପରିପ୍ରେକ୍ଷୀରେ ଏହା ସ୍ପଷ୍ଟ ହୋଇଛି। ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ୍ ଆକ୍ରମଣ ପରେ ପ୍ରଣାଳୀ ପ୍ରାୟତଃ ବନ୍ଦ ହୋଇଯାଇଛି। ଜାହାଜ ପରିବହନ ୯୦ ପ୍ରତିଶତରୁ ଅଧିକ କମିଯାଇଛି। ଫଳସ୍ୱରୂପ ତେଲ ମୂଲ୍ୟ ୧୦୦ ଡଲାର୍ ଛୁଇଁଛି ଏବଂ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତି, ସିପିଂ ସଙ୍କଟ ଓ ଅର୍ଥନୈତିକ ମାନ୍ଦାବସ୍ଥାର ଆଶଙ୍କା ଦେଖାଦେଇଛି। ଏସିଆର ଅର୍ଥନୀତି ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ଏହା ସହିତ ସାର, ରାସାୟନିକ ଓ ଖାଦ୍ୟ ଯୋଗାଣ ମଧ୍ୟ ପ୍ରଭାବିତ ହେଉଛି। ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସାର ବ୍ୟବସାୟ ଏହି ପଥ ଦେଇ ଯାଏ।

ଭୂ-ରାଜନୈତିକ ଦୃଷ୍ଟିରୁ ହର୍ମୁଜ୍ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଇରାନ୍ ଏହାର ଏକ ପାର୍ଶ୍ୱରେ ନିୟନ୍ତ୍ରଣ କରେ ଏବଂ ଅତୀତରେ ବାରମ୍ବାର ଏହାକୁ ବନ୍ଦ କରିବାର ଧମକ ଦେଇଛି। କୌଣସି ଯୁଦ୍ଧ କିମ୍ବା ସଙ୍କଟ ସମୟରେ ଏହାର ବନ୍ଦ ହେବା ବିଶ୍ୱକୁ ଶକ୍ତି ସଙ୍କଟରେ ପକାଇଦେଇ ପାରେ। ବିକଳ୍ପ ପଥ ଅତି ସୀମିତ। ସୌଦି ଓ ଆରବ ଆମିରଶାହୀର କେତେକ ପାଇପ୍ଲାଇନ୍ ଥିଲେ ମଧ୍ୟ ସେଗୁଡ଼ିକ ଯଥେଷ୍ଟ ନୁହଁ। ଏହା ଫଳରେ ବିଶ୍ୱ ଅର୍ଥନୀତି ଏକ ଛୋଟ ଜଳପଥ ଉପରେ ଅତ୍ୟଧିକ ନିର୍ଭରଶୀଳ ହୋଇ ପଡ଼ିଛି। ଏହା କେବଳ ତେଲ କମ୍ପାନୀ ଓ ଦେଶଗୁଡ଼ିକ ପାଇଁ ନୁହେଁ, ସାଧାରଣ ମଣିଷଙ୍କ ଜୀବନ ଯାପନ - ପେଟ୍ରୋଲ ମୂଲ୍ୟ, ଖାଦ୍ୟ ମୂଲ୍ୟ, ପରିବହନ ଓ ଶିଳ୍ପ ଉତ୍ପାଦନ ସବୁ ଏହାର ଉପରେ ନିର୍ଭର କରେ।

ଏହି ପ୍ରଣାଳୀର ସୁରକ୍ଷା ବିଶ୍ୱ ଶାନ୍ତିର ପ୍ରଶ୍ନ। ଆନ୍ତର୍ଜାତିକ ସମ୍ପ୍ରଦାୟ ଏହାର ମୁକ୍ତ ପରିବହନ ନିଶ୍ଚିତ କରିବା ଉଚିତ୍। କୂଟନୀତି, ଆଲୋଚନା ଓ ଆନ୍ତର୍ଜାତିକ ନୌସେନା ସହଯୋଗ ଦ୍ୱାରା ଏହା ସମ୍ଭବ। ଯଦି ହର୍ମୁଜ୍ ବନ୍ଦ ହୁଏ, କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱ ଅର୍ଥନୈତିକ ଓ ରାଜନୈତିକ ଅସ୍ଥିରତାର ସମ୍ମୁଖୀନ ହେବ। ଏହା ଆମକୁ ମନେ ପକାଇ ଦିଏ ଯେ ବିଶ୍ୱ ଆଜି ଏକ ଗ୍ରାମ ହୋଇଯାଇଛି ଏବଂ ଏକ ଛୋଟ ଜଳପଥର ସୁରକ୍ଷା ସମଗ୍ର ମାନବଜାତିର ଉନ୍ନତି ସହିତ ଜଡ଼ିତ। ହର୍ମୁଜ୍ କେବଳ ଏକ ପ୍ରଣାଳୀ ନୁହେଁ, ଏହା ବିଶ୍ୱର ଶ୍ୱାସ ପ୍ରଶ୍ୱାସ। ଏହାକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ଦେଶର ଦାୟିତ୍ୱ।

# ନିଆରା ରାଜନେତା ନାରାୟଣ ସାହୁଙ୍କୁ ଏକ ଶ୍ରଦ୍ଧାଞ୍ଜଳି

**ଡକ୍ଟର ନାରାୟଣ ମହାନ୍ତି**

ଦର୍ଶନଶାସ୍ତ୍ର ଅଧ୍ୟୟନ କରିସାରି ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାରେ କୌଣସି ନୂତନତ୍ୱ ନାହିଁ। ମାତ୍ର ରାଜନୀତି କରିସାରି ଦର୍ଶନ ଜଗତରେ ପ୍ରବେଶ କରିବା ଏକ ବିରଳ ଘଟଣା ନିଶ୍ଚୟ। ପୂର୍ବତନ ବିଧାୟକ ତଥା ସାଂସଦ ସ୍ୱର୍ଗତ ନାରାୟଣ ସାହୁ (୧୯୩୮-୨୦୨୬) ଏହି ବିରଳ ଘଟଣାର ଅଧିକାରୀ ହୋଇପାରିଥିଲେ।

ସ୍ୱର୍ଗତ ସାହୁ ୧୯୩୮ ମାର୍ଚ୍ଚ ୩୧ରେ ଢେଙ୍କାନାଳ ଜିଲ୍ଲାର ପର୍ଜଙ୍ଗଠାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୫୬ରେ କାମାକ୍ଷାନଗରସ୍ଥିତ ଏବର ସାରଙ୍ଗଧର ହାଇସ୍କୁଲରୁ ମାଟ୍ରିକ, ୧୯୫୯ରେ ଢେଙ୍କାନାଳ କଲେଜରୁ ପ୍ରାକ୍-ବିଶ୍ୱବିଦ୍ୟାଳୟ (କଳା) ଓ ୧୯୬୧ରେ ରେଭେନ୍ସା କଲେଜରୁ ପ୍ରଥମ ବର୍ଷ ଡିଗ୍ରୀ (କଳା) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ରେଭେନ୍ସା କଲେଜରେ ଅର୍ଥନୀତି (ଅନର୍ସ) ଓ ଦର୍ଶନ (ପାସ୍) ନେଇ ବି.ଏ. ପଢ଼ିଥିଲେ ଏବଂ ୧୯୬୩ରେ ବି.ଏ. ପାସ କରିଥିଲେ। ସେ ୧୯୬୬ରେ ଅନୁଗୁଳସ୍ଥିତ ଏବର ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା କଲେଜରୁ ବି.ଇଡି. ଶିକ୍ଷା ସମାପ୍ତ କରିଥିଲେ। ସ୍ୱର୍ଗତ ସାହୁ ୧୯୬୬ରୁ ୧୯୭୧ ମଧ୍ୟରେ ଜନପ୍ରଭା ହାଇସ୍କୁଲ, ମହାବିରୋଡ଼, ସାନ୍ଦା ହାଇସ୍କୁଲ, ସାନ୍ଦା ଓ ଯୋରନ୍ଦା ହାଇସ୍କୁଲ, ଯୋରନ୍ଦାରେ ଅବୈତନିକ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟ ତୁଲାଇଥିଲେ। ଅଷ୍ଟଶମ୍ଭୁ ବିଦ୍ୟାନିକେତନ, କୁଆଲୋ ଓ ପର୍ଜଙ୍ଗ ମହାବିଦ୍ୟାଳୟ, ପର୍ଜଙ୍ଗର ପ୍ରତିଷ୍ଠା ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୋଟ ଉପରେ, ଶିକ୍ଷା ଦୃଷ୍ଟିରୁ ଅନଗ୍ରସର ତାଙ୍କ ଅଞ୍ଚଳରେ ଶିକ୍ଷାର ବିକାଶ ତାଙ୍କର ଝୁଙ୍କ ଥିଲା।

ସ୍ୱର୍ଗତ ନାରାୟଣ ସାହୁ ଓଡ଼ିଶା ବିଧାନସଭା ନିମନ୍ତେ ୧୯୭୧ରେ ଅନୁଷ୍ଠିତ ନିର୍ବାଚନରେ ଜିଣି ପଞ୍ଚମ ବିଧାନସଭାର ସଦସ୍ୟ ହୋଇଥିଲେ। ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକଟରେ ଲଢ଼ି ବିଜୟଲାଭ କରିଥିଲେ। ସ୍ୱର୍ଗତ ସାହୁ ପୁଣି ୧୯୭୪ରେ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଜିତି ଦ୍ୱିତୀୟଥର ପାଇଁ ବିଧାନସଭାର ସଦସ୍ୟ ହୋଇଥିଲେ। ଏଥର ତାଙ୍କର ନିର୍ବାଚନମଣ୍ଡଳୀ ଓ ଦଳ ଅପରିବର୍ତ୍ତିତ ରହିଥିଲା। ୧୯୮୦ରେ ଅନୁଷ୍ଠିତ ସପ୍ତମ ଲୋକସଭା ନିର୍ବାଚନରେ ଲଢ଼ି ସେ ଏମ୍.ପି. ହୋଇଥିଲେ। ଦେବଗଡ଼ ଲୋକସଭା ଆସନରୁ ସେ କଂଗ୍ରେସ (ଇ) ଟିକଟରେ ବିଜୟଲାଭ କରିଥିଲେ। ଦୁଇଥର ଏମ୍.ଏଲ୍.ଏ. ଓ ଥରେ ଏମ୍.ପି. ହୋଇଥିବା ସ୍ୱର୍ଗତ ସାହୁଙ୍କର ପରବର୍ତ୍ତୀ ଠିକଣା କିନ୍ତୁ ହେଲା : ରୁମ୍ ନମ୍ବର -୨୪, ନୀଳକଣ୍ଠ ଛାତ୍ରାବାସ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୪। କାରଣ ସେ ପିଏଚ୍.ଡି. ରିସର୍ଚ୍ଚ ସ୍କଲାର ଭାବରେ ଏଠାରେ ଅବସ୍ଥାନ କଲେ।

ରାଜନୀତି ମଇଦାନରୁ ବିଦାୟ ନେଇ ସ୍ୱର୍ଗତ ସାହୁ ଦର୍ଶନ ରାଜ୍ୟରେ ପ୍ରବେଶ କରିଥିଲେ। ବି.ଏ. ପାସ କରିବାର ୪୬ ବର୍ଷ ପରେ ୨୦୦୯ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଦର୍ଶନ ବିଭାଗରେ ନାମ ଲେଖାଇଥିଲେ। ୨୦୧୧ରେ ସେ କୃତିତ୍ୱର ସହ ଏମ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସ୍ୱର୍ଗତ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୨୦୧୨ରେ ଏମ୍.ଫିଲ୍. ଡିଗ୍ରୀ ଲାଭ କରିଥିଲେ। ତା'ପରେ ସେ ସେଠାରେ ପିଏଚ୍.ଡି. ଉପାଧି ପାଇଁ ଗବେଷଣା କରିବାକୁ ନାମ ପଞ୍ଜୀକରଣ କରାଇଥିଲେ। ପ୍ରଫେସର ସୁବାସ ଚନ୍ଦ୍ର ଦାଶ (ସଂସ୍କୃତ) ଓ ପ୍ରଫେସର ଅଳକାନନ୍ଦା ପରିଡ଼ା (ଦର୍ଶନ)ଙ୍କ ମିଳିତ ତତ୍ତ୍ୱାବଧାନରେ ସେ 'ଫିଲୋସଫି ଅଫ୍ ଶ୍ରୀମଦ୍‌ଭାଗବତ ଅଫ୍ ଜଗନ୍ନାଥ ଦାସ - କନ୍‌ସେପ୍‌ଚୁଆଲ ଏକ୍ସପ୍ଲୋରେସନ୍' ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରୁଥିଲେ। ମାତ୍ର ତାହା ଅସମ୍ପୂର୍ଣ୍ଣ ରହିଗଲା।

ସ୍ୱର୍ଗତ ସାହୁ ଜଣେ ସଚ୍ଚୋଟ ବ୍ୟକ୍ତି ହୋଇଥିବାରୁ ଅର୍ଥ ପ୍ରତି ତାଙ୍କର ମୋହ ନଥିଲା। ସେ ରାଜଧାନୀରେ ଭବ୍ୟପ୍ରାସାଦ ନିର୍ମାଣ କରିନଥିଲେ କିମ୍ବା ପୁଅଝିଅଙ୍କୁ ରାଜନୀତି କ୍ଷେତ୍ରକୁ ଟାଣିନଥିଲେ। ଦର୍ଶନକୁ ସେ ନିଜର ଜୀବନ ପଦ୍ଧତି ଭାବରେ ଗ୍ରହଣ କରିଥିଲେ। ତାଙ୍କର ଆତ୍ମଚରିତ 'ସମର୍ପିତ ଆତ୍ମାର ଜୀବନ ରସାମୃତ' ୨୦୨୦ରେ ପ୍ରକାଶ ପାଇଅଛି। ଶେଷରେ ସ୍ୱର୍ଗତ ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଛାଡ଼ି ନିଜ ଅଞ୍ଚଳ ପର୍ଜଙ୍ଗକୁ ଫେରିଯାଇଥିଲେ। ଗତ ମାର୍ଚ୍ଚ ୨୭ରେ ସେଠାରେ ତାଙ୍କର ପରଲୋକ ଘଟିଥିଲା। ଆଜିର ରାଜନେତାମାନଙ୍କ ପାଇଁ ସେ ଚିରଦିନ ଲାଗି ଆଦର୍ଶ ହୋଇ ରହିଗଲେ। ତାଙ୍କ ମହାନ୍ ଆତ୍ମାର ସଦ୍‌ଗତି ହେଉ- ଈଶ୍ୱରଙ୍କ ପାଖେ ଏତିକି ପ୍ରାର୍ଥନା କରୁଅଛି।

**ପ୍ରାଧ୍ୟାପକ, ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ଜେକେବିକେ ସରକାରୀ କଲେଜ**
**କଟକ-୭୫୩୦୦୩**

# ସୃଜନଶୀଳତାର ନୂଆ ଠିକଣା: କଫି କ୍ଲବ୍



**ଡ. ଉଷାରାଣୀ ଦାଶ**

ଆଜିର ଯାନ୍ତ୍ରିକ ଯୁଗରେ ପ୍ରତ୍ୟେକ ମଣିଷ ନିଜ ଜୀବନରେ ବ୍ୟସ୍ତ। ନିଜ ଚାରିପାଖର ଭିଡ ଭିତରେ ବି ସେ ସମ୍ପୂର୍ଣ୍ଣ ଏକୁଟିଆ। ଏହିଭଳି ସମୟରେ ଗଢି ଉଠିଥିବା କଫି କ୍ଲବ୍, ଏକ୍ସ୍ପ୍ରେସୋ, କ୍ୟାପୁଚିନୋ, ଲାଟେ ବା ମୋକା ଆଦି ପ୍ରକାର ପ୍ରକାରର ପାନୀୟ ଉପଭୋଗର କେବଳ ଏକ ସାଧାରଣ ସ୍ଥାନ ନୁହେଁ, ବରଂ ଅସାଧାରଣ ଚିନ୍ତନ, ଆଲୋଚନା ଓ ସମ୍ବେଦନାର ସଂସ୍ପର୍ଶର ଏକ ସୃଜନଶୀଳ ମଞ୍ଚ ଓ ପ୍ରତିଭାର ପ୍ରସ୍ଫୁଟନର ଏକ୍ରୁଡିଶାଳ ସାଜିଛି।ଏଠାରେ ଆଲୋଚନା ହେଉଛି ଜୀବନର ସତ୍ୟ କଥା, ଗରିବୀର ଯନ୍ତ୍ରଣା, ଯୁବପିଢ଼ିର ସ୍ୱପ୍ନ, ମହିଳାଙ୍କ ସଂଘର୍ଷ ଏବଂ ଆମ ସମାଜର ଆଗାମୀ କାଲିର କଥା। ପ୍ରତ୍ୟେକ କପ୍ କଫି ସହ ଜନ୍ମ ନେଉଛି ନୂତନ ଚିନ୍ତା ଓ ବିଚାର, ନୂତନ ସମ୍ପର୍କ ଓ ନୂତନ ସ୍ୱପ୍ନ, ସୃଷ୍ଟି ହେଉଛି ସୃଜନର ଅସୀମ ସମ୍ଭାବନା।

୧୯୮୯ରେ ଅଷ୍ଟ୍ରେଲିଆର ବ୍ରିସବେନରେ ସର୍ବପ୍ରଥମେ ପ୍ରତିଷ୍ଠିତ ହୋଇଥିଲା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଫି କ୍ଲବ୍, କାଫେ ଚେନ୍। ବିଳମ୍ବିତ ରାତିରେ ଗୋଟିଏ ଭଲ କଫି ପିଇବା ସ୍ଥାନ ନପାଇବା ହେତୁ ଇମାନୁଏଲ କୋକୋରିସ୍ ଏବଂ ଇମାନୁଏଲ ଡ୍ରିଭାସ୍ ଏହାକୁ ଆରମ୍ଭ କରିଥିଲେ। ପରେ ସମଗ୍ର ଅଷ୍ଟ୍ରେଲିଆରେ ୨୫୦ ରୁ ଅଧିକ କାଫେ ସହ ନ୍ୟୁଜିଲ୍ୟାଣ୍ଡ, ଥାଇଲ୍ୟାଣ୍ଡ, ୟୁଏଇ, ମାଳଦ୍ୱୀପ, ଇଣ୍ଡୋନେସିଆ, କାମ୍ବୋଡ଼ିଆ, ଭିଏତନାମ ଏବଂ ଚୀନ ଆଦି ଦେଶରେ କଫି କ୍ଲବ ଖୋଲିଥିଲା। ୨୦୨୩ ମସିହାରେ ଭାରତରେ ଆରମ୍ଭ ହୋଇଥିଲା କଫି କ୍ଲବ। ସମଗ୍ର ପୃଥିବୀରେ ଉଦ୍ଭବ ହୋଇଥିବା କଫି କ୍ଲବ୍‌ଗୁଡ଼ିକ କେବଳ କଫି ପିଇବାର ସ୍ଥାନ ନୁହେଁ, ବରଂ ଏକ ଜୀବନ୍ତ ସାମାଜିକ ମଞ୍ଚ ଭାବରେ ପରିଚିତ ହୋଇଥିଲା।

ସମ୍ପ୍ରତି କଫି କ୍ଲବ୍ ଆଧୁନିକ ସହରୀ ସଂସ୍କୃତିର ଏକ ଆନନ୍ଦଦାୟକ ପରିବେଶ। ଏଠାରେ ବିଭିନ୍ନ ବୟସ, ପେଶା ବା ବର୍ଗର ଲୋକମାନେ ଏଠାରେ ଏକତ୍ରିତ ହୋଇ ନିଜର ଅନୁଭବ ଓ ଅନୁଭୂତିକୁ ଅଭିବ୍ୟକ୍ତ କରୁଛନ୍ତି। ଯୁବପିଢ଼ିଙ୍କ ପାଇଁ ଏହା ଚିନ୍ତନ-ମନନର ମଞ୍ଚ ଓ ବୃଦ୍ଧମାନଙ୍କ ପାଇଁ ସ୍ମୃତି ଓ ଅନୁଭବ ବାଣ୍ଟିବାର ସ୍ଥାନ ପାଲଟିଛି। ଯୁବମନ ଏଠାରେ ଖୋଜୁଛି ନୂତନ ଦିଗନ୍ତ, ପ୍ରବୀଣମାନେ ନିଜର ସଂଚିତ ଜୀବନଦର୍ଶନକୁ ପ୍ରକାଶ କରି ସାମୂହିକ ଚେତନାକୁ ସମୃଦ୍ଧ କରୁଛନ୍ତି। ସାହିତ୍ୟ, ସଙ୍ଗୀତ, କଳା ଓ ସମାଜିକ ପରିଚର୍ଚ୍ଚାର ଏହି ସମ୍ମିଳିତ ମଞ୍ଚ ମନୁଷ୍ୟକୁ ନିଜ ସ୍ୱରକୁ ଚିହ୍ନଟ କରିବାର ଅବସର ଦେଉଛି।ସ୍ୱଳ୍ପ ବ୍ୟୟରେ ଏଠାରେ ଜ୍ଞାନ ଓ ବିଚାରର ଭଣ୍ଡାର ମିଳୁଥିବାରୁ କଫି କ୍ଲବ୍‌ଗୁଡ଼ିକୁ "ପେନି ୟୁନିଭର୍ସିଟି" ବୋଲି କୁହାଯାଏ। ଲେଖକ, ଚିନ୍ତକ, ବୈଜ୍ଞାନିକ, ଦାର୍ଶନିକ ଓ ରାଜନେତାମାନେ ଏଠାରେ ଏକତ୍ରିତ ହୋଇ ନୂତନ ବିଚାର ଉପରେ ଆଲୋଚନା କରୁଥିବାରୁ ଲୋକଙ୍କ ମଧ୍ୟରେ ଯୁକ୍ତିବାଦ, ବିଜ୍ଞାନମୁଖୀ ଚିନ୍ତାଧାରା ଓ ଶିକ୍ଷା ଆଦି ବୌଦ୍ଧିକ ଜାଗୃତିର ବୃଦ୍ଧି ଘଟୁଛି। ବ୍ୟବସାୟୀ, ପେଶାଜୀବୀ ଓ ଛାତ୍ରଛାତ୍ରୀମାନେ ନେଟଓ୍ୱର୍କିଂ ଓ ବ୍ୟବସାୟିକ କ୍ଷେତ୍ରରେ ନୂଆ ସୁଯୋଗ ଓ ଧାରଣା ପାଇପାରୁଛନ୍ତି।

କଫି କ୍ଲବ୍‌ଗୁଡ଼ିକ ଆଧୁନିକ ସମାଜରେ ସମ୍ପର୍କ ସୁଦୃଢ଼ କରିବା ସହ ମାନସିକ ସନ୍ତୁଷ୍ଟି ଦେବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ଏଠାରେ ବିଭିନ୍ନ ପେଶା, ବିଭିନ୍ନ ପୃଷ୍ଠଭୂମିର ଲୋକମାନଙ୍କ ମଧ୍ୟରେ ସାମାଜିକ ସମ୍ବନ୍ଧର ସେତୁ ସ୍ଥାପିତ ହେଉଛି। ମତ ବିନିମୟ, ଚର୍ଚ୍ଚା, ବିଚାର ବିମର୍ଶ ଓ ସାମାଜିକ ସଚେତନତାର ଆଦାନ-ପ୍ରଦାନ ହୋଇ ସାମୂହିକ ଉନ୍ନତିର ପଥ ପ୍ରସ୍ତୁତ ହେଉଛି। ଏଠାରେ ଭିନ୍ନ ଭିନ୍ନ ଅନୁଭବ, ଭାବନା ଓ ଦୃଷ୍ଟିକୋଣ ମିଳିତ ହୋଇ ଏକ ସୁସ୍ଥ ସମାଜିକ ପରିବେଶ ଗଢ଼ିଉଠୁଛି, ଯାହା ସମାଜରେ ସହିଷ୍ଣୁତା ଓ ସହଯୋଗର ମୂଲ୍ୟବୋଧକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରୁଛି।

କଫିର ଗରମ ବାଷ୍ପ ଆକାଶକୁ ଉଠିଯିବା ପରି ଏଠାରେ ମଣିଷମାନଙ୍କର ମନରେ ସୃଷ୍ଟି ହୋଇଥିବା ଚିନ୍ତା ସମାଜକୁ ସ୍ପର୍ଶ କରେ। କଫି କପ୍‌ରୁ ଆରମ୍ଭ ହୋଇଥିବା ଅନେକ ଆଲୋଚନା ସମାଜରେ ପରିବର୍ତ୍ତନ ଆଣିବାର ଉଦାହରଣ ରହିଛି। ଆଧୁନିକ ବୀମା ଶିଳ୍ପ ଧାରଣା କଫି ହାଉସ୍‌ରେ ସୃଷ୍ଟି ହୋଇଥିଲା। ସମୁଦ୍ର ବାଣିଜ୍ୟ ସହ ଜଡିତ ବିପଦ ବିଷୟରେ ଆଲୋଚନା ହେବାରୁ ଜାହାଜ ବୀମା, ବାଣିଜ୍ୟିକ ବୀମା ଓ ଜୀବନ ବୀମା ଇତ୍ୟାଦି ଧାରଣା ବିକଶିତ ହୋଇଥିଲା। ସେହିପରି ବ୍ୟବସାୟୀ, ବ୍ୟାଙ୍କର୍ ଓ ଉଦ୍ୟୋଗପତିମାନେ କଫି କ୍ଲବ୍‌ରେ ମିଶି ବ୍ୟବସାୟିକ ଯୋଜନା ଓ ଆର୍ଥିକ ଧାରଣା ଉପରେ ଆଲୋଚନା ଅବସରରେ ଅନେକ ଛୋଟ ବ୍ୟାଙ୍କିଂ ହାଉସ୍, ବ୍ୟବସାୟିକ ଫାର୍ମ ଓ ଟ୍ରେଡିଂ କମ୍ପାନୀ କଫି କ୍ଲବ୍




ମାଧ୍ୟମରେ ଗଠିତ ହୋଇଥିଲା। ପ୍ରଥମେ କଫି କ୍ଲବ୍‌ରେ ପରିଚୟ, ବିଶ୍ୱାସ ସ୍ଥାପନ ଓ ଧନ ଆଦାନପ୍ରଦାନ ମାଧ୍ୟମରେ ଏହା ରୂପ ନେଇଥିଲା। କଫି କ୍ଲବ୍‌ଗୁଡ଼ିକ ଆଧୁନିକ ବ୍ୟାଙ୍କିଂ ଓ ବ୍ୟବସାୟର ଉଦ୍ଭବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୧୭ଶ ଶତାବ୍ଦୀରେ ଲଣ୍ଡନର ଏଡୱାର୍ଡ ଲଏଡ୍‌ସ କଫି ହାଉସ୍ ରୁ ଲଏଡ୍‌ସ ଅଫ୍ ଲଣ୍ଡନ୍ ଭଳି ବଡ଼ ବ୍ୟାଙ୍କିଂ ଓ ବୀମା ସଂସ୍ଥାର ଆରମ୍ଭ ହୋଇଥିଲା। ସେହିପରି ଜୋନାଥନ୍‌ସ କଫି ହାଉସ୍ ରୁ ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜର ଉଦ୍ଭବ ହୋଇଥିଲା।

କଫିକ୍ଲବ ସୃଜନଶୀଳତାର ଶିଳ୍ପଶାଳା।ଏଠାରେ ଯୁବକମାନେ ନିଜର ଅନୁଭୂତି, ନିଜ ଜୀବନର ଦ୍ୱନ୍ଦ୍ୱ ବା ମନୋଭାବକୁ ଅଭିବ୍ୟକ୍ତ କରୁଛନ୍ତି କବିତା, କାହାଣୀ, ଚିତ୍ର କିମ୍ବା ସଙ୍ଗୀତ ମାଧ୍ୟମରେ। ଏଠାରେ ସେମାନେ ସାମାଜିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଓ ପରିବେଶ ଭଳି ବିଷୟରେ ଆଲୋଚନା କରି ସଚେତନ ହେବା ସହିତ ନୂଆ ଚିନ୍ତା, ନୂଆ ସ୍ୱପ୍ନ ନେଇ ନିଜର ଜୀବନ ଦର୍ଶନକୁ ଗଢି ତୋଳୁଛନ୍ତି। ଯୁବପିଢ଼ି ପାଇଁ କଫି କ୍ଲବ କେବଳ ଅବସରର ଆସର ନୁହେଁ; ଅସ୍ତିତ୍ୱ, ଅଭିବ୍ୟକ୍ତି ଓ ଆତ୍ମପ୍ରକାଶର ଏକ ସ୍ୱାଧୀନ ମଞ୍ଚ ହୋଇପାରିଛି। ଯୁବ ଉଦ୍ୟମୀମାନେ ଏଠାରେ ବସି ନୂତନ ବ୍ୟବସାୟ ଯୋଜନା ତିଆରି, ଟିମ୍ ମିଟିଂ ଓ ନୂତନ ଧାରଣା ଉପରେ ଆଲୋଚନା କରୁଛନ୍ତି। କଫି କ୍ଲବ ଏକ ସକାରାତ୍ମକ ଏବଂ ସହଯୋଗୀ ପରିବେଶ ସୃଷ୍ଟି କରୁଛି, ଯାହା ନୂତନ ଆବିଷ୍କାରକୁ ଜନ୍ମ ଦେଉଛି। କଫି କ୍ଲବରେ ଅନେକ ସଫଳତାର କାହାଣୀ ଜନ୍ମ ନେଇଛି। ଅନେକ ଯୁବଲେଖକ ଏଠାରେ ବସି ସେମାନଙ୍କ ପ୍ରଥମ ପୁସ୍ତକ ଲେଖିଛନ୍ତି। କେତେକ ଉଦ୍ୟମୀ ଏଠାରେ ଆଲୋଚନା କରି ସେମାନଙ୍କ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। କେହି ଚିତ୍ରକର ଏଠାରେ ତାଙ୍କ କଳା ପ୍ରଦର୍ଶନ କରି ପ୍ରଶଂସା ପାଇଛନ୍ତି। ଏହି ସବୁ କାହାଣୀ କଫି କ୍ଲବକୁ କେବଳ ଏକ କଫି ଦୋକାନ ନୁହେଁ, ବରଂ ଏକ ସ୍ୱପ୍ନର କେନ୍ଦ୍ରବିନ୍ଦୁ ରୂପେ ପରିଚିତ କରିଛି। ଜେ କେ ରାଉଲିଂ କଫି କ୍ଲବ ରେ ବସି ହ୍ୟାରୀ ପୋଟର ର କିଛି ଅଂଶ ଲେଖିଥିଲେ, ଆରନେଷ୍ଟ ହେମିଂୱେ ପ୍ୟାରିସ୍‌ର କଫି କ୍ଲବ ରେ ବସି ତାଙ୍କ ଅନେକ କାହାଣୀ ଲେଖିଥିଲେ; ଏୟାରବିଏନବି ର ପ୍ରତିଷ୍ଠାତାମାନେ କଫି କ୍ଲବରେ ଆଲୋଚନା କରି ତାଙ୍କ ଧାରଣାକୁ ଆରମ୍ଭ କରିଥିଲେ, ଷ୍ଟିଭ ଜୋବ୍ସ ଓ ଷ୍ଟିଭ ଓ୍ୱୋଜ୍ନିଆକ ମିଳିତ ହୋଇ ଛୋଟ ଛୋଟ ଆଲୋଚନାରୁ ଆପଲର ଧାରଣାକୁ ଆଗକୁ ବଢ଼ାଇଥିଲେ; ଏବଂ ଭିନସେଣ୍ଟ ଭ୍ୟାନ ଗୋଗ ପରି ଚିତ୍ରକରମାନେ କଫି କ୍ଲବରେ ତାଙ୍କ କଳା ପ୍ରଦର୍ଶନ କରି ପ୍ରଶଂସା ଅର୍ଜନ କରିଥିଲେ। ପାବଲୋ ପିକାସୋ ପ୍ୟାରିସ୍‌ର କଫି କ୍ଲବଗୁଡିକରେ ତାଙ୍କ କଳାକୃତି ନେଇ ଆଲୋଚନା କରି ପ୍ରସିଦ୍ଧି ଲାଭ କରିଥିଲେ।

ଆଧୁନିକ ଯୁଗରେ, ଟେକ୍ ଟାଇଟନ୍ କଫି ସଂସ୍କୃତି ଏବଂ ନବସୃଜନକୁ ସେମାନଙ୍କର କର୍ପୋରେଟ୍ ନୀତିର ଅବିଚ୍ଛେଦ୍ୟ ଉପାଦାନ ଭାବରେ ଗ୍ରହଣ କରିଛନ୍ତି। ଗୁଗୁଲ, ଆପଲ୍ ଆଦି କମ୍ପାନୀଗୁଡ଼ିକ ସ୍ୱୀକାର କରନ୍ତି ଯେ ନବସୃଜନର ବୀଜ ପ୍ରାୟତଃ କଫି-ପାନଯୁକ୍ତ ବାର୍ତ୍ତାଳାପରେ ଅଙ୍କୁରିତ ହୁଏ। ସେହିପରି ଭାରତର କଫି କ୍ଲବର ଆଲୋଚନା ଜନ୍ମ ନେଇଛି ଖାଦ୍ୟ ଅପଚୟକୁ ରୋକିବା ଅଭିଯାନ, ଗରିବ ପିଲାମାନଙ୍କୁ ମାଗଣା ପଢ଼ାଇବା ଧାରଣା, ସ୍ୱଚ୍ଛ ସହର ଅଭିଯାନ, ରକ୍ତଦାନ ସହାୟତା ଗ୍ରୁପ ମାଧ୍ୟମରେ ଜରୁରୀ ସମୟରେ ରକ୍ତଦାନ କରି ଲୋକଙ୍କ ଜୀବନ ରକ୍ଷା କରିବା ଆଦି ଅନେକ ନୂତନ ଧାରଣା ଯାହା ସମାଜ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି।

କଫି କ୍ଲବ୍‌ଗୁଡ଼ିକ ଆଜିର ବିଚ୍ଛିନ୍ନତାର ଯୁଗରେ ମନୁଷ୍ୟତାର ସୂକ୍ଷ୍ମ ସୂତ୍ରଗୁଡ଼ିକୁ ପୁନଃ ସଂଯୋଗ କରିବାରେ ସାହାଯ୍ୟ କରୁଛି। ଆଜିର ସମୟରେ ଏହା କେବଳ ଏକ ଆସର ନୁହେଁ, ଏହା ହେଉଛି ଏକ ନିରବ ବିପ୍ଳବ, ସୃଜନଶୀଳତାର ଆନ୍ଦୋଳନ। ଏହି ପରିସ୍ଥିତିରେ କଫି କ୍ଲବକୁ କେବଳ ଏକ ଫ୍ୟାସନ୍ କିମ୍ବା ଆଧୁନିକ ଜୀବନଶୈଳୀର ଅଂଶ ଭାବରେ ଦେଖିବା ଅନୁଚିତ। ଏହା ହେଉଛି ଏକ ସାମାଜିକ ଓ ବୁଦ୍ଧିଜୀବୀ ପ୍ରକ୍ରିୟା, ଯେଉଁଠାରେ ମଣିଷ ନିଜର ଚିନ୍ତାକୁ ମୂର୍ତ୍ତ ଆକାର ଦେଇଥାଏ ଓ ଅନ୍ୟମାନଙ୍କ ସହ ତାହାକୁ ବାଣ୍ଟିଥାଏ। ଯଦି ଏହି ସଂସ୍କୃତି ସମାବେଶୀ ଓ ସଚେତନ ଭାବରେ ଆଗକୁ ବଢ଼ିପାରେ, ତେବେ ଏହା ଭବିଷ୍ୟତର ସମାଜକୁ ଏକ ନୂଆ ଦିଗ ଦେଇପାରିବ। ପ୍ରତ୍ୟେକ ସହର ଓ ଗାଁରେ କଫି କ୍ଲବ ଖୋଲିବାପାଇଁ ପ୍ରୋତ୍ସାହନ ମିଳିଲେ ବହୁ ସଂଖ୍ୟାରେ ଜନସାଧାରଣ ଏହାର ଅଂଶୀଦାର ହୋଇପାରନ୍ତେ। ବିଭିନ୍ନ ବିଭାଗ ବା କର୍ମରୁ ଅବସର ନେଇଥିବା କଳା ଓ କୌଶଳରେ ନିପୁଣ ପ୍ରୌଢ଼ମାନଙ୍କର ଅଭିଜ୍ଞତାକୁ କର୍ମଶାଳା, ସେମିନାର ବା ତାଲିମ ମାଧ୍ୟମରେ ଯୁବପୀଢ଼ୀଙ୍କର ଭବିଷ୍ୟତ ଗଠନ ନିମିତ୍ତ ଉପଯୋଗ କରାଯାଇପାରନ୍ତା। କଫିର ଏକ ସାଧାରଣ କପ ମଧ୍ୟରେ ଲୁଚିଥିବା ଏହି ଅସାଧାରଣ ସମ୍ଭାବନାକୁ ଚିହ୍ନଟ କରିବା ଓ ପ୍ରୋତ୍ସାହନ ଦେବା ଆଜିର ସମୟର ଆବଶ୍ୟକତା।

**ଏମ୍ସ, ଭୁବନେଶ୍ୱର, ମୋବାଇଲ୍: ୯୪୩୮୧୩୩୬୧୨**

# ବିନା ଉପହାରରେ ସମ୍ପର୍କ କେତେ ସୁଦୃଢ଼ ?



**ଡ. ମନୋଜ କୁମାର ମହାନ୍ତି**

ଜଙ୍ଗଲ ଓ ନଦୀକୂଳରୁ ଜୀବନ ବିକଶିତ ହୋଇ ସାମାଜିକ ସାଂସାରିକ ମାୟାର ବନ୍ଧନରେ ବାନ୍ଧି ମଣିଷ ନିଜକୁ ସାମାଜିକ ପ୍ରାଣୀର ପରିଚୟ ଦେଇଛି। ସମାଜ ଏକ ସୁନ୍ଦର ପରିକଳ୍ପନା ଓ ଅନୁଷ୍ଠାନ। ସମାଜ ବିନା ମଣିଷର ପରିଚୟ କାହିଁ। ବାସ୍ତବରେ ସମାଜ ହିଁ ମଣିଷ ପାଇଁ ସବୁକିଛି। ମାନସମ୍ମାନ-ଅପବାଦ, ପ୍ରେମ-ଘୃଣା, ସହନଶୀଳତା-ତ୍ୟାଗ, ହିଂସା-ପ୍ରତିବାଦ ଏବଂ ଆନ୍ତରିକତା ଏ ସମସ୍ତ ସାମାଜିକ ଚଳନୀର ପରିଭାଷା। ସମାଜ ଓ ସାମାଜିକ ସମ୍ପର୍କ ପ୍ରତ୍ୟେକ ମଣିଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ବ୍ୟକ୍ତିଗତ, ପାରିବାରିକ, ବୃତ୍ତିଗତ ସହ ସାମୂହିକ ସମ୍ପର୍କ ମାଧ୍ୟମରେ ପ୍ରତିଫଳିତ ହୋଇଥାଏ। ସାମାଜିକ ସମ୍ପର୍କ ବିନା ବ୍ୟକ୍ତିର ଅସ୍ତିତ୍ୱ ଥାଇପାରେ କିନ୍ତୁ ବ୍ୟକ୍ତିତ୍ୱର ପରିଚୟ ଦେଖିବାକୁ ମିଳେନାହିଁ। ସମାଜ ମାଧ୍ୟମରେ ବ୍ୟକ୍ତିତ୍ୱ ଝଲକେ ଓ ପରିପ୍ରକାଶ ହୁଏ। ସାମାଜିକ ସମ୍ପର୍କରୁ ବ୍ୟକ୍ତିତ୍ୱ ସୃଷ୍ଟି ହୁଏ ଓ ତାର ପରିବ୍ୟାପ୍ତ ମଧ୍ୟ ହୁଏ। ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କକୁ ସାମାଜିକ ସମ୍ପର୍କର ଆଖ୍ୟା ଦିଆଯାଏ। ସାମାଜିକ ସମ୍ପର୍କର ଅସ୍ତିତ୍ୱ ବ୍ୟକ୍ତିକୈନ୍ଦ୍ରିକ ଯାହା ବ୍ୟକ୍ତି ନିର୍ଦ୍ଧାରଣ କରେ। ସେ କହା ସହ ମିଶିବ ଓ ତା ଭାବନାକୁ ପ୍ରକାଶ କରିବ ତାହା ବ୍ୟକ୍ତି ଉପରେ ନିର୍ଭରଶୀଳ। ନିଜକୁ ମଣିଷଜାତିର ପରିଚୟ ଦେଉଥିବା ବ୍ୟକ୍ତି କେବେକେବେ ନିଜକୁ ଅନ୍ୟଠାରୁ ସ୍ୱତନ୍ତ୍ର, ଶ୍ରେଷ୍ଠ ଶକ୍ତିଶାଳୀ, ବିଚକ୍ଷଣ, କୌଶଳସମ୍ପନ୍ନ, ଚତୁର ଏବଂ ବିଜ୍ଞ ଅନୁଭବ କରେ। ସାମାଜିକ ସମ୍ପର୍କ ମାଧ୍ୟମରେ ବ୍ୟକ୍ତି ନିଜକୁ ଦକ୍ଷ, ସର୍ବଜ୍ଞ ଓ ଗୁଣୀରୂପେ ପରିଚୟ ସହ ସମ୍ପର୍କରେ ନିବିଡ଼ତା, ଅହଙ୍କାର, କୃପଣତା, ଶଠତା, ଦାନୀ ଓ ମାନୀର ପରିଚୟ ସୃଷ୍ଟି କରିଥାଏ। ସମାଜ ଦ୍ୱାରା ମଣିଷର ସ୍ୱଭାବ ତଥା ବ୍ୟକ୍ତିତ୍ୱ ମାପ କରାଯାଏ। ବ୍ୟକ୍ତିର ପ୍ରକୃତି, ଚରିତ୍ର ତଥା ସ୍ୱଭାବ ଚିତ୍ରଣ କେବଳ ସାମାଜିକ ସମ୍ପର୍କ ମାଧ୍ୟମରେ ପ୍ରତିଫଳିତ ହୁଏ। ଭାବର ଆଦାନ ଓ ପ୍ରଦାନରେ ସାମାଜିକ ବ୍ୟବସ୍ଥା ନିହିତ। ପାର୍ଥିବ ଶରୀର ଓ ପାର୍ଥିବ ଦୁନିଆରେ ସାମାଜିକ ଓ ସାଂସାରିକ ସମ୍ପର୍କ ହିଁ ଶ୍ରେଷ୍ଠ ସମ୍ପର୍କ। ବସ୍ତୁବାଦୀ ଦୁନିଆର ବସ୍ତୁ ହିଁ ସର୍ବସ୍ୱ। ଅଧିକାଂଶ ସମ୍ପର୍କ ବସ୍ତୁଗତ। ବସ୍ତୁର ଆଦାନପ୍ରଦାନରେ ତଥା ଗ୍ରହଣରେ ହିଁ ସାମାଜିକ ସମ୍ପର୍କ ନ୍ୟସ୍ତ। ଏଠି ହସ ଏବଂ ଲୁହ ସବୁକିଛି ବସ୍ତୁ ସହ ଜଡ଼ିତ। ବସ୍ତୁର ଉପସ୍ଥିତି ଓ ଅନୁପସ୍ଥିତି ଅନେକ କ୍ଷେତ୍ରରେ ସୁଖ, ଶାନ୍ତି, ଆନନ୍ଦ ଓ ଉତ୍ସବମୟ ପାଇଁ ସମ୍ପୂର୍ଣ୍ଣଦାୟୀ। ସେ ଖାଦ୍ୟ ହେଉ କି ବସ୍ତ୍ର, ବାସଗୃହ ହେଉକି ପରିବେଶ। ଶାରୀରିକ ଓ ମାନସିକ ଆନନ୍ଦ ସଂସାରର ବସ୍ତୁଭିତ୍ତିକ। ଦିଆନିଆର ସଂସାର। ପ୍ରେମରୁ ପ୍ରେମ ଉତ୍ପତ୍ତି ହୁଏ। ଯେମିତି ସମ୍ମାନ ଓ ଶ୍ରଦ୍ଧା କଲେ ପୁନଶ୍ଚ ତାହା ମିଳେ। ସାମାଜିକ ସମ୍ପର୍କ ଦେବାନେବାରେ ପ୍ରତିଷ୍ଠିତ। କାରଣ ମଣିଷ ସମାଜର ଅଧିକାଂଶ କର୍ମ ସର୍ତ୍ତମୂଳକ ତଥା ଉଦ୍ଦେଶ୍ୟପୂର୍ଣ୍ଣ। ପ୍ରତ୍ୟେକ ବ୍ୟକ୍ତିର ତାହା ଏକ ସାମାଜିକ ଚଳନି। ଉଦ୍ଦେଶ୍ୟହୀନ ତଥା ସର୍ତ୍ତବିହୀନ ସାମାଜିକ ଚଳନୀର କିଛି ମାନେନାହିଁ।

ସମାଜରେ ବସବାସ କରୁଥିବା ବ୍ୟକ୍ତି ମଧ୍ୟରେ ସାମାଜିକ କାର୍ଯ୍ୟକ୍ରମ ଯଥା ଘର ପ୍ରତିଷ୍ଠା, ଜନ୍ମଦିନ, ଏକୋଇଶା ବ୍ରତଘର, ବାହାଘର, ମଘାକାମ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଆମ ସାମାଜିକ ଜୀବନ ସହ ସଂଶ୍ଳିଷ୍ଟ। ଏ ସମସ୍ତ ସାମାଜିକ କାର୍ଯ୍ୟକ୍ରମରେ ସଂପର୍କୀୟ ତଥା ପରିଚିତ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ସହ ସେମାନଙ୍କର ଉପସ୍ଥିତିକୁ ଆମେ ସଦାସର୍ବଦା ଅନୁଭବ କରନ୍ତି। ସେମାନଙ୍କ ଉପସ୍ଥିତ ଓ ସହଯୋଗ ଆମପାଇଁ ଏକ ଶକ୍ତି ଓ ସାହସ। ନିମନ୍ତ୍ରଣ ପାଇଥିବା ଲୋକଟି କୌଣସି କାର୍ଯ୍ୟକ୍ରମରେ ନିଜକୁ ଯୋଡ଼ିବାପୂର୍ବରୁ ପ୍ରଥମେ ଚିନ୍ତାକରେ ମୋତେ ଉପହାରରେ କଣ ଦେବାକୁ ହେବ। ଖାଲି ହାତରେ କୌଣସି କାର୍ଯ୍ୟକ୍ରମକୁ ସାମିଲ ହେବା ମଣିଷର ପରିକଳ୍ପନା ବାହାରେ। ଉପହାର ପ୍ରଦାନ ଓ ଗ୍ରହଣ ଏକ ମାନସିକ ଅବସ୍ଥା ଓ ସାମାଜିକ ବ୍ୟବସ୍ଥା। ଲୋକ କଥା ପ୍ରସଙ୍ଗରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ନେଇ ଆଲୋଚନା କରନ୍ତି, ଯେମିତିକି ବାହାଘର କାର୍ଯ୍ୟକ୍ରମରେ ପଚରାଉଚରା କରନ୍ତି; ତୋ ପୁଅ ବାହାକଲୁ କଣ ସବୁ ପାଇଲୁ, କେତେ ଯୌତୁକ ଆଣିଲୁ। ବାହାଘରକୁ କିଏ ଆସିଥିଲେ ଓ କଣ ବେଭାର ଦେଲେ? ବହୂକୁ ମୁହଁଦେଖା କିଏ କଣ ସବୁ ଦେଲେ। ଏସବୁ ପରିବାର, ସଂପର୍କୀୟ ତଥା ସାହିପଡ଼ିଶାଙ୍କ ବାର୍ତ୍ତାଳାପ। ଜ୍ୟାଇଁପୁଅକୁ ପଖାଳ ଖିଆରେ କଣ ଦେଲ ?

ଆରମ୍ଭ କରିବା ମଣିଷର ଜନ୍ମରୁ। ଜନ୍ମ ଏକୋଇଶା ଓ ଜନ୍ମଦିନ ଏକ ସାମାଜିକ ବ୍ୟବସ୍ଥା। ସନ୍ତାନପ୍ରାପ୍ତିର ଆଗମନ ତଥା ଖୁସିରେ କିଛି କାର୍ଯ୍ୟକ୍ରମର ଆୟୋଜନ ଅବସରରେ ନିମନ୍ତ୍ରିତ ବ୍ୟକ୍ତି, ଅତିଥି, ଆଗନ୍ତୁକ ସେମାନଙ୍କ ପରିବାର ସହ ଯୋଗଦେବା ସମୟରେ ଲିଫାପାରେ କିଛି ଅର୍ଥ ନଚେତ୍ ଉପହାର ସାମଗ୍ରୀ ରଙ୍ଗୀନ ଜରି ଆଚ୍ଛାଦିତ ଧରି ଆସି ଶୁଭେଚ୍ଛା ଜଣାଇ ଉପହାର ବଢ଼ାଇବା ପରେ ହିଁ ଭୋଜିଭାତ ଖାଇବାକୁ ଆଗାନ୍ତି। ଆଜିକାଲି ସହର ହେଉ କି ଗାଁ ବିନା ଉପହାରରେ କୌଣସି ଭୋଜିରେ ଯୋଗଦାନ କରିବାର ପରିକଳ୍ପନା ଅସମ୍ଭବ। ଆଜିର ଏହା ଫ୍ୟାସନ୍। ଉପହାର ଧରି ପେଣ୍ଡାଲରେ ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ ଏକ ସମ୍ମାନ ସୂଚକ। ସାମାଜିକ ଦୃଷ୍ଟିକୋଣରୁ ଅର୍ଥ ଉପହାର ଏକ ସହଯୋଗ। ବନ୍ଧୁଘରକୁ କେବେ ବୁଲିବାକୁ ଗଲେ କିଛି ନହେଲେ ମିଠାଧରି ଯିବାକୁ ହୁଏ। ବିନା ମିଠାରେ ସମ୍ପର୍କ ପାଣିଚିଆ। ଅଗରେ ନହେଲେ ପଛରେ କଥା ହେବେ କିଛି ଆଣିନଥିଲେ, ଖାଲି ହାତରେ କେମିତି ଆସୁଛନ୍ତି? ଛୁଆପିଲା ଘର। ଏକଥା ମୁଁ ଲୋକମାନଙ୍କ ମୁହଁରେ ପ୍ରାୟ ଶୁଣିବାକୁ ପାଏ। ଫେରିଲାବେଳେ ପୁଣି ମୁନାମୁନିଙ୍କ ହାତରେ ଟଙ୍କାପଇସା ଦେଇ ଆସିବାକୁ ପଡ଼େ। ପର୍ବପର୍ବାଣୀରେ ପୋଷାକପତ୍ର ଦିଆନିଆ ଏକପ୍ରକାର ସାମାଜିକ ରୀତିନୀତି। ଭୋଜିଭାତରେ କୌଣସି କାରଣରୁ ବନ୍ଧୁଘରକୁ ଯାଇ ନପାରିଲେ ଶାଢ଼ୀ ଟଙ୍କା ନଚେତ କିଛି ଆଭୂଷଣ ବନ୍ଧୁବେଭାର ହିସାବରେ ପଠାଯାଏ, ନଚେତ୍ ବନ୍ଧୁ କଟିଯାଏ। ସବୁ ସମ୍ପର୍କ ପଛରେ ଅର୍ଥ ହେଉକି ଜିନିଷ ଏକ ଉପହାର ସଦୃଶ। ଉପହାର ଏକ ଆକର୍ଷଣ ଯାହା ଅଧିକାଂଶ ସମ୍ପର୍କକୁ ଯୋଡେ, ମଜବୁତ୍ କରେ, କିନ୍ତୁ ତାର ବ୍ୟତିକ୍ରମରେ ସମ୍ପର୍କ ଭାଙ୍ଗେ। ଏହା ଏକ ନିରାଟ ସତ୍ୟ। ମୋର ଜଣେ ପଡୋଶୀଙ୍କ ସଂପର୍କୀୟଙ୍କ ଝିଅ ବାହାଘର କାର୍ଯ୍ୟକ୍ରମରେ କୌଣସି କାରଣରୁ ସେ ଅନୁପସ୍ଥିତ ରହିବା ସହ ଆର୍ଥିକ ସହଯୋଗ କରିପାରିନଥିବାରୁ ତାଙ୍କ ସହ ବନ୍ଧୁ କଟିଗଲା ବୋଲି ତାଙ୍କ କହିବା କଥା। ସ୍ତ୍ରୀକୁ ଜନ୍ମଦିନରେ, ବିବାହ ବାର୍ଷିକରେ ଉପହାର ନଦେଲେ ସେ ଯା ତା ଦାୟିକା ଦିଏ। ଛଅମାସ ଛୁଆକୁ ଧରି ଆସିଥିବା ଜଣେ ସଂପର୍କୀୟଙ୍କୁ ହାତରେ ଟଙ୍କା ନଯାଚିଥିବାରୁ ସେ ଅନ୍ୟ ବନ୍ଧୁଙ୍କ ଆଗରେ ଗାଇଲେ ଛୁଆଟା ହାତରେ କିଛି ଦେଲେନି। ଆମେ ବି ଆସିଲେ କିଛ ଦେବୁନି। ଉପହାର ଦେଲେନେଲେ ସବୁ ଆପଣାର। ପାନରୁ ଚୂନ ଖସିଲେ ସଭିଏଁ ବେକାର, ଆଉ ପର। କାହାକୁ କହିବା ! ଏ ସବୁ ବସ୍ତୁବାଦୀ ଦୁନିଆର ସାଧାରଣଜନତାଙ୍କ ମାନସିକ ଅବସ୍ଥା। ଏସବୁସତ୍ତ୍ୱେ ମନରେ ଅନେକ ସମୟରେ ପ୍ରଶ୍ନଉଠେ, ଯଦି ଉପହାର ସାମାଜିକ ସମ୍ପର୍କର ମାପକାଠି, ତେବେ ସାମାଜିକ ମୂଲ୍ୟବୋଧ ଏକ ମିଥ୍ୟା ପ୍ରହସନ ନୁହେଁତ ?

**ଦର୍ଶନ ବିଭାଗ ମୁଖ୍ୟ, ବି ଏନ ଏମ ଏ ମହାବିଦ୍ୟାଳୟ**
**ଭଦ୍ରକ, ୮୮୯୫୩୪୧୦୩୩**

# ଦ୍ୱନ୍ଦ୍ୱରେ ବିଶ୍ୱ କୂଟନୀତିଜ୍ଞ

## ଗୋଟିଏ ପଟେ ଶାନ୍ତି ଆଲୋଚନା, ଅନ୍ୟ ପଟେ ଯୁଦ୍ଧ ପରିସ୍ଥିତି

ଇସଲାମାବାଦ,୧୧।୪: ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଶାନ୍ତି ନିମନ୍ତେ କୂଟନୈତିକ କଥାବାର୍ତ୍ତା ଜାରି ରହିଥିବା ବେଳେ ୱାଶିଂଟନର ଦ୍ୱୈତ ଆଭିମୁଖ୍ୟ ପଶ୍ଚିମ ଏସିଆର ଆକାଶରେ ଯୁଦ୍ଧ ଆଶଙ୍କାକୁ କମାଇବା ପରିବର୍ତ୍ତେ ଅଧିକ ବଢ଼ାଇ ଦେଇଛି। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଶାନ୍ତି କଥାବାର୍ତ୍ତା ପାଇଁ ଇସଲାମାବାଦ ଗସ୍ତରେ ଥିବା ବେଳେ ବେଳେ, ପେଣ୍ଟାଗନ ପକ୍ଷରୁ ଅସ୍ତ୍ରଶସ୍ତ୍ର ସହିତ ସାମରିକ ଶକ୍ତିକୁ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଇବାରେ ଲାଗିଛି। ଆମେରିକା ଏକାସାଙ୍ଗରେ ଶାନ୍ତି ଓ ସଂଗ୍ରାମ ପାଇଁ ରଣନୀତି ଜାରି ରଖିଛି ବୋଲି ବୈଦେଶିକ ବ୍ୟାପାର ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ''ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ''ର ରିପୋର୍ଟ ଅନୁସାରେ, ୮୨ତମ ଏୟାରବର୍ଣ୍ଣ ଡିଭିଜନର ହଜାର ହଜାର ପାରାଟ୍ରୁପର ଏବଂ ''ୟୁଏସଏସ ଜର୍ଜ ଏଚ.ଡବ୍ଲୁ. ବୁସ'' ଭଳି ଶକ୍ତିଶାଳୀ ବିମାନବାହୀ ଜାହାଜ ଇରାନ ଅଭିମୁଖେ ଅଗ୍ରସର ହେଉଛନ୍ତି। ଫଳରେ ଇରାନ ନିକଟବର୍ତ୍ତୀ ଅଞ୍ଚଳରେ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ୫୦ ହଜାର ଅତିକ୍ରମ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ



ମନୋଭାବ ତଥା କାର୍ଯ୍ୟକଳାପକୁ ମଧ୍ୟ ସମୀକ୍ଷକମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ଗୋଟିଏ ପଟେ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନକୁ ପ୍ରତିନିଧି ଦଳ ପଠାଇବା ଏବଂ ଅନ୍ୟପକ୍ଷରେ ପରୋକ୍ଷରେ ଯୁଦ୍ଧ ଧମକ ଦେବା ସମସ୍ତଙ୍କୁ ଚକିତ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକୀୟ ଯୁଦ୍ଧପୋତଗୁଡ଼ିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇସାରିଛି। କୂଟନୀତି ସଫଳ ନହେଲେ ଇରାନକୁ ଭୟଙ୍କର ଆକ୍ରମଣ ସହିବାକୁ ପଡ଼ିବ।

ଏଭଳି ସ୍ଥିତିରେ, ଇରାନ ମଧ୍ୟ ଚୁପ୍ ରହିନାହିଁ। ଏହା ନିଜର ଆଭିମୁଖ୍ୟକୁ ସ୍ପଷ୍ଟ କରିଦେଇଛି। ପାକିସ୍ତାନ ଗସ୍ତରେ ଆସିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଲୋଚନା ପାଇଁ ପ୍ରସ୍ତୁତି ଦେଖାଇଛନ୍ତି ସତ, ମାତ୍ର ଲେବାନନରେ ତୁରନ୍ତ ଯୁଦ୍ଧବିରତି ପାଇଁ ସର୍ତ୍ତ ବାଢ଼ିଛନ୍ତି। ଆମେରିକାର କାର୍ଯ୍ୟକଳାପ ଉପରେ ସନ୍ଦେହ ବ୍ୟକ୍ତକରି ସଂସଦ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ କହିଛନ୍ତି, ଯଦି ପାକିସ୍ତାନର ଶାନ୍ତି ଆଲୋଚନା ଫଳପ୍ରଦ ନହୁଏ ତା'ହେଲେ ତେହେରାନ ନୀରବଦ୍ରଷ୍ଟା ସାଜିବ ନାହିଁ। ଏହା ଆମେରିକାକୁ ଉଚିତ ଜବାବ ଦେବ।

ବିଶେଷଜ୍ଞଙ୍କ ମତରେ ଆମେରିକାର ଏହି ବ୍ୟାପକ ସାମରିକ ପ୍ରସ୍ତୁତି ଇରାନର ମୁଖ୍ୟ ତୈଳ ରପ୍ତାନି କେନ୍ଦ୍ର ''ଖାର୍ଗ ଦ୍ୱୀପ'' ଉପରେ ଆକ୍ରମଣ କରିବାକୁ ଏକ ଗୁପ୍ତ ଯୋଜନା ହୋଇପାରେ। ଯଦିଓ ଇରାନର ଭୌଗୋଳିକ ସ୍ଥିତି ଓ ଜନସଂଖ୍ୟା ଦୃଷ୍ଟିରୁ କୌଣସି ସ୍ଥଳ ଯୁଦ୍ଧ ଆମେରିକା ପାଇଁ ଆଦୌ ସହଜସାଧ୍ୟ ହେବନାହିଁ।

ପ୍ରକାଶଥାଉ କି, ଗତ ଛଅ ସପ୍ତାହ ଧରି ଚାଲିଥିବା ଏହି ଭୟଙ୍କର ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁଁ ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଦୋହଲିବାକୁ ଆରମ୍ଭ କଲାଣି। ବିଶେଷ କରି ''ହର୍ମୁଜ ପ୍ରଣାଳୀ'' ଦେଇ ହେଉଥିବା ୨୦ ପ୍ରତିଶତ ବିଶ୍ୱ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁ ଇନ୍ଧନ ଦର ଆକାଶଛୁଆଁ ହୋଇଛି। ଏହା ସାରା ବିଶ୍ୱରେ ମାନ୍ଦାବସ୍ଥାର ଆଶଙ୍କା ସୃଷ୍ଟି କରିଛି।



# ଇରାନ ମାଟି ତଳେ ହଜାର ହଜାର କ୍ଷେପଣାସ୍ତ୍ର

## ଯୁଦ୍ଧ ଶେଷ ପରେ ବି ଛାଡ଼ିନି ଭୟ

ତେହେରାନ, ୧୧।୪: ମଧ୍ୟପ୍ରାଚ୍ୟରେ ଯୁଦ୍ଧବିରତି ପାଇଁ ପ୍ରୟାସ ଚାଲିଛି। ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି। କିନ୍ତୁ ଯୁଦ୍ଧର ନିଆଁ ସମ୍ପୂର୍ଣ୍ଣ ଲିଭିନାହିଁ। କାରଣ ମାଟିତଳେ ଥିବା ଇରାନର କ୍ଷେପଣାସ୍ତ୍ର ଅସ୍ତ୍ରାଗାର। ଯାହା ପ୍ରବଳ ଆକ୍ରମଣ ସତ୍ତ୍ୱେ ସମ୍ପୂର୍ଣ୍ଣ ନଷ୍ଟ ହୋଇନାହିଁ। ଆମେରିକୀୟ ଗୁଇନ୍ଦା ସଂସ୍ଥା ଅନୁଯାୟୀ, ଆକ୍ରମଣରେ ଇରାନକୁ ଯଥେଷ୍ଟ କ୍ଷତି ସହିବାକୁ ପଡିଛି, କିନ୍ତୁ ଇରାନ ପାଖରେ ଏବେ ବି ହଜାର ହଜାର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ଅନେକ ଭୂତଳ ସଂରକ୍ଷଣ ସ୍ଥଳରେ ଲୁଚାଇ ରଖାଯାଇଛି। ଯାହାକୁ ଆବଶ୍ୟକ ହେଲେ ବ୍ୟବହାର କରାଯାଇପାରିବ। ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ଇରାନର କ୍ଷେପଣାସ୍ତ୍ର ନେଟୱାର୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ ଦେଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇରାନର ଅଧାରୁ ଅଧିକ କ୍ଷେପଣାସ୍ତ୍ର ଲଞ୍ଚର ନଷ୍ଟ ହୋଇଯାଇଛି, କ୍ଷତିଗ୍ରସ୍ତ ହୋଇଛି କିମ୍ବା ରହିଥିବା ସୁଡ଼ଙ୍ଗରେ ପୋତି ହୋଇଯାଇଛି।

ତଥାପି, ଚିନ୍ତାଜନକ କଥା ହେଉଛି, ଏହି ସିଷ୍ଟମଗୁଡ଼ିକ ମଧ୍ୟରୁ ଅନେକକୁ ପରେ ମାଟିତଳୁ କାଢ଼ି ସକ୍ରିୟ କରାଯାଇପାରିବ। ଏହି କାରଣରୁ ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ଙ୍କ କ୍ଷେପଣାସ୍ତ୍ର ପ୍ରାୟ ଶେଷ ବୋଲି ଦାବି ସତ୍ତ୍ୱେ ଗୁଇନ୍ଦା ସଂସ୍ଥାଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି।

ଇରାନର ପ୍ରକୃତ ଶକ୍ତି ଗଭୀର ଭୂତଳ କ୍ଷେପଣାସ୍ତ୍ର କମ୍ପ୍ଲେକ୍ସରେ ରହିଛି। ଆମେରିକା ଏବଂ ଇସ୍ରାଏଲ ପାଇଁ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିବା କଷ୍ଟକର ହୋଇଛି। ଅନେକ ବିମାନ ଆକ୍ରମଣ ସୁଡ଼ଙ୍ଗଗୁଡ଼ିକୁ ବନ୍ଦ କରିବା ଉପରେ ଧ୍ୟାନ ଦେଇଛି, କିନ୍ତୁ ସମ୍ପୂର୍ଣ୍ଣ ସୁଡ଼ଙ୍ଗ ପ୍ରଣାଳୀ ନଷ୍ଟ ହୋଇନାହିଁ। ଏହା ସୂଚାଇ ଦିଏ ଯେ, ଇରାନରେ ଏବେ ବି ଯଥେଷ୍ଟ ସଂଖ୍ୟକ କ୍ଷେପଣାସ୍ତ୍ର ଅକ୍ଷତ ରହିଛି। ରିପୋର୍ଟ ଅନୁଯାୟୀ, ଯୁଦ୍ଧ ପୂର୍ବରୁ ଇରାନ ପାଖରେ ପ୍ରାୟ ୨,୫୦୦ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଥିଲା। ଆକଳନ କରାଯାଉଛି ଏବେ ବି ୧,୦୦୦ ରୁ ଅଧିକ ଏପରି କ୍ଷେପଣାସ୍ତ୍ର ବାକି ଅଛି।

# ଶାନ୍ତି ଆଲୋଚନା ପୂର୍ବରୁ ଟ୍ରମ୍ପଙ୍କ ଧମକ

ନୂଆଦିଲ୍ଲୀ, ୧୧।୪: ଶାନ୍ତି ଆଲୋଚନା ପୂର୍ବରୁ ହର୍ମୁଜ ଖୋଲିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଛନ୍ତି ଧମକ। ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଇରାନକୁ ଚେତାବନୀ ଦେଇଛନ୍ତି। ଇରାନ ସହଯୋଗ କରୁ କି ନକରୁ, ହର୍ମୁଜ ଖୋଲିବ ଆମେରିକା। ଶନିବାର ଇସଲାମାବାଦରେ ଆମେରିକା ଏବଂ ଇରାନ ପ୍ରତିନିଧିମାନେ ଆଲୋଚନା ପାଇଁ ଏକାଠି ହେଉଥିବା ସମୟରେ ଟ୍ରମ୍ପଙ୍କ ଏହି ବୟାନ ଆସିଛି। ଆମେରିକା ହର୍ମୁଜ୍ ପ୍ରଣାଳୀରେ କୌଣସି ଟୋଲ୍ ଆଦାୟ କରିବାକୁ ଅନୁମତି ଦେବ ନାହିଁ ବୋଲି ସେ କହିଛନ୍ତି। ଆମେରିକାର ରାଷ୍ଟ୍ରପତି କହିଛନ୍ତି ଯେ ଇରାନ ସହିତ ଯେକୌଣସି ଚୁକ୍ତିରେ ତାଙ୍କର ପ୍ରାଥମିକ ଧ୍ୟାନ ତେହେରାନର



ପରମାଣୁ କ୍ଷମତାକୁ ସୀମିତ କରିବା ହେବ। ଆମେରିକାର ରାଷ୍ଟ୍ରପତି ଆଶା ପ୍ରକାଶ କରିଥିଲେ ଯେ ଏହି ପ୍ରକ୍ରିୟା ଶୀଘ୍ର ଆଗକୁ ବଢ଼ିବ। ସେ ଇରାନକୁ ଚେତାବନୀ ଦେଇ କହିଥିଲେ, ମୁଁ ଭାବୁଛି ଏହା ବହୁତ ଶୀଘ୍ର ଆଗକୁ ବଢ଼ିବ ଏବଂ ଯଦି ଏହା ନ ହୁଏ, ତେବେ ଆମେ ଏହାକୁ କୌଣସି ପ୍ରକାରେ ସମାପ୍ତ କରିବୁ। ସେ କହିଛନ୍ତି, ଯଦି ଇରାନୀମାନେ ସଦ୍ ବିଶ୍ୱାସ ସହିତ ଆଲୋଚନା କରିବାକୁ ଇଚ୍ଛୁକ, ତେବେ ଆମେ ନିଶ୍ଚିତ ଭାବରେ ସେମାନଙ୍କ ପ୍ରତି ସହଯୋଗର ହାତ ବଢ଼ାଇବାକୁ ଇଚ୍ଛୁକ। କିନ୍ତୁ ଯଦି ସେମାନେ ଆମ ସହିତ ଖେଳ ଖେଳିବାକୁ ଚେଷ୍ଟା କରନ୍ତି, ତେବେ ସେମାନେ ଜାଣିବେ ଯେ ଆମର ଆଲୋଚନା ଟିମ୍ ଏତେ ନରମ ନୁହେଁ।

### ପ୍ରଧାନମନ୍ତ୍ରୀଙ୍କ ପରିବର୍ତ୍ତନର ହୁଙ୍କାର

# ଅନୁପ୍ରବେଶକାରୀଙ୍କୁ ବିଦା କରାଯିବ

କୋଲକାତା, ୧୧।୪: ପଶ୍ଚିମବଙ୍ଗର ରାଜନୈତିକ ରଣାଙ୍ଗନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ବିରୋଧରେ ଏକ ଶାଣିତ ଆକ୍ରମଣ କରିଛନ୍ତି। ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ସମର୍ଥନ ଦେଖି ଟିଏମସି ଏବେ 'ପ୍ୟାନିକ୍ ମୋଡ୍' ବା ଆତଙ୍କିତ ଅବସ୍ଥାରେ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ଦ୍ଧମାନ ଓ ଜଙ୍ଗିପୁରଠାରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରି ସେ ଘୋଷଣା କରିଛନ୍ତି ଯେ, ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ, ତେବେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହ ରାଜନୈତିକ ହିଂସାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଭ୍ରଷ୍ଟାଚାର ବିରୋଧରେ ଆସିବ ଶ୍ୱେତପତ୍ର

ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରୁ ସମସ୍ତ ଅନୁପ୍ରବେଶକାରୀଙ୍କୁ ବିଦା କରିବା ପାଇଁ ଦୃଢ଼ ପ୍ରତିଶୃତି ଦେବା ସହ ସେମାନଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଦଣ୍ଡିତ କରାଯିବ ବୋଲି କହିଛନ୍ତି। ରାଜ୍ୟରେ ଚାଲିଥିବା 'ସିଣ୍ଡିକେଟ୍ ରାଜ୍' ଓ ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ବିଜେପି ସରକାର ଏକ ଶ୍ୱେତପତ୍ର ଜାରି କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହିତ ରାଜନୈତିକ ହିଂସାର ତଦନ୍ତ ପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ତଦନ୍ତ କମିଶନ ଗଠନ କରାଯିବ। ମୋଦି ସ୍ପଷ୍ଟ କରିଛନ୍ତି ଯେ ଟିଏମସି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ବନ୍ଦ କରାଯିବ ନାହିଁ, ବରଂ ସେଥିରୁ ଦୁର୍ନୀତିକୁ ହଟାଇବା ସହ ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ କରାଯିବ। ସନ୍ଦେଶଖାଲି ଓ ଆରଜି କର ମାମଲା ଭଳି ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବଙ୍ଗଳାର ଜନସାଧାରଣ ଟିଏମସିର ଗୁଣ୍ଡାଗର୍ଦ୍ଦିକୁ ଆଉ ସହ୍ୟ କରିବେ ନାହିଁ। ଜଙ୍ଗିପୁର ସଭାରେ ସେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ଜାତୀୟ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବା ପାଇଁ ସଂକଳ୍ପ ନେଇଛନ୍ତି। ଟିଏମସି ବର୍ତ୍ତମାନ ବାମପନ୍ଥୀ ମେଣ୍ଟର ଏକ ନକଲରେ ପରିଣତ ହୋଇଛି ଏବଂ ପୂର୍ବରୁ ଯେଭଳି ବାମପନ୍ଥୀଙ୍କ ପତନ ହୋଇଥିଲା, ସେହିଭଳି ଟିଏମସିର ଅହଂକାର ମଧ୍ୟ ଚୂର୍ଣ୍ଣ ହେବ ବୋଲି ପ୍ରଧାନମନ୍ତ୍ରୀ ହୁଙ୍କାର ଦେଇଛନ୍ତି।

# ଦୀର୍ଘ ସମୟ ଧରି କଥାହେଲେ ମୋଦି ଓ ରାହୁଲ

ନୂଆଦିଲ୍ଲୀ, ୧୧।୪: ଭାରତୀୟ ରାଜନୀତିରେ ଆଜି ସକାଳେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ମହାନ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ ଅବସରରେ ଦିଲ୍ଲୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପରସ୍ପରକୁ 'ନମସ୍ତେ' କରିବା ସହ ଦୀର୍ଘ ସମୟ ଧରି କଥାବାର୍ତ୍ତା ହୋଇଛନ୍ତି। ସଂସଦ ପରିସରରେ ଥିବା 'ପ୍ରେରଣା ସ୍ଥଳ' ନିକଟରେ



ଭିନ୍ନ ଏକ ଦୃଶ୍ୟ

ପ୍ରଧାନମନ୍ତ୍ରୀ ମୋଦିଙ୍କ କନଭୟ ପହଞ୍ଚିବା ବେଳକୁ ସେଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା, ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଅନ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ସହ ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ଦୁଇ ଶୀର୍ଷ ନେତା ପରସ୍ପରକୁ ଅଭିବାଦନ ଜଣାଇଥିଲେ ଏବଂ ଉଭୟଙ୍କ ମଧ୍ୟରେ ଏକ ଲମ୍ବା ଆଲୋଚନା ହୋଇଥିଲା। ଏହି ସମୟରେ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଏହାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଫୁଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ସେଠାରେ ପହଞ୍ଚିଥିଲେ, ଯେଉଁଠାରେ ସମସ୍ତେ ଏକାଠି ହୋଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଶନିବାର ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ସମାନତା ତଥା ସାମାଜିକ ନ୍ୟାୟ ଦିଗରେ ତାଙ୍କର ଆଜୀବନ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ନିଜର ଏକ ବ୍ଲଗ୍ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି, "ମହାନ ସମାଜ ସଂସ୍କାରକ ମହାତ୍ମା ଫୁଲେଙ୍କ ଜୀବନ ହେଉଛି ନୈତିକ ସାହସ, ଆତ୍ମଚିନ୍ତନ ଏବଂ ସମାଜର କଲ୍ୟାଣ ପାଇଁ ଅତୁଟ ଉତ୍ସର୍ଗୀକୃତ ଭାବନାର ଏକ ପ୍ରେରଣାଦାୟକ ଉଦାହରଣ।

### ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବଡ଼ କାର୍ଯ୍ୟାନୁଷ୍ଠାନ

# ପାର୍ଥ ଚାଟାର୍ଜୀଙ୍କ ଘରେ ଇଡି ଚଢ଼ାଉ

**କୋଲକାତା, ୧୧।୪:** ପଶ୍ଚିମବଙ୍ଗରେ ନିର୍ବାଚନୀ ତାତି ମଧ୍ୟରେ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଦଳ ଶନିବାର ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ବାସଭବନରେ ଚଢ଼ଉ କରିଛନ୍ତି। ଏହା ସହିତ ତାଙ୍କ ଘର ପରିସରରେ କେନ୍ଦ୍ରୀୟ ବାହିନୀକୁ ମୁତୟନ କରାଯାଇଛି। ନିର୍ବାଚନ ପୂର୍ବରୁ ହୋଇଥିବା ଏହି କାର୍ଯ୍ୟାନୁଷ୍ଠାନ, ବର୍ଷ ବର୍ଷ ଧରି ପଶ୍ଚିମବଙ୍ଗ ରାଜନୀତିକୁ ଦୋହଲାଇ ଦେଇଥିବା ଶିକ୍ଷକ ନିଯୁକ୍ତି ଦୁର୍ନୀତିର ସ୍ମୃତିକୁ ପୁଣି ଥରେ ତାଜା କରିଛି। ଶନିବାର ସକାଳେ କଡ଼ା ସୁରକ୍ଷା ମଧ୍ୟରେ ତଦନ୍ତକାରୀ ଅଧିକାରୀମାନେ ପାର୍ଥ ଚାଟାର୍ଜୀଙ୍କ ଘରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା। ସୂଚନା ଅନୁଯାୟୀ, ଏହି କାର୍ଯ୍ୟାନୁଷ୍ଠାନ ସ୍କୁଲ ଶିକ୍ଷକ ନିଯୁକ୍ତି ଦୁର୍ନୀତିର ତଦନ୍ତର ଏକ ଅଂଶ। ଇଡି ଅଧିକାରୀମାନଙ୍କ ଅନୁସାରେ ନିର୍ବାଚନ ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ଲିଙ୍କ ପାଇଁ ପାର୍ଥ ଚାଟାର୍ଜୀଙ୍କୁ ମୁହାଁମୁହିଁ ପଚରାଉଚରା କରିବା



ଆବଶ୍ୟକତା ରହିଛି। ପାର୍ଥ ଚାଟାର୍ଜୀଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିବା ପରଠାରୁ, ଇଡି ତାଙ୍କୁ ପଚରାଉଚରା ପାଇଁ ଅନେକ ଥର ସମନ କରିଛି। ତଥାପି, ପ୍ରତ୍ୟେକ ଥର ସେ ଗୁରୁତର ଅସୁସ୍ଥତାକୁ ଦର୍ଶାଇ ହାଜର ହେବାକୁ ମନା କରିଦେଇଛନ୍ତି। ଆବଶ୍ୟକ ହେଲେ, ତାଙ୍କୁ ଭିଡିଓ କଲ୍ କିମ୍ବା ତାଙ୍କ ବାସଭବନରେ ପଚରାଉଚରା କରାଯାଇପାରିବ ବୋଲି ସେ ତଦନ୍ତକାରୀ ସଂସ୍ଥାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏବେ ଏଜେନ୍ସି ତାଙ୍କ ଦ୍ୱାରସ୍ଥ ହୋଇଛି। ଏବେ ତାଙ୍କ ଘରେ ପଚରାଉଚରା କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ଆଗାମୀ ବିଧାନସଭା ନିର୍ବାଚନରେ ସିଧାସଳଖ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି। କାରଣ ରାଜ୍ୟ ରାଜନୀତିରେ ଦୁର୍ନୀତି ସର୍ବଦା ଏକ ପ୍ରମୁଖ ପ୍ରସଙ୍ଗ ହୋଇ ରହିଆସିଛି। ଏହି ମାମଲାର ୨୦୨୨ ମସିହାରେ ହୋଇଥିଲା। ସେତେବେଳେ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ବନ୍ଧୁ ଅର୍ପିତା ମୁଖାର୍ଜୀଙ୍କ ଘରୁ ପ୍ରାୟ ୨୦ କୋଟି ନଗଦ ଜବତ କରାଯାଇଥିଲା, ଯାହା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣା ପରେ, ଚାଟାର୍ଜୀଙ୍କୁ ଗିରଫ କରାଯାଇଥିଲା ଏବଂ ସେ ଦୀର୍ଘ ସମୟ ପାଇଁ ସେ ନ୍ୟାୟିକ ହେପାଜତରେ ରହିଥିଲେ। ଏହା ସହିତ ରାଜ୍ୟ ମନ୍ତ୍ରୀ ଏବଂ ଟିଏମ୍ସି ନେତା ସୁଜିତ ବୋଷଙ୍କ ପୁଅ ସମୁଦ୍ର ବୋଷଙ୍କୁ ମଧ୍ୟ ପଚରାଉଚରା ପାଇଁ ସଲ୍ଟ ଲେକର ସିଜିଓ କମ୍ପ୍ଲେକ୍ସକୁ ଡକାଯାଇଥିଲା। ସେ ଇଡି ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇଥିଲେ।

# ବସ୍ତିରେ ନିଆଁ ଲାଗି ୩ ମୃତ

ନୂଆଦିଲ୍ଲୀ,୧୧।୪: ମୁମ୍ବାଇ ନିକଟବର୍ତ୍ତୀ ଭାୟନ୍ଦର ପୂର୍ବ ଅଞ୍ଚଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଇନ୍ଦ୍ରଲୋକ ପୁଲିସ୍ ଷ୍ଟେସନ ନିକଟରେ ଲୋଧା କମ୍ପ୍ଲେକ୍ସ ପଛରେ ଥିବା ଏକ ବେଆଇନ ବସ୍ତିରେ ଅଗ୍ନିକାଣ୍ଡ ଘଟି ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଏଥିରେ ଅନେକ ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। କୌଣସି କାରଣରୁ ବସ୍ତି ଅଞ୍ଚଳରେ ହଠାତ୍ ନିଆଁ ଲାଗିଯିବା ସହିତ ନିଆଁ ଖୁବ୍ ଶୀଘ୍ର ଆଖପାଖ ଘରକୁ ବ୍ୟାପି ଯାଇଥିଲା। ଏହି ସମୟରେ ଘରେ ଗଚ୍ଛିତ ଗ୍ୟାସ ସିଲିଣ୍ଡର ଗୁଡ଼ିକ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। କର୍ମଚାରୀମାନେ ୨୯ଟି ସିଲିଣ୍ଡରକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି। ସିଲିଣ୍ଡର ବିସ୍ଫୋରଣରେ ଟିଣ ସେଡ୍ ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ କିଛି ଯାନବାହନ ଜଳି ପୋଡି ପାଉଁଶ ହୋଇଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡିନାହିଁ।

# ଦିଲ୍ଲୀରୁ ହଟିବ ପେଟ୍ରୋଲ ଓ ଡିଜେଲ ଗାଡ଼ି

**ନୂଆଦିଲ୍ଲୀ, ୧୧।୪:** ଦେଶର ରାଜଧାନୀରେ ବଢୁଥିବା ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦିଲ୍ଲୀ ସରକାର ଏକ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ 'ଦିଲ୍ଲୀ ବୈଦ୍ୟୁତିକ ଯାନ (ଇଭି) ନୀତି ୨୦୨୬-୨୦୩୦'ର ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହି ନୂତନ ନୀତି ଅନୁଯାୟୀ, ଆସନ୍ତା କିଛି ବର୍ଷ ମଧ୍ୟରେ ପେଟ୍ରୋଲ ଚାଳିତ ଦୁଇଚକିଆ ଓ ତିନିଚକିଆ ଯାନର ପଞ୍ଜୀକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏକ କଠୋର ସମୟସୀମା ଧାର୍ଯ୍ୟ କରାଯାଇଛି। ବିଶେଷକରି ଶୀତଦିନେ ଦିଲ୍ଲୀରେ ଦେଖାଦେଉଥିବା ଭୟଙ୍କର ସ୍ମୋଗ୍ ବା ବିଷାକ୍ତ କୁହୁଡ଼ିକୁ ନିୟନ୍ତ୍ରଣ କରିବା ଏହି ନୀତିର ମୂଳ ଲକ୍ଷ୍ୟ।



ସମ୍ପୂର୍ଣ୍ଣ ଇଭି ସହର କରିବାକୁ ଆସିଲା ସ୍ୱତନ୍ତ୍ର ନୀତି

ଏହି ଚିଠା ପ୍ରସ୍ତାବ ଅନୁଯାୟୀ, ୨୦୨୭ ମସିହା ଜାନୁଆରୀ ୧ ତାରିଖରୁ ଦିଲ୍ଲୀରେ କେବଳ ବୈଦ୍ୟୁତିକ ତିନିଚକିଆ ଯାନର ନୂତନ ପଞ୍ଜୀକରଣ ହୋଇପାରିବ। ସେହିପରି ୨୦୨୮ ଏପ୍ରିଲ ୧ ତାରିଖ ପରଠାରୁ ପେଟ୍ରୋଲ ଚାଳିତ ଦୁଇଚକିଆ ଗାଡ଼ି ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ ଏବଂ କେବଳ ଇଲେକ୍ଟ୍ରିକ୍ ମଡେଲକୁ ଅନୁମତି ମିଳିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ବଡ଼ ପରିବର୍ତ୍ତନ ଅଣାଯାଇଛି, ଯେଉଁଥିରେ ଆଗ୍ରିଗେଟର ବା ବିଭିନ୍ନ ସଂସ୍ଥା ଅଧୀନରେ ଚାଲୁଥିବା ଗାଡ଼ିଗୁଡ଼ିକ ପାଇଁ ୨୦୨୬ ଜାନୁଆରୀରୁ ହିଁ ନୂତନ ପେଟ୍ରୋଲ ବା ଡିଜେଲ ଗାଡ଼ି କିଣିବା ଉପରେ ରୋକ୍ ଲଗାଯାଇଛି। ଏଥିସହିତ ସରକାରୀ ଗାଡ଼ି ଏବଂ ସ୍କୁଲ ବସ୍ ଗୁଡ଼ିକର ପର୍ଯ୍ୟାୟକ୍ରମେ ବୈଦ୍ୟୁତିକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଇଲେକ୍ଟ୍ରିକ୍ ଦୁଇଚକିଆ, ତିନିଚକିଆ ଓ ମାଲବାହୀ ଯାନ ଉପରେ ବ୍ୟାଟେରୀ କ୍ଷମତା ଅନୁଯାୟୀ ସବସିଡି ପ୍ରଦାନ କରାଯିବ। ପୁରୁଣା ପ୍ରଦୂଷଣକାରୀ ଗାଡ଼ିକୁ ସ୍କ୍ରାପ୍ ବା ନଷ୍ଟ କରିବା ପାଇଁ ମଧ୍ୟ ବିଭିନ୍ନ ବର୍ଗରେ ୧୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ଏହା ବ୍ୟତୀତ ବୈଦ୍ୟୁତିକ ଯାନ କ୍ରୟ କଲେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଶୁଳ୍କରୁ ସମ୍ପୂର୍ଣ୍ଣ ଛାଡ଼ ମିଳିବ। ଭିତ୍ତିଭୂମିର ବିକାଶ ପାଇଁ ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡକୁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି, ଯିଏ ସହର ସାରା ଚାର୍ଜିଂ ଷ୍ଟେସନ ଏବଂ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ସ୍ଥାପନର ତଦାରଖ କରିବେ। ବ୍ୟାଟେରୀରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ ପରିବେଶ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ।

# ୧୨ ରାଜ୍ୟ-କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍ଆଇଆର୍

ନୂଆଦିଲ୍ଲୀ, ୧୧।୪: ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ଦ୍ୱିତୀୟ ପର୍ଯ୍ୟାୟ ପରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୫ କୋଟି ୩୮ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀ ଭଳି ନିର୍ବାଚନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟ ସାମିଲ ଅଛନ୍ତି। ଉତ୍ତର ପ୍ରଦେଶରେ ଏସ୍ଆଇଆର୍ ଯୋଗୁଁ ୨ କୋଟିରୁ ଅଧିକ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି। ଏସ୍ଆଇଆର୍ ଯୋଗୁଁ ଭୋଟରଙ୍କ ସଂଖ୍ୟା ୧୦.୫୬ ପ୍ରତିଶତ ହ୍ରାସ ପାଇଛି।

କଥା ହେଉଛି ଉତ୍ତର ପ୍ରଦେଶର ଚୂଡ଼ାନ୍ତ ନିର୍ବାଚନ ତାଲିକା ପ୍ରକାଶ ପାଇଛି। ଏହା ଅନୁଯାୟୀ, ଉତ୍ତର ପ୍ରଦେଶରେ ଏବେ ୧୩ କୋଟି ୩୯ ଲକ୍ଷ ଭୋଟର ବାକି ଅଛନ୍ତି। ଏସ୍ଆଇଆର୍ ପୂର୍ବରୁ ରାଜ୍ୟରେ ୧୫ କୋଟି ୪୪ ଲକ୍ଷ ଭୋଟର ଥିଲେ। ଏସ୍ଆଇଆର୍ ପରେ, ୨କୋଟି ୪ ହଜାର ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଏସ୍ଆଇଆର୍ ପରେ ପଶ୍ଚିମବଙ୍ଗରେ ୯୧ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ପ୍ରତିଶତ ହିସାବରେ, ଆଣ୍ଡାମାନ ଏବଂ ନିକୋବର



ଦ୍ୱୀପପୁଞ୍ଜରେ ୧୬.୯ ପ୍ରତିଶତ ଭୋଟର ହ୍ରାସ ପାଇଛନ୍ତି। ୟୁପି ଏବଂ ଗୁଜରାଟରେ ୧୩ ପ୍ରତିଶତ ଲେଖାଏଁ, ପଶ୍ଚିମବଙ୍ଗରେ ୧୨ ପ୍ରତିଶତ, ତାମିଲନାଡୁରେ ୧୧.୫ ପ୍ରତିଶତ, ଛତିଶଗଡ଼ରେ ୧୧.୭ ପ୍ରତିଶତ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। କେରଳ ଏବଂ ତାମିଲନାଡୁରେ ଅଧିକ ମହିଳା ଭୋଟର ଥିବା ବେଳେ ୟୁପିରେ କମ୍ ମହିଳା ଭୋଟର ଅଛନ୍ତି। କେରଳ ଏକମାତ୍ର ରାଜ୍ୟ ଯେଉଁଠାରେ ଭୋଟରଙ୍କ ତାଲିକାରୁ ବାଦ୍ ପଡ଼ିଥିବା ପ୍ରତିଶତ ଦୁଇ ଅଙ୍କ ଛୁଇଁନାହିଁ। ରାଜ୍ୟରେ ୨.୭ ପ୍ରତିଶତ

### ବାଦ ପଡିଲେ ୫.୩୮ କୋଟି ଭୋଟର

ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି।

ଏସ୍ଆଇଆର୍‌ରେ ସର୍ବାଧିକ ସଂଖ୍ୟକ ଭୋଟର ସହରାଞ୍ଚଳରୁ ବାଦ ପଡ଼ିଛନ୍ତି। ଏହା ସହିତ, କିଛି ଭୋଟରଙ୍କ ନାମ ଅନୁପସ୍ଥିତି, ସ୍ଥାନାନ୍ତର କିମ୍ବା ମୃତ୍ୟୁ ଯୋଗୁଁ ମଧ୍ୟ ବାଦ ପଡ଼ିଥିଲା। ୧କୋଟି ୪୬ ଲକ୍ଷ ଭୋଟରଙ୍କ ମୃତ୍ୟୁ ଘଟିଥିବାବେଳେ ୪ କୋଟି ୬ ଲକ୍ଷ ଭୋଟର ସେମାନଙ୍କର ବାସସ୍ଥାନ ପରିବର୍ତ୍ତନ କରିଛନ୍ତି। ୪୪ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି କାରଣ ସେମାନେ ବିଭିନ୍ନ ସ୍ଥାନରେ ସେମାନଙ୍କର ନାମ ପଞ୍ଜିକୃତ କରିଛନ୍ତି। ପଶ୍ଚିମବଙ୍ଗରେ ୨୦୦୨ ଭୋଟର ତାଲିକା ସହିତ ନାମ ମେଳ ଖାଉ ନଥିବାରୁ ୨୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ଉତ୍ତର ପ୍ରଦେଶରେ, ଜାନୁଆରିରେ ଏକ ଡ୍ରାଫ୍ଟ ତାଲିକା ପ୍ରକାଶିତ ହୋଇଥିଲା, ଯେଉଁଥିରେ ୧୮.୭ ପ୍ରତିଶତ ବାଦ୍ ଦିଆଯାଇଥିବା ଦର୍ଶାଯାଇଥିଲା। ତଥାପି, ଅନେକ ଦାବି ଏବଂ ଆପତ୍ତି ପରେ, ୮୪ ଲକ୍ଷ ୨୮ ହଜାରରୁ ଅଧିକ ନାମ ଯୋଡ଼ା ଯାଇଥିଲା।

# ନାବାଳିକାଙ୍କୁ ଦୁଷ୍କର୍ମ ପରେ ଅଖାରେ ବାନ୍ଧି ଫିଙ୍ଗିଦେଲେ

ଦୁର୍ଗ,୧୧।୪: ଛତିଶଗଡ଼ ଦୁର୍ଗ ଜିଲାରେ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ଜଣେ ୫ ବର୍ଷର ବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ପୀଡ଼ିତାଙ୍କୁ ଅଭିଯୁକ୍ତ ଜଣକ ଅଖାରେ ଭର୍ତ୍ତିକରି ଏକ କୂଅ ନିକଟରେ ଫିଙ୍ଗି ଦେଇଥିଲେ। ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରି ପାଖ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଧନେଶ୍ୱର ସାହୁ(୩୫) ନାବାଳିକାଙ୍କୁ ଚକୋଲେଟ୍ ଦେଇ ଘରେ ଛାଡ଼ିଦେବାର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ଦୀର୍ଘ ସମୟ ଯାଏ ଝିଅ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ୨ ଘଣ୍ଟାର ତଲାସି ପରେ କୂଅ ନିକଟରେ ଏକ ଅଖା ହଲ୍‌ଚଲ ହେଉଥିବା



୨ଜଣ ଯୁବକ ଦେଖିବାକୁ ପାଇଥିଲେ। ଅଖା ଖୋଲିବାରୁ ନାବାଳିକା ଭିତରେ ଥିବା ଓ ପାଟିକୁ ବନ୍ଦ କରାଯାଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଥିଲେ। ଡାକ୍ତରୀ ପରୀକ୍ଷା ପରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି। ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ଧନେଶ୍ୱରଙ୍କୁ ଗିରଫ କରିଛି। ଫୋରେନ୍‌ସିକ ସାଇନ୍ସ ଲାବରେଟୋରିର ଏକ ଟିମ୍ ଘଟଣାସ୍ଥଳରୁ ତଥ୍ୟପ୍ରମାଣ ସଂଗ୍ରହ କରିଥିବା ପୁଲିସ ଏସ୍‌ଡିପିଓ ଅନୁପ୍ ଲାକ୍ରା କହିଛନ୍ତି। ଘଟଣାକୁ ନେଇ ଆଖପାଖ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରି ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଛନ୍ତି। ପୁଲିସ ଲୋକଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ମୁଖ୍ୟ ଶାସନ ସଚିବଙ୍କ ରାଜ୍ୟ ସଙ୍କଟ ପରିଚାଳନା ବୈଠକ

# ବୃଦ୍ଧି ପାଉଛି ପିଏନ୍‌ଜି ସଂଯୋଗୀକରଣ

- ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ଯୋଗାଣ ନେଇ ଆଲୋଚନା
- ବେଆଇନ ମହଜୁଦକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଜାରି



ଭୁବନେଶ୍ୱର, ୧୧।୪(ସଂଚାର ବ୍ୟୁରୋ): ସମ୍ପ୍ରତି ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍‌ର ବୈଠକ ଗତକାଲି ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଲ୍ ଓ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ ଚାଲିଛି ବୋଲି କହିଥିଲେ। ଏଥିସହ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଓ ସୁପରିଚାଳନା ସମ୍ପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଣ୍ଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବାହ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟରେ ଇନ୍ଧନ ଓ ରନ୍ଧନ ଗ୍ୟାସ ଯୋଗାଣ ସାମଗ୍ରିକ ଭାବେ ସ୍ୱାଭାବିକ ରହିଛି। ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଉପଲବ୍ଧ ହେଉଥିବା ଅଶୋଧିତ ତୈଳରୁ ତୈଳ ବିଶୋଧନ କମ୍ପାନୀମାନେ ସର୍ବାଧିକ କ୍ଷମତାରେ ବିଶୋଧିତ ପେଟ୍ରୋଲ ଓ ଡିଜେଲ ଉତ୍ପାଦନ କରୁଛନ୍ତି। ଘରୋଇ ଏଲପିଜି ଯୋଗାଣକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଛି। ଗ୍ୟାସ ବଣ୍ଟନରେ ସ୍ୱଚ୍ଛତା ଓ ସଠିକତା ନିଶ୍ଚିତ କରିବା ପାଇଁ ଡେଲିଭରି ସତ୍ୟାପନ ଆଧାରିତ କୋଡ୍ (ଡିଏସି) ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଦ୍ୟାଳୟ, ଡାକ୍ତରଖାନା, ହଷ୍ଟେଲ, ଅଙ୍ଗନବାଡ଼ି କେନ୍ଦ୍ର, ଆହାର କେନ୍ଦ୍ର ଓ କାରାଗାରକୁ ଏଲପିଜି ଯୋଗାଣକୁ ଅଗ୍ରାଧିକାର ଦିଆଯାଇଛି। ଏହାଛଡ଼ା ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବା ଭଳି ବାଣିଜ୍ୟିକ ପ୍ରତିଷ୍ଠାନକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି। ଇସ୍ପାତ ଓ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି। ବିକଳ୍ପ ବ୍ୟବସ୍ଥା ଭାବେ ଘରୋଇ କ୍ଷେତ୍ରରେ ପିଏନଜି ଓ ପରିବହନ କ୍ଷେତ୍ରରେ ସିଏନଜି ବ୍ୟବହାରକୁ ଅଗ୍ରାଧିକାର ଦିଆଯାଉଛି ଓ ଏ କ୍ଷେତ୍ରରେ ସଂଯୋଗୀକରଣ ଏବଂ ବ୍ୟବହାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ଦ୍ରୁତ ବୃଦ୍ଧି ପାଉଛି। ସରକାରୀ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କମର୍ସିଆଲ ଏଲପିଜିରୁ ପିଏନଜିକୁ ପରିବର୍ତ୍ତନ ପାଇଁ ପରାମର୍ଶ ସହ ମାର୍ଗଦର୍ଶିକା ଜାରି କରାଯାଇଛି। ସିଟି ଗ୍ୟାସ ବିତରଣ ନେଟୱାର୍କ (ସିଡିଡି) ସମ୍ପ୍ରସାରଣ ତ୍ୱରାନ୍ୱିତ ପାଇଁ ଉଦ୍ୟମ ଚାଲିଛି। ପୁରୁଣା ପିଏନଜି ଗ୍ରାହକମାନଙ୍କୁ ପୁନଃ ସଂଯୋଗୀକରଣ କରାଯାଉଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା।

## ପାକିସ୍ତାନର ପାପ ଧୋଇବନି: ଥରୁର



ନୂଆଦିଲ୍ଲୀ, ୧୧।୪: ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତିଦୂତ ସାଜି ପାକିସ୍ତାନ ସମଗ୍ର ବିଶ୍ୱରେ ତା'ର ଭାବମୂର୍ତ୍ତିକୁ ନିର୍ମଳ କରିବାକୁ ଚେଷ୍ଟାକରୁଛି। ଏହା ସତ୍ତ୍ୱେ ଆମେ ପାକିସ୍ତାନକୁ କେବେ ବି ଶାନ୍ତିଦୂତ ବୋଲି ମାନିନେଇ ପାରିବୁ ନାହିଁ ବୋଲି କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି। ନିଜର ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ପାକିସ୍ତାନକୁ ପରିହାସ କରି ଥରୁର କହିଛନ୍ତି, ପାକିସ୍ତାନ ଥରେ ନିଜର ଅତୀତକୁ ଦେଖିବା ଉଚିତ। ଆଜି ଆମେରିକା ଓ ଇରାନ ମଧ୍ୟରେ ଶାନ୍ତିଦୂତ ସାଜି ମଧ୍ୟପ୍ରାଚ୍ୟ ଯୁଦ୍ଧ ସଂକଟ ଟାଳିବା ଲାଗି ଯେତେ ଚେଷ୍ଟା କଲେ ମଧ୍ୟ ପାକିସ୍ତାନ ଦେହରେ ଲାଗିଥିବା ଅତୀତର ସେହି କଳଙ୍କ ଲିଭିବ ନାହିଁ। ୨୬/୧୧ ଆକ୍ରମଣରେ ପାକିସ୍ତାନ ଭାରତରେ ପ୍ରଭୂତ କ୍ଷତି ଘଟାଇଛି। ଏହାଛଡ଼ା, ଖୋଲାଖୋଲି ଭାବରେ ପାକିସ୍ତାନ ତା'ର ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିବା ସହ ଆତଙ୍କବାଦୀ ଶିବିର ପରିଚାଳନା କରୁଥିବାର ପ୍ରମାଣ ବିଶ୍ୱ ନିକଟରେ ରହିଛି। ପାକିସ୍ତାନ ଆଜି ପର୍ଯ୍ୟନ୍ତ ଜଣେ ବି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। କିମ୍ବା ଏହା ଗୋଟିଏ ବି ଆତଙ୍କବାଦୀ ତାଲିମ ଶିବିର ବନ୍ଦ କରିନାହିଁ। ପହଲଗାମରେ ଯେଉଁ ଆତଙ୍କବାଦୀମାନେ ଧର୍ମ ପଚାରି ୨୬ ଜଣ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଛନ୍ତି, ସେମାନଙ୍କର ସମ୍ପୃକ୍ତି ପାକିସ୍ତାନ ସହ ରହିଛି। ଏସବୁ ସତ୍ତ୍ୱେ, ଆମେ ତାକୁ ଶାନ୍ତିଦୂତ କିପରି କହିପାରିବୁ ବୋଲି ଥରୁର ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ବର୍ଷବର୍ଷ ଧରି ପାକିସ୍ତାନ ଭାରତରେ ଘଟାଇ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପକୁ ଭାରତ ଭୁଲିନାହିଁ କିମ୍ବା କେବେ ବି ଭୁଲି ପାରିବ ନାହିଁ। ପାକିସ୍ତାନ ଯେତେଥର ଶାନ୍ତିଦୂତର ଭୂମିକା ନିର୍ବାହ କଲେ ବି ତା'ର ପାପ ଧୋଇବନି।

## ପଞ୍ଜାବ ମେଲରେ ବୋମା ଆତଙ୍କ

କୋଲକାତା, ୧୧।୪(ସଂଚାର ବ୍ୟୁରୋ): ଟ୍ରେନରେ ବୋମା ରଖାଯାଇଛି। ଶୁକ୍ରବାର ରାତିରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ମାଧ୍ୟମରେ ରେଳ କର୍ତ୍ତୃପକ୍ଷଙ୍କୁ ଏହି ସୂଚନା ଦିଆଯାଇଥିଲା। ଏହାପରେ ତୁରନ୍ତ ହାୱଡ଼ାରୁ ଅମୃତସର ଯାଉଥିବା ପଞ୍ଜାବ ମେଲରେ ପ୍ରବଳ ଆତଙ୍କ ବ୍ୟାପିଯାଇଥିଲା। ରେଳବାଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୋନ୍ କଲ୍ ପାଇବା ପରେ, ରାତି ପ୍ରାୟ ୮ଟା ୨୦ ସମୟରେ ଚନ୍ଦନପୁର ଷ୍ଟେସନରେ ଟ୍ରେନ୍‌କୁ ଅଟକାଇ ଦିଆଯାଇଥିଲା। ଏହା ପରେ ତୁରନ୍ତ ଏକ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା। ରେଳବାଇ ପୁଲିସ ପ୍ରତ୍ୟେକ କୋଚ୍‌ର ସମ୍ପୂର୍ଣ୍ଣ ତଲାସି କରିଥିଲେ। ଏହି ଘଟଣା ଯୋଗୁଁ ଯାତ୍ରୀମାନେ ମଧ୍ୟ ଆତଙ୍କିତ ହୋଇଯାଇଥିଲେ।

## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଉଦ୍‌ଘାଟିତ



ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ସ୍ଥାନୀୟ ୟୁନିଟ୍-୧ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଆଜି ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧୀନରେ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଖୋର୍ଦ୍ଧା ଅଞ୍ଚଳରେ କବାଡ଼ି, ଖୋ-ଖୋ, ଭଲିବଲ୍ ଓ ଫୁଟବଲ୍ ଆଦି ମ୍ୟାଚ୍‌ର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ୍ ପ୍ରତିଯୋଗିତାରେ ଚାରୋଟି ଗ୍ରୁପ୍‌ରେ ଉଭୟ ବାଳକ ଓ ବାଳିକା ସ୍ତରରେ ମୋଟ୍ ୧୮ଟି ଦଳ ଭାଗ ନେଇଛନ୍ତି । ଅପରାହ୍ଣ ୪ଟା ପରେ ପ୍ରତିଯୋଗିତା ଆରମ୍ଭ ହେଉଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ତାରିଖରେ ଶେଷ ହେବ। ଜିଲ୍ଲାସ୍ତରୀୟ ମ୍ୟାଚ୍ ଅଧିକାରୀମାନେ ଉପସ୍ଥିତ ରହି ପ୍ରତିଯୋଗିତାର ତଦାରଖ କରୁଛନ୍ତି।

## ମୟନାରେ ତୃଣମୂଳ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ, ଏକାଧିକ ଆହତ



କୋଲକାତା, ୧୧।୪(ସଂଚାର ବ୍ୟୁରୋ): ପୂର୍ବ ମେଦିନୀପୁରର ମୟନାରେ ନିର୍ବାଚନ ପ୍ରଚାରକୁ ନେଇ ଗଣ୍ଡଗୋଳ। ଆକ୍ରାନ୍ତ ହୋଇଛନ୍ତି ତୃଣମୂଳ ପ୍ରାର୍ଥୀ ଚନ୍ଦନ ମଣ୍ଡଳ। ଆକ୍ରମଣ ପାଇଁ ବିଜେପି ସମର୍ଥିତ ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ ଅଭିଯୋଗ ଉଠିଛି। ଏକାଧିକ ତୃଣମୂଳ କର୍ମୀ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଛି। ଖବର ପାଇବା ପରେ କେନ୍ଦ୍ରୀୟ ବାହିନୀର ଏକ ବଡ଼ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ପୁଲିସ ସୂତ୍ର ଅନୁଯାୟୀ, ତୃଣମୂଳ ପ୍ରାର୍ଥୀ ଚନ୍ଦନ ମଣ୍ଡଳ ଶନିବାର ସକାଳେ ବକଚା ପଞ୍ଚାୟତ ଅନ୍ତର୍ଗତ ହାଲିସହର ଗାଁରେ ପ୍ରଚାର କରିବାକୁ ପହଞ୍ଚିଥିଲେ। ଅଭିଯୋଗ ହୋଇଛି ଯେ ଗାଁରେ ପ୍ରବେଶ କରିବାର କିଛି ସମୟ ପରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଲାଠି ଓ ଝାଡ଼ୁ ଧରି ଏକ ଆକ୍ରମଣାତ୍ମକ ଜନତା ତାଙ୍କ ଉପରେ ଆକ୍ରମଣ କରିଥିଲେ। ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ଅନେକ ମୋଟର ସାଇକେଲ ଭଙ୍ଗାରୁଜା କରାଯାଇଥିଲା। ରାଜ୍ୟର ଶାସକ ଦଳର ଅନେକ କର୍ମୀଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ବିଜେପି ନେତା ବ୍ରଜଗୋପାଳ ମଣ୍ଡଳ ଏହି ଆକ୍ରମଣର ନେତୃତ୍ୱ ନେଇଥିବା ଅଭିଯୋଗ ଉଠିଛି। ତୃଣମୂଳ କଂଗ୍ରେସ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି। ପୁଲିସ ଏବେ ବ୍ରଜଗୋପାଳଙ୍କୁ ଖୋଜାଖୋଜି କରୁଛି। ଅସ୍ଥିର ହାଲିସହର ଅଞ୍ଚଳରେ ଅତିରିକ୍ତ କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଇଛି।

## ଜହ୍ନ ରାଇଜରୁ ପୃଥିବୀକୁ ଫେରିଲା ଆର୍ଟେମିସ-୨



ୱାଶିଂଟନ, ୧୧।୪ (ସଂଚାର ବ୍ୟୁରୋ): ନାସାର ଐତିହାସିକ ଆର୍ଟେମିସ୍-୨ ମିଶନ ସଫଳତାର ସହ ସମାପ୍ତ ହୋଇଛି। ଆର୍ଟେମିସ୍-୨ ଚନ୍ଦ୍ର ପରିକ୍ରମା କରିବା ପରେ ଶୁକ୍ରବାର ରାତି ୮ଟା ୦୭ ମିନିଟରେ ପ୍ରଶାନ୍ତ ମହାସାଗରରେ ସଫଳତାର ସହ ଅବତରଣ କରିଛି। ଏଥିସହ ନାସାର ମହାକାଶଚାରୀମାନେ ସୁରକ୍ଷିତ ଭାବରେ ପୃଥିବୀରେ ଅବତରଣ କରିଛନ୍ତି। ଏହି ମିଶନରେ ରିଡ୍ ୱିଜମ୍ୟାନ୍, ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ ଜେରେମି ହାନସେନ୍ ନାମକ ଚାରି ଜଣ ମହାକାଶଚାରୀ ସାମିଲ ଥିଲେ। ଏମାନେ ୫୦ ବର୍ଷରୁ ଅଧିକ ସମୟ ପରେ ପ୍ରଥମଥର ପାଇଁ ଚନ୍ଦ୍ର ପରିକ୍ରମା କରିବା ପରେ ପୃଥିବୀକୁ ଫେରିଥିବା ନାସା ତା'ର ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ସୂଚନା ଦେଇଛି। ମହାକାଶଚାରୀମାନେ ଅନ୍ତରୀକ୍ଷରେ ୬୯୦,୦୦୦ ମାଇଲର ଦୀର୍ଘ ଯାତ୍ରା ସମାପ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସାମୟିକ ଯୁବପିଢ଼ିଙ୍କ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ନେତୃତ୍ୱର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନା ମାଧ୍ୟମରେ ନିଜର ସାମାଜିକ କର୍ତ୍ତବ୍ୟ ଓ ସାହାଯ୍ୟ ମନୋବୃତ୍ତି ଜରିଆରେ ଯୁବ ସ୍ୱେଚ୍ଛାସେବୀମାନେ ନିଜସ୍ୱ ଅନ୍ତର୍ନିହିତ ନେତୃତ୍ୱ ଗୁଣର ବିକାଶ କରିବା ସମ୍ଭବପର ବୋଲି ସେ କହିଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ଏ.ଏସ୍. କବିର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ଯୁବ ନେତୃତ୍ୱ ସମାଜ ପାଇଁ କେତେ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସେ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନାର ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀ ମଲ୍ଲିକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ନିମନ୍ତେ ପ୍ରେରଣାଦାୟକ ଯୁବନେତୃତ୍ୱର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ନେତୃତ୍ୱ ଜରିଆରେ ରାଷ୍ଟ୍ରର ଉନ୍ନତି ଓ ସମାଜର ସାମଗ୍ରିକ ଉନ୍ନତି ସମ୍ଭବପର ବୋଲି ସେ କହିଥିଲେ। ବରିଷ୍ଠ ଶିକ୍ଷାବିତ୍ ତଥା ରାଜ୍ୟସ୍ତରୀୟ ପ୍ରଶିକ୍ଷକ ନିରଜ ବରଣ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, କିସ୍ ଓ ଆଇଆଇଟି ପ୍ରଭୃତି ଶିକ୍ଷାନୁଷ୍ଠାନରୁ ଶତାଧିକ ଯୁବ ସ୍ୱେଚ୍ଛାସେବୀଙ୍କୁ ନେଇ ତିନିଦିନ ବ୍ୟାପି ଆୟୋଜିତ ଏହି ଶିବିରରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଦ୍ୱାରା ଯୁବ ନେତୃତ୍ୱର ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦୁଝରରେ...

ସ୍କିମାଟିକ୍ ଶିକ୍ଷକଙ୍କୁ ମଧ୍ୟ ନିୟମିତ କରାଯାଇଛି ବୋଲି ଆଜି କେନ୍ଦୁଝର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଇ କହିଛନ୍ତି।

୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି। ସେହିପରି ପିଏମଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଇଥିବା ବେଳେ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି। ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ଏଥିସହ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଏହି ବିଦ୍ୟାଳୟକୁ ୭ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଦ୍ୟାଳୟର ଉନ୍ନତି ପାଇଁ ଆଗାମୀ ଦିନରେ ସମୁଦାୟ ୧୦ କୋଟି ଟଙ୍କା ଯୋଗାଇ ଦିଆଯିବ। ଏହି ଯୋଜନାରେ ବିଦ୍ୟାଳୟକୁ ୭ ଏକର ଜମି ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ସିଂହ ଧନ୍ୟବାଦ ଦେଇଥିଲେ।

### ଦୁଇ...

ସୂତ୍ରଗୁଡ଼ିକ ଅଲ୍ ଜଜିରା ସମ୍ବାଦ ସରବରାହ ସଂସ୍ଥାକୁ ଜଣାଇଛନ୍ତି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନାର ପ୍ରଥମ ପର୍ଯ୍ୟାୟ ଦୁଇ ଘଣ୍ଟାରେ ଶେଷ ହୋଇଛି। ଏହାପରେ ଆମେରିକା ଓ ଇରାନ ପ୍ରତିନିଧିମଣ୍ଡଳୀ ପରସ୍ପର ମଧ୍ୟରେ ଲିଖିତ ଦସ୍ତାବିଜ ଆଦାନପ୍ରଦାନ ହେବ। ସୂତ୍ରଗୁଡ଼ିକ ଆହୁରି କହିଛନ୍ତି ଯେ ଦୁଇ ପ୍ରତିନିଧିମଣ୍ଡଳୀ ପରସ୍ପରକୁ ଲିଖିତ ପାଠ୍ୟ ଆଦାନପ୍ରଦାନ କରିବେ। ଏଥିରୁ ଗୋଟିଏ କଥା ନିଶ୍ଚିତ ହୋଇଛି ଯେ ଉଭୟ ଦେଶର ଶାନ୍ତି ପ୍ରତିନିଧିମାନେ ଆଜି ହୋଇଥିବା ଆଲୋଚନାରେ କୌଣସି ନା କୌଣସି ଏକ ସକାରାତ୍ମକ ନିଷ୍କର୍ଷରେ ପହଞ୍ଚିଛନ୍ତି। ଏଥିସହ ବୈଠକରେ ହୋଇଥିବା ଆଲୋଚନା ନେଇ ଭାନ୍ସ ହ୍ୱାଇଟ୍ ହାଉସ୍‌କୁ ଅବଗତ କରାଇଛନ୍ତି।ସୂଚନା ଥାଉକି, ଇରାନ ବିରୋଧରେ ଉଭୟ ଆମେରିକା ଓ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବା ବେଳେ ପାକିସ୍ତାନ ମଧ୍ୟପ୍ରାଚ୍ୟ ଶାନ୍ତି ନିମନ୍ତେ ମଧ୍ୟସ୍ଥତା କରିବାକୁ ଉଦ୍ୟମ ଆରମ୍ଭ କରିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟବର୍ତ୍ତୀକାଳୀନ ଅସ୍ତ୍ରବିରତି ଘୋଷଣା କରିବା ପରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଉପରେ ଶାନ୍ତି ଆଲୋଚନା ପାଇଁ ଆଜି ଆମେରିକା ଏବଂ ଇରାନର ପ୍ରତିନିଧି ଦଳ ପାକିସ୍ତାନର ଇସଲାମାବାଦରେ ପହଞ୍ଚିଥିଲେ। ଇରାନୀ ପ୍ରତିନିଧି ଦଳ ସଂସଦର ବାଚସ୍ପତି ବାଘେର ଗାଲିବାଫଙ୍କ ନେତୃତ୍ୱରେ ଦେଶର ଶ୍ରେଷ୍ଠ କୂଟନୀତିଜ୍ଞ ଆବାସ ଆରାଘଚିଙ୍କ ସମେତ ୭୧ ଜଣ ସଦସ୍ୟ ଶନିବାର ଭୋର ସମୟରେ ପାକିସ୍ତାନର ରାଜଧାନୀରେ ପହଞ୍ଚିଥିଲେ। ସେହିପରି ଆମେରିକାର ମଧ୍ୟପ୍ରାଚ୍ୟ ରାଷ୍ଟ୍ରଦୂତ ଷ୍ଟିଭ ୱିଟକଫ, ଜାରେଡ୍ କୁଶନରଙ୍କ ସହ ମଧ୍ୟାହ୍ନରେ ପହଞ୍ଚିଥିଲେ। ଆମେରିକୀୟ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ। ସାମରିକ କାର୍ଯ୍ୟକଳାପ ଓ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଇରାନ ଓ ଆମେରିକା ମଧ୍ୟରେ ଜାରି ରହିଥିବା ଯୁଦ୍ଧବିରତି ଉପରେ ଚାପ ବଢ଼ିବାରେ ଲାଗିଛି। ଲେବାନନରେ ଇସ୍ରାଏଲୀ ଆକ୍ରମଣ ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଛି। ଏହି ଯୁଦ୍ଧରେ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ପରିପ୍ରେକ୍ଷୀରେ ହିଜବୋଲା ପାଇଁ ଯୁଦ୍ଧବିରତି ପ୍ରଯୁଜ୍ୟ କି ନାହିଁ, ସେ ବିଷୟରେ ଇରାନ୍ ପ୍ରଶ୍ନ ଉଠାଇଛି। ପ୍ରକାଶଯୋଗ୍ୟ ଯେ ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଇସଲାମାବାଦଠାରେ ଚାଲିଥିବା ଶାନ୍ତି ଆଲୋଚନା ଉପରେ ଏବେ ସମଗ୍ର ବିଶ୍ୱର ନଜର ରହିଛି। ଏହି କଥାବାର୍ତ୍ତା ଆଗାମୀ ଦିନରେ ବିଶ୍ୱ ପରିସ୍ଥିତିକୁ ଏକ ନିର୍ଣ୍ଣାୟକ ମୋଡ଼ ଦେବ ବୋଲି ବୈଦେଶିକ ନୀତି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଗୋଟିଏ ପଟେ ଇସଲାମାବାଦରେ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ଜାରି ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୌପଚାରିକ ଯୁଦ୍ଧ ପ୍ରସ୍ତୁତି ବିଶ୍ୱନେତାଙ୍କୁ ଚିନ୍ତାରେ ପକାଇଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ଯୋଗୁଁ ବିଶ୍ୱ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଇସଲାମାବାଦର ଶାନ୍ତି କଥାବାର୍ତ୍ତା ଏ କ୍ଷେତ୍ରରେ ମାର୍ଗ ନିର୍ଦ୍ଧାରଣ କରିବ ବୋଲି ଅନୁମାନ କରାଯାଉଛି।

### ଦାଦାଙ୍କ...

ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ବିରୋଧରେ ଯାଜପୁର ଥାନାରେ ଏଫଆଇଆର ଦେଲେ। ଆଉ ଶେଷରେ ନିଜ ଦାଦାଙ୍କ କାନ୍ଧରେ ବନ୍ଧୁକ ରଖି ନିଜକୁ 'ସତୀ' ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି ବବି। ଯାଜପୁରରେ ସାମ୍ବାଦିକ ସମ୍ମିଳନୀ କରି ବବିଙ୍କ ଦାଦା କହିଛନ୍ତି ଯେ ଯେଉଁ ଘରକୁ ନେଇ ବିବାଦ ସୃଷ୍ଟି କରାଯାଉଛି, ସେ ଘର ବବିଙ୍କର ନୁହେଁ। ସେହି ଘର ସାଧୁ ବାବୁଙ୍କର (ସାଧୁ ହେଉଛନ୍ତି ଯଯାତିଙ୍କ ଜେଜେ ତଥା ବବିଙ୍କ ଅଣଜେଜେ)। ସେହିପରି ସେହି ଘରେ ଲାଗିଥିବା ପଥର ଖୋଣ୍ଡାଲାଇଟ ନୁହେଁ କି ସେଗୁଡ଼ିକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରୁ ଅଣାଯାଇନାହିଁ। ସେହି ଘରେ ଲାଗିଥିବା ପଥର ରାଜସ୍ଥାନର ଯୋଧପୁରରୁ ଅଣାଯାଇଛି। ଏଥିସହ ସେଗୁଡ଼ିକୁ ସେଠାରୁ କିଣାଯାଇଥିବା ନେଇ ସେ ପ୍ରମାଣ ମଧ୍ୟ ଦେଖାଇଛନ୍ତି। ସେହିଭଳି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହୃତ ଖୋଣ୍ଡାଲାଇଟ ପଥରରେ ବବି ଦାସ ଘର ତିଆରି କରିଥିବା ନେଇ ପ୍ରିୟଦର୍ଶନ ଯେଉଁ ଅଭିଯୋଗ କରିଥିଲେ, ସେନେଇ ତାଙ୍କ ପାଖରେ କିଛି ପ୍ରମାଣ ନାହିଁ ବୋଲି ଅଭିଯୋଗ କରି ଯାଜପୁର ଥାନାରେ ଏଫଆଇଆର କରିଛନ୍ତି ଯାଜପୁର ନାଗରିକ କମିଟି ସଭାପତି। ପ୍ରିୟଦର୍ଶନ ଯେଉଁ ଅଭିଯୋଗ କରିଛନ୍ତି, ତାହା ଉଦ୍ଦେଶ୍ୟପ୍ରଣୋଦିତ ଏବଂ ସମ୍ମାନହାନୀ କରିଥିବା ବବି ଦାସଙ୍କ ଦାଦା ଅଭିଯୋଗ କରିଛନ୍ତି।

### ଶାହ...

ନେତାମାନେ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପି ଏହାର ରଣନୀତିକୁ ଜୋରଦାର କରିଥିବା ବେଳେ ଖଡ଼ଗପୁରରେ ଶାହ ଓ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ବିଜେପିର ବରିଷ୍ଠ ନେତାମାନେ ସାମିଲ ହୋଇଥିଲେ। ଆସନ୍ତା ୨୩ ଓ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ବିଜୟ ପାଇଁ ଏହି ବୈଠକରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି। 'ମୋ ବୁଥ୍ ସବୁଠୁ ମଜବୁତ' ସ୍ଲୋଗାନ ସହ ପ୍ରତିଟି ବୁଥକୁ ସଶକ୍ତ କରିବା ଓ ଘରକୁ ଘର ବୁଲି ପ୍ରଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାର ନେତାମାନେ ନିଜର ଅଭିଜ୍ଞତା ବାଣ୍ଟିଛନ୍ତି। ବୁଥ୍ ପରିଚାଳନା ଓ ଭୋଟରଙ୍କୁ ଆକୃଷ୍ଟ କରିବାର କୌଶଳ ସମ୍ପର୍କରେ ସେମାନେ ପଶ୍ଚିମବଙ୍ଗ ବିଜେପି କର୍ମକର୍ତ୍ତାଙ୍କୁ ସହାୟତା କରିବେ। ସେମାନେ ଟିଏମସି ସରକାରର ଦୁର୍ନୀତି ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଲୋକଙ୍କ ଆଗରେ ରଖି 'ପରିବର୍ତ୍ତନ'ର ସ୍ଲୋଗାନ ଦେବାକୁ ନିଷ୍ପତ୍ତି ହୋଇଛି। ସେହିପରି ସୋସିଆଲ ମିଡିଆ ମାଧ୍ୟମରେ ବିକାଶର ବାର୍ତ୍ତା ପହଞ୍ଚାଇବା ଓ ବିରୋଧୀଙ୍କ ମିଥ୍ୟା ପ୍ରଚାରକୁ ରୋକିବା ପାଇଁ ବି ଯୋଜନା ହୋଇଛି। ଶିଳ୍ପର ପୁନରୁଦ୍ଧାର, ମହିଳା ସୁରକ୍ଷା ଏବଂ ଶିକ୍ଷା ସଂସ୍କାର ଭଳି ପ୍ରତିଶ୍ରୁତିକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ କୁହାଯାଇଛି। ଖଡ଼ଗପୁରରେ ବହୁ ସଂଖ୍ୟାରେ ଓଡ଼ିଆ ଭାଷାଭାଷୀ ରହୁଥିବାରୁ ଉକ୍ତ ଅଞ୍ଚଳରେ ବିଜେପି ଓଡ଼ିଶା ନେତାଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି।

### ବଢ଼ିଲା...

କରିବାକୁ ନିର୍ଦ୍ଦେଶ ଦେଲେ ଟ୍ରିବ୍ୟୁନାଲ। ଅଗଷ୍ଟ ୨୦୨୫ରୁ ଅଦ୍ୟାବଧି ଟେକ୍ନିକାଲ ଟିମ୍‌ର ୧୩ ଥର ବୈଠକ ହୋଇସାରିଛି। ମହାନଦୀରେ ଏବେ ଯାଏ କେତେ ଜଳ ପ୍ରବାହିତ ହୋଇଛି, ତାର ତଥ୍ୟ ହିସାବ କରାଯାଉଛି। ଡେଲ୍ଟା ଓ ଅନ୍ୟ ଅଞ୍ଚଳରେ ସମ୍ପୂର୍ଣ୍ଣ ଜଳ ରାଶିକୁ ହିସାବ କରିଛନ୍ତି ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍। ମହାନଦୀକୁ ନେଇ ହୋଇଥିବା ଅନେକ ସମସ୍ୟାର ସମାଧାନ ନେଇ ଦୁଇ ରାଜ୍ୟ ଭିତରେ ସହମତି ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସଚିବସ୍ତରୀୟ ବୈଠକ ଆପୋଷ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ମଧ୍ୟ ବଢ଼ିଛି ବୋଲି ସେ କହିଛନ୍ତି। ମହାନଦୀ ମାମଲାର ଆପୋଷ ସମାଧାନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଦୁଇ ରାଜ୍ୟ ସହ ଆଲୋଚନା କରି ସମାଧାନ କରିବା ଉପରେ ଜୋର୍ ଦେଇଛନ୍ତି। ଇବ୍ ଓ ତେଲ୍ ନଦୀରେ ପ୍ରକଳ୍ପ କରିବା ପାଇଁ ପ୍ରସ୍ତାବଟି ସିଡବ୍ଲ୍ୟୁସିରେ ବିଚାରାଧୀନ ରହିଛି, ତାକୁ କିପରି ସମାଧାନ କରାଯିବ, ସେନେଇ ସିଡବ୍ଲ୍ୟୁସିକୁ ନିର୍ଦ୍ଦେଶ ଦେବା ଉପରେ ମଧ୍ୟ ଶ୍ରୀ ଆଚାର୍ଯ୍ୟ ଜୋର୍ ଦେଇଥିଲେ। ଓଡ଼ିଶା ସ୍ୱାର୍ଥକୁ କିଭଳି ଅଗ୍ରାଧିକାର ଦିଆଯିବ ସେନେଇ ପ୍ରସ୍ତୁତି ଚାଲିଛି ବୋଲି ସେ କହିଛନ୍ତି।

### ଆଶାଙ୍କୁ...

ହଜାର ହଜାର ଗୀତରେ କଣ୍ଠଦାନ କରିଛନ୍ତି। ଶାସ୍ତ୍ରୀୟ ଓ ଗଜଲଠାରୁ ଆରମ୍ଭ କରି ପପ୍, କାବା ଓ ଲୋକ ସଙ୍ଗୀତ ପର୍ଯ୍ୟନ୍ତ ସେ ସବୁପ୍ରକାର ଗୀତରେ ନିଜର ପରାକାଷ୍ଠା ପ୍ରତିପାଦନ କରିପାରିଛନ୍ତି। ବଲିଉଡ୍ ପ୍ରତି ତାଙ୍କର ଅବଦାନ ପାଇଁ ଆଶାଙ୍କୁ ଚଳଚ୍ଚିତ୍ର ଜଗତର ସବୁଠାରୁ ସମ୍ମାନାସ୍ପଦ ପୁରସ୍କାର ଦାଦାସାହେବ ଫାଲ୍‌କେ ଆୱାର୍ଡ ମିଳିସାରିଛି। ଏହାଛଡ଼ା ଗତ ୨୦୦୮ରେ ତାଙ୍କୁ ପଦ୍ମ ବିଭୂଷଣ ଉପାଧି ମଧ୍ୟ ମିଳିଛି।

### ଭୁବନେଶ୍ୱରରୁ...

କାର୍ଯ୍ୟରେ ଲିପ୍ତ ଥିଲା, ତା'ର ଖୋଳତାଡ଼ କରିବା ସକାଶେ ସ୍ପେଶାଲ୍ ବ୍ରାଞ୍ଚ ତାକୁ ଦିଲ୍ଲୀ ନେଇଛି। ତା'ଠାରୁ ମୋବାଇଲ୍ ଫୋନ୍, ଲ୍ୟାପଟପ୍ ଓ ଆହୁରି କେତେକ ସାମଗ୍ରୀ ଜବତ କରାଯାଇଛି। ତେବେ ଇମ୍ରାନ୍ ସମ୍ପର୍କରେ କେହି ବି ସବିଶେଷ ଖବର ଦେଇନାହାନ୍ତି। ଗତ ସପ୍ତାହରେ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ୍ ବ୍ରାଞ୍ଚ୍ ରାଜଧାନୀ ଦିଲ୍ଲୀରେ କେତେକ ଯୁବକଙ୍କୁ ଦେଶଦ୍ରୋହମୂଳକ ପୋଷ୍ଟ ସୋସିଆଲ୍ ମିଡିଆରେ ଛାଡ଼ୁଥିବା ନେଇ ଖୋଳତାଡ଼ କରିବା ସମୟରେ ସେମାନଙ୍କ ଓଡ଼ିଶା ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା। ଏହାପରେ ଦିଲ୍ଲୀ ସ୍ପେଶାଲ୍ ସେଲ୍ ରାଜଧାନୀରେ ଇମ୍ରାନ୍‌ର ଗତିବିଧି ଉପରେ ତୀକ୍ଷ୍ଣନଜର ରଖିଥିଲା। ଇମ୍ରାନ୍ ଜଣେ ବେକାର ଯୁବକ ହୋଇଥିବା ବେଳେ ସେ କେତେକ କଠୋରପନ୍ଥୀ ଗୋଷ୍ଠୀ ସହ ଜଡ଼ିତ ଥିବା ତଦନ୍ତ ସମୟରେ ଜଣାପଡ଼ିଛି। ସେ ପୋଷ୍ଟ କରୁଥିବା ସୋସିଆଲ୍ ମିଡିଆ ପୋଷ୍ଟ ଜାତୀୟ ନିରାପତ୍ତା ପ୍ରତି ସଙ୍କଟ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଇମ୍ରାନ୍‌କୁ ଗିରଫ କରାଯାଇଛି। ତେବେ ପ୍ରଥମ ଥର ପାଇଁ ଆତଙ୍କୀ ଲିଙ୍କ୍‌ରେ ଓଡ଼ିଶା ନାମ ସାମ୍ନାକୁ ଆସିବା ଏହା ପ୍ରଥମ ଘଟଣା ନୁହେଁ। ଗତ ୨୦୧୫ ଡିସେମ୍ବରରେ ସାଲେପୁର ପଶ୍ଚିମକଚ୍ଛର ଅବଦୁର ରେହମାନକୁ କମିଶନରେଟ୍ ପୁଲିସ ସହାୟତାରେ ଦିଲ୍ଲୀ ସ୍ପେଶାଲ୍ ବ୍ରାଞ୍ଚ ଗିରଫ କରିଥିଲା। ରେହମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ନେଇ ସୁରାକ ପାଇବା ପରେ ତାକୁ ଗିରଫ କରାଯାଇଥିଲା।

### ସଶକ୍ତ...

ମଧ୍ୟ କିଛି ନେତାଙ୍କୁ ଥଇଥାନ କରାଯିବ। ନିଗମ ନିଯୁକ୍ତି ଅଙ୍କ ଛିଡ଼ିଲା ପରେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବା ନେଇ ମଧ୍ୟ ସୂଚନା ମିଳିବାରେ ଲାଗିଛି। ଉଲ୍ଲେଖନୀୟ ଯେ ରାଜ୍ୟ ସରକାରଙ୍କୁ ଦୁଇ ବର୍ଷ ପୂରିବାକୁ ଯାଉଥିବା ବେଳେ ନିଗମ, ସମବାୟ ସଂସ୍ଥା ଓ ଅନ୍ୟାନ୍ୟ ସ୍ଥାନରେ ରାଜନୈତିକ ନିଯୁକ୍ତି ଦିଆଯାଇପାରିନାହିଁ। ଏହିସବୁ ପଦବୀରେ ନିଯୁକ୍ତି ପାଇଁ ଆଶା ବାନ୍ଧିଥିବା କର୍ମୀ ଓ ନେତାମାନେ ଚାହିଁ ଚାହିଁ ହତାଶ ହେବାରେ ଲାଗିଛନ୍ତି। ସେହିଭଳି ରାଜ୍ୟ ମନ୍ତ୍ରିମଣ୍ଡଳରେ ୬ଟି ପଦବୀ ଖାଲି ରହିଥିବାରୁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ମଧ୍ୟ ଅନେକ ବିଧାୟକ ଆଶା ବାନ୍ଧି ବସିଛନ୍ତି। ବିଶେଷକରି ମନ୍ତ୍ରୀଶୂନ୍ୟ ଜିଲ୍ଲାର ବିଧାୟକମାନଙ୍କ ସହ ଅଧିକ ଭୋଟ ବ୍ୟବଧାନରେ ଜିଣିଥିବା ବିଧାୟକ ବି ଅଧିକ ଆଶାବାଦୀ ଅଛନ୍ତି। ତେବେ ବର୍ତ୍ତମାନ ଗୋଟିଏ ପଟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଅର୍ଥନୈତିକ ଅସ୍ଥିରତା ଲାଗି ରହିଥିବାବେଳେ ଅନ୍ୟ ପଟେ କେନ୍ଦ୍ରୀୟ ବିଜେପି ନେତାମାନେ ଚାରି ଚାରିଟି ରାଜ୍ୟରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଅଛନ୍ତି । ଆସନ୍ତା ମେ' ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଲା ପରେ ଓଡ଼ିଶାରେ ନୂଆ ନିଯୁକ୍ତି ହେବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ କେନ୍ଦ୍ରୀୟ ବିଜେପି ଏହାକୁ କେତେବେଳେ ସବୁଜ ସଙ୍କେତ ପ୍ରଦାନ କରିବ, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ୧୯୭୮ଠାରୁ...

ସୂଚନା ଦିଆଯାଇଛି। ଏହାପରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଗଣତିମଣତି ଚାଲିବ ବୋଲି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି। ଆଜି ଗଣତିମଣତି ପ୍ରକ୍ରିୟାରେ ରତ୍ନଭଣ୍ଡାର ତଦାରଖ କମିଟିର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ପ୍ରାଧିକୃତ ସେବାୟତ ଉପସ୍ଥିତ ଥିଲେ।

### ରାଜ୍ୟରେ...

ସେ କହିଛନ୍ତି ଯେ ମଧ୍ୟ ପ୍ରଦେଶ ଓ କର୍ଣ୍ଣାଟକକୁ ଓଡ଼ିଶାରୁ ଏକ ଟିମ୍ ଯାଇ ନିଗମର ରୂପରେଖ ବାବଦରେ ଅନୁଧ୍ୟାନ କରିବ। ଆଇଟି ଓ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ। ୨୦୭ ମେଗା ପ୍ରକଳ୍ପ, ୧୮୭୦୦ ସିଙ୍ଗଲ ଭାଲଭ, ୬୫୫୧ ସୋଲାର ସିଷ୍ଟମ ପ୍ରକଳ୍ପକୁ ପରିଚାଳନା ନିଗମ ନିରୀକ୍ଷଣ କରିବ। ନୂଆ ନୀତିରେ ମେଗା ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଗୋଟିଏ ଏଜେନ୍ସିକୁ ଦିଆଯିବ। ପାଞ୍ଚ ବର୍ଷ ପରେ ଦାୟିତ୍ୱ ପଞ୍ଚାୟତର ସରପଞ୍ଚଙ୍କୁ ହସ୍ତାନ୍ତର କରିବୁ। ଭିଲେଜ ୱାଟର ସାନିଟେସନ କମିଟି ଭାଗିଦାରୀରେ ହେବ। ପାଣି ପହଞ୍ଚିଲାଣି କି ନାହିଁ, କେଉଁଠି ପାଣି ବିଶୋଧନ ହେବ, ତା' ଗାଁ କମିଟି ବ୍ଲକ୍‌କୁ ଅବଗତ କରିବ। ବ୍ଲକ ଜିଲ୍ଲା ତଥା ଭିଲେଜ ୱାଟର ସାନିଟେସନ କମିଟିରେ ଥିବା ମ୍ୟାନେଜରଙ୍କୁ ଜଣାଇବାକୁ ମଧ୍ୟ ଦାୟିତ୍ୱ ଦିଆଯିବ। କେନ୍ଦ୍ର ସରକାର ୧୯ଟି ପଏଣ୍ଟ ଦେଇଥିବା ବେଳେ ତାକୁ ଆଧାର କରି ସରକାର ନୀତି ପ୍ରଣୟନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଜନ୍ମଦିନରେ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

### ୬୩ ୟୁନିଟ୍ ରକ୍ତ ସଂଗୃହୀତ



ଫୁଲବାଣୀ,୧୧।୪ (ସଂଚାର ବ୍ୟୁରୋ): ଫୁଲବାଣୀ ବିଧାୟକ ତଥା କନ୍ଧମାଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଉମା ଚରଣ ମଲିକ ଙ୍କ ୬୩ ତମ ଜନ୍ମଦିବସ ଅବସରରେ କନ୍ଧମାଳ ଜିଲ୍ଲା ଚିକିତ୍ସାଳୟର ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କନ୍ଧମାଳ ଯୁବମୋର୍ଚ୍ଚା ସଭାପତି ଦିବ୍ୟ ରଞ୍ଜନ ଡାକୁଆଙ୍କ ନେତୃତ୍ୱରେ ଏହି ଶିବିର ସଫଳତାର ସହ ସମ୍ପନ୍ନ ହୋଇଥିଲା।ଶିବିରରେ ବହୁ ଛାତ୍ରଛାତ୍ରୀ ଓ ବିଜେପି କାର୍ଯ୍ୟକର୍ତ୍ତା-ନେତୃତ୍ୱବୃନ୍ଦ ଉତ୍ସାହପୂର୍ଣ୍ଣ ଭାବେ ରକ୍ତଦାନ କରିଥିଲେ। ସର୍ବମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି। ଏହା ସହିତ ମେଡିକାଲରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇ ସେବାମୂଳକ କାର୍ଯ୍ୟକୁ ଆହୁରି ଅର୍ଥପୂର୍ଣ୍ଣ କରାଯାଇଥିଲା। ରକ୍ତଦାନ ଶିବିରକୁ ରକ୍ତଦାନ ସମିତିର କାର୍ଯ୍ୟକର୍ତ୍ତା , ମନୋଜ ଚୌଧୁରୀ ଓ ଶଶିଭୂଷଣ ପ୍ରଧାନ ପରିଚାଳନା କରିଥିବା ବେଳେ, ରକ୍ତଭଣ୍ଡାର ଅଧିକାରୀ ଓ ଲ୍ୟାବରେଟୋରି ଟେକନିସିଆନମାନେ ରକ୍ତ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି ଅନିଲ କୁମାର ପ୍ରଧାନ ଫୁଲବାଣୀ ମଣ୍ଡଳ ସଭାପତି ଗୋଲଖ ବିହାରୀ କହଁର ଓ ବିଧାୟକ ପ୍ରତିନିଧି ଲଳିତମୋହନ ଦିଗାଲ ସହ ବହୁ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ।ଏହି ଅବସରରେ ରକ୍ତଦାନ ସହ ସେବାମୂଳକ କାର୍ଯ୍ୟ ମାଧ୍ୟମରେ ଜନ୍ମଦିବସ ପାଳନ କରାଯାଇଥିବାରୁ ସମାଜରେ ଏକ ସକାରାତ୍ମକ ପ୍ରସାରିତ ହୋଇଛି।

## ରାଜଧାନୀ ରାଜରାସ୍ତାରେ ଛେନାପୋଡ଼ ଦିବସ




ଭୁବନେଶ୍ୱର,୧୧।୪ (ସଂଚାର ବ୍ୟୁରୋ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱରରେ ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ 'ଛେନାପୋଡ଼ ଦିବସ' ପାଳିତ ହୋଇଛି। ପ୍ରତିବର୍ଷ ମଞ୍ଚରେ ଆୟୋଜିତ ଏହି ଉତ୍ସବ ଚଳିତ ବର୍ଷ ଅଭିନବ ଢଙ୍ଗରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ଉତ୍ସବ ମାଧ୍ୟମରେ ପାଳନ କରାଯାଇଥିଲା। ଏହି ଶୋଭାଯାତ୍ରା ରାମ ମନ୍ଦିର ନିକଟରୁ ବାହାରି ମାଷ୍ଟର କ୍ୟାଣ୍ଟିନ୍‌ଠାରେ ପହଞ୍ଚିଥିଲା। ନୟାଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ବାଘ ଶବର ନାଚ ଓ ଚଢ଼େୟା ସୁଆଙ୍ଗ ଆଦି ପରିବେଷିତ ହୋଇଥିବା ବେଳେ ଏହା ଦେଖଣାହାରୀଙ୍କ ମନ ମୋହିଥିଲା।

ଏହି ଶୋଭାଯାତ୍ରା ଗାନ୍ଧୀମାର୍ଗଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏଥିରେ ଛେନାପୋଡ଼ କାଟି ପରସ୍ପରକୁ ଖୁଆଇବା ସହ ଛେନାପୋଡ଼ ଦିବସର ଅଭିନନ୍ଦନ ଜଣାଇ ଉତ୍ସବ ପାଳନ କରାଯାଇଥିଲା।

ଏହି ଅବସରରେ ବିଶିଷ୍ଟ ଲେଖକ ଦାଶ ବେନହୁର, ନୟାଗଡ଼ ବିକାଶ ମଞ୍ଚର ଆବାହକ କଥା ଜଣାଶୁଣା ଲେଖକ ଶୁଭ୍ରାଂଶୁ ପଣ୍ଡା, ମଞ୍ଚର ସହ-ଆବାହକ ସୁବ୍ରତ କୁମାର ନାୟକ, ଅନୁଷ୍ଠାନର ସକ୍ରିୟ ସଦସ୍ୟ ବ୍ୟଙ୍ଗକବି ଗିରୀଶ, ଅଭିନେତା ଶ୍ରୀରାମ, ଆଶିଷ କୁମାର ରଥ, ରାଜକିଶୋର ଡାକୁଆ, ଆଶୁତୋଷ ଦାସ, ସୁଧାଂଶୁ ସାହୁ, ଯତୀନ୍, ରୋହନ ମହାପାତ୍ର, ବିଶ୍ୱଜିତ ଯତୀନ୍ ପାତ୍ର, ସୁରେଶ ସାହୁ, ଉମାକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ନନ୍-କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜିତ




ଯାଜପୁର,୧୧।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ନନ୍-କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେସର ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଦ୍ୱାରା ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୧୧ ଏବଂ ୧୨ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଛି। ଭାରତୀୟ ନ୍ୟାୟ ସଂହିତାରେ ସଂଶୋଧନ ଏବଂ ଏହାର ପ୍ରଭାବ, ପୁରୁଣା ଓ ନୂଆ କ୍ରିମିନାଲ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ନୂଆ କ୍ରିମିନାଲ ଆଇନ, ଫରେନସିକ୍ସ, ପବ୍ଲିକ ପ୍ରୋସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ, ନୂତନ ଆଇନରେ ପୀଡ଼ିତ କୈନ୍ଦ୍ରିକ ଜାମିନ ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଛି। ତାଲିମ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଜନ୍ମେଞ୍ଜୟ ପଲେଇ, ପ୍ରୋସିକ୍ୟୁସନ୍ ଉପନିର୍ଦ୍ଦେଶକ ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, ଅବସରପ୍ରାପ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ପ୍ରଧାନ, ପବ୍ଲିକ ପ୍ରୋସିକ୍ୟୁଟର ମୋନାଲି ରାଇସା, ଆଡିସନାଲ ପି ପି, ବିପ୍ଳବ କୁମାର ମୁଦୁଲି, ଆଡିସନାଲ ପି ପି ସୌମ୍ୟାଶ୍ରୀ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ ପ୍ରତିମା ଓଝା, ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଅଧିକାରୀମାନେ ଯୋଗ ଦେଇ ତାଲିମ ନେଇଥିଲେ।

# ଥମୁନି ବେଆଇନ୍ ମୋରମ ଚୋରା ଚାଲାଣ

### ସୁରକ୍ଷା ଜାଲରେ ସୁରକ୍ଷିତ ଅବୈଧ କାରବାର ?

### ପାହାଡ଼ କାଟି ଚାଲିଛି ବ୍ୟବସାୟ, ନୀରବ ପ୍ରଶାସନ



ଛତ୍ରପୁର,୧୧।୪ (ସଂଚାର ବ୍ୟୁରୋ): ଗଞ୍ଜାମ ତହସିଲ ଅଞ୍ଚଳରେ ଚୋରା ମୋରମ ଉତ୍ତୋଳନ ଓ ଚାଲାଣ ଥମିବାର ନାଁ ନେଉନାହିଁ। ବର୍ଷ ତମାମ ବିଭିନ୍ନ ସ୍ଥାନରୁ ଅବୈଧ ଭାବେ ମୋରମ ଉଠାଯାଇ ଟ୍ରକ୍ ଓ ଟିପର ମାଧ୍ୟମରେ ବାହାରକୁ ସ୍ଥାନାନ୍ତରଣ କରାଯାଉଥିବା ଅଭିଯୋଗ ହେଉଛି।

ବିଶେଷକରି ଗଞ୍ଜାମ ତହସିଲର ସତୃଷୋଲ ଗାଁର ପାହାଡ଼ିଆ ଅଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକ ଏହି ଅବୈଧ କାରବାରର ମୁଖ୍ୟ ହଟସ୍ପଟରେ ପରିଣତ ହୋଇଛି। ମାଇନିଂ ବିଭାଗରୁ କ୍ୟୁବିକ୍ ମିଟର ଆଧାରରେ ଟେମ୍ପୋରାରି ପରମିଶନ୍ ନେଇ, ତାହାର ଆଢ଼ରେ ଦୀର୍ଘଦିନ ଧରି ଅବୈଧ ଭାବେ ମୋରମ ଉତ୍ତୋଳନ ଓ ପକାଯାଉଥିବା ଅଭିଯୋଗ ଉଠୁଛି। ଏହାର ପରିଣାମରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଥିବା ବେଳେ, ପାହାଡ଼ ବିକ୍ରି କରି ମୋରମ ବ୍ୟବସାୟୀମାନେ ବେପରୁଆ ଭାବେ ମାଲାମାଲ୍ ହେଉଥିବା ଚର୍ଚ୍ଚା ଜୋର ଧରିଛି।

ପୁଲିସ, ତହସିଲ୍ ଓ ମାଇନିଂ ବିଭାଗର ଏନଫର୍ସମେଣ୍ଟ ଦାୟିତ୍ୱ ଥିଲେ ମଧ୍ୟ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ସ୍ପଷ୍ଟ ହେଉଛି। ବନବିଭାଗ ଅଧୀନରେ ଥିବା ଏହି ଅଞ୍ଚଳରେ ସମ୍ପୃକ୍ତ ଅଧିକାରୀମାନେ ପ୍ରଭାବଶାଳୀ ପଦକ୍ଷେପ ନେଉନଥିବା କଥା ସ୍ଥାନୀୟମାନେ କହୁଛନ୍ତି।

ସ୍ଥାନୀୟ ସୂତ୍ର ଅନୁଯାୟୀ, ଏହି ଅବୈଧ କାରବାର ପଛରେ ଏକ ସଂଗଠିତ ସିଣ୍ଡିକେଟ ସକ୍ରିୟ ଅଛି। କିଛି ତଳସ୍ତରୀୟ କର୍ମଚାରୀ 'ମିଡଲମ୍ୟାନ' ଭାବେ କାମ କରି ଅଧିକାରୀ ଓ ବ୍ୟବସାୟୀଙ୍କ ମଧ୍ୟରେ ସମ୍ପର୍କକୁ ସୁବିଧାଜନକ କରୁଥିବା ସନ୍ଦେହ କରାଯାଉଛି। ରେଡ୍ ପୂର୍ବରୁ ଆଗୁଆ ସୂଚନା ଲିକ୍ ହେଉଥିବାରୁ ଧରପଗଡ ଅଭିଯାନ ବିଫଳ ହେଉଥିବା ଚର୍ଚ୍ଚା ଚାଲିଛି। ଏହା ସହିତ, କିଛି ବିଭାଗୀୟ ଅଧିକାରୀଙ୍କୁ ମାସିକ ଭାବେ ଅର୍ଥ ପ୍ରଦାନ କରି ଏହି ଚୋରା କାରବାରକୁ ସୁରକ୍ଷା ଯୋଗାଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠୁଛି।

ଅନିୟନ୍ତ୍ରିତ ଭାବେ ପାହାଡ଼ ଖୋଲି ମୋରମ ଉତ୍ତୋଳନ କରାଯାଉଥିବାରୁ ପରିବେଶୀୟ ସନ୍ତୁଳନ ବିଗଡ଼ିବା ସହ ଭୂସ୍ଖଳନ, ଜଳସ୍ତର ହ୍ରାସ ,ବନ୍ୟ ଜନ୍ତୁ ପ୍ରତି ବିପଦ ଓ ଜଳସଙ୍କଟ ସୃଷ୍ଟି ହେବାର ଆଶଙ୍କା ବଢ଼ିଛି। ଏହି ଗୁରୁତର ସମସ୍ୟାକୁ ନେଇ ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ବ୍ୟବସାୟୀ ଓ ଅଧିକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ସମୁଦ୍ରରୁ ମାଛ ଧରିବା ଉପରେ କଟକଣା

### ଏପ୍ରିଲ ୧୫ରୁ ୧୪ ଜୁନ ୬୧ଦିନ ସମୁଦ୍ରରେ ମାଛ ଧରିବା ବନ୍ଦ



କାକଟପୁର/ଅସ୍ତରଙ୍ଗ,୧୧।୪ (ସଂଚାର ବ୍ୟୁରୋ): ସମୁଦ୍ରରୁ ମାଛ ମାରିବା ଉପରେ କଟକଣା ଲାଗିଛି। ଏପ୍ରିଲ ୧୫ରୁ ୧୪ ଜୁନ ୬୧ଦିନ ପର୍ଯ୍ୟନ୍ତ ସମୁଦ୍ରରୁ ମାଛ ମାରିବା ବନ୍ଦ। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଏହି କଟକଣା ଜାରି କରାଯାଇଛି। ବିଭିନ୍ନ ଜେଟି ଆଉ ମୁହାଣରେ ବୁଲିଛି ମତ୍ସ୍ୟ ବିଭାଗର ଡାକବାଜି ଯନ୍ତ୍ର। ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରୁ ମାଛ ମାରିବାକୁ ବାରଣ କରାଯାଇଛି।

ମତ୍ସ୍ୟ ବିଭାଗର ଏହି ନିର୍ଦ୍ଦେଶ ଏବେ ଶହ ଶହ ମତ୍ସ୍ୟଜୀବୀଙ୍କୁ ହାତବାନ୍ଧି ବସିବାକୁ ବାଧ୍ୟ କରିଛି। ମାଛ ମାରିବାକୁ ଗଲେ ଯାହାର ଚୁଲି ଜଳୁଥିଲା ଏବେ ସେ ଖାଇବେ କ'ଣ, ଚଳିବ କେମିତି ବୋଲି ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ମାଛଙ୍କ ବଂଶ ବୃଦ୍ଧି ପାଇଁ ସରକାରଙ୍କ କଟକଣା ଆଉ ଗୋଟିଏ ପଟେ ପରିବାର ଚଳାଇବା ଚିନ୍ତା ମତ୍ସ୍ୟଜୀବୀଙ୍କ ଉପରେ ଭାରି ପଡ଼ିଛି। ପ୍ରତିବର୍ଷ ଆମ ଜୀବନ ଜୀବିକା ଉପରେ କଟକଣା ଲଗାଇ ହଇରାଣ କରାଯାଉଥିବା ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି।

ପ୍ରଜନନ ଋତୁରେ ସରକାରଙ୍କ ମାଛ ଧରା କଟକଣା ମତ୍ସ୍ୟଜୀବୀଙ୍କ ଉପରେ ଭାରି ପଡ଼ିଛି। ନିୟମ ନ ମାନିଲେ; ବୋଟ ସହିତ ମାଛଧରା ଉପକରଣକୁ ଜବତ କରାଯିବା ସହ ଜୋରିମାନା ମଧ୍ୟ ଭୋଗିବାକୁ ପଡ଼ିବ ବୋଲି ମତ୍ସ୍ୟ ବିଭାଗର ନିୟମ କହୁଛି। ଏହି ନିୟମ ଅନୁସାରେ ମାଛ ମାରିବାକୁ ଯାଇଥିବା ବୋଟ ଗୁଡିକ ଏବେ କୂଳକୁ ଫେରୁଛନ୍ତି। ମାଛ ମାରିବା ବନ୍ଦ ରହୁଥିବାରୁ ମତ୍ସ୍ୟଜୀବୀଙ୍କ ସହ ବୋଟ ମାଲିକ ଚିନ୍ତାରେ ପଡ଼ିଛନ୍ତି।

ମତ୍ସ୍ୟଜୀବୀଙ୍କ ସହ ମାଲିକଙ୍କ କହିବା କଥା, ସରକାରଙ୍କ ନିୟମକୁ ଆମେ ସମ୍ମାନ ଦେଉଛୁ, ହେଲେ ମାଛଧରା ବନ୍ଦ ସମୟରେ ସରକାରଙ୍କ ଯେଉଁ ନିୟମ ରହିଛି ତାହାକୁ କଡ଼ାକଡ଼ି ଭାବେ ପାଳନ କରାଯାଉନି ବୋଲି ସଂଘ ଅଭିଯୋଗ କରିଛି।

## ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ଭୁବନେଶ୍ୱର ମହାସମାବେଶ ପାଇଁ ପ୍ରସ୍ତୁତି ବୈଠକ



ଯାଜପୁର ରୋଡ଼, ୧୧।୪ (ସଂଚାର ବ୍ୟୁରୋ): ଓଡିଶା ଜନତା କଂଗ୍ରେସ ପାର୍ଟି ଯାଜପୁର ଜିଲ୍ଲା କମିଟି ପକ୍ଷରୁ ବ୍ୟାସନଗର ସହରର ଫେରୋକ୍ରୋମ ଛକ ନିକଟରେ ବରିଷ୍ଠ ନେତା ଗୋବିନ୍ଦ ସାମଲ'ଙ୍କ ସଭାପତିତ୍ୱରେ ଆସନ୍ତା ଏପ୍ରିଲ ୧୫ ତାରିଖ ଭୁବନେଶ୍ୱର ଠାରେ ହେବାକୁ ଥିବା ମହାସମାବେଶ ପାଇଁ ବ୍ୟାପକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ତରୀୟ ଏହି ସମାବେଶକୁ ସଫଳ କରିବା ନିମନ୍ତେ ରାଜ୍ୟ ସଭାପତି ମହମଦ ମୋକିମ'ଙ୍କ ଆହ୍ୱାନ କ୍ରମେ ଯାଜପୁର ଜିଲ୍ଲାର ୭ ଗୋଟି ନିର୍ବାଚନ ମଣ୍ଡଳୀରୁ ୨ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗ ଦାନ କରିବେ ବୋଲି ପାର୍ଟିର ଜିଲ୍ଲା ସଂଯୋଜକ ଶ୍ରୀ ବିଦ୍ୟାଧର ମହାନ୍ତି ପ୍ରକାଶ କରିଛନ୍ତି। ଓଡିଶାରେ ଏହା ଏକ ବିକଳ୍ପ ପାର୍ଟି ଭାବେ ଉଭା ହେବା ସହିତ ରାଜ୍ୟର ଜମି, ଜଳ, ଜଙ୍ଗଲକୁ ସୁରକ୍ଷିତ ରଖିବା ସହିତ ମଦମୁକ୍ତ ରାଜ୍ୟ ଗଠନ, ସରକାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେବା,ଦାଦନ ମୁକ୍ତ କରି ନୂତନ ନିଯୁକ୍ତି ସୃଷ୍ଟି କରିବା ବିଶେଷ କରି କୃଷି ଓ ୩୦୦ ୟୁନିଟ ବିଜୁଳିକୁ ଶୁଳ୍କମୁକ୍ତ କରିବା ଦାବିକୁ ନେଇ ପାର୍ଟି ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ ଲଢେଇ ଜାରି ରଖିବା ପାଇଁ ଏହି ମହାସମାବେଶର ମୁଖ୍ୟ ଆହ୍ୱାନ ହେବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆକାଶ ଛୁଆ ଦରଦାମ ବୃଦ୍ଧି, ରନ୍ଧନ ଗ୍ୟାସ ସଂକଟ, ଆଉଟସୋର୍ସିଂ କର୍ମଚାରୀ ମାନଙ୍କୁ ସ୍ଥାୟୀ ନକଲେ ତୃଣମୂଳ ସ୍ତରରୁ ଆନ୍ଦୋଳନକୁ ସଂଗଠିତ କରିବାକୁ ଜିଲ୍ଲା କମିଟିରେ ବିଭିନ୍ନ ପ୍ରସ୍ତାବ ଗୃହୀତ କରାଯାଇଥିଲା।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ



ବେତନଟୀ,୧୧।୪ (ସଂଚାର ବ୍ୟୁରୋ): ବାଲେଶ୍ୱରରୁ ବାରିପଦା ପଟକୁ ଚୋରା ଗଞ୍ଜେଇ ନେଇ ବାଇକ ଯୋଗେ ଯାଉଥିବା ବେଳେ ଜଣକୁ ଗିରଫ କରିବା ସହିତ ବାଇକ ଏବଂ ଗଞ୍ଜେଇ କୁ ଜବତ କରିଛି ବେତନଟୀ ପୁଲିସ । ସୂଚନା ଅନୁଯାୟୀ ୧୮ନମ୍ବର ଜାତୀୟ ରାଜପଥ ବେତନଟୀ ଥାନା ଅଧୀନ ପୁରୁଣା ଦମକଳ କେନ୍ଦ୍ର ନିକଟରେ ପୋଲିସ ପେଟ୍ରୋଲିଙ୍ଗ ସାରି ଫେରୁଥିବା ସମୟରେ ଚୋରା ଗଞ୍ଜେଇ ସମେତ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ବଡ଼ସାହି ସୋରିଷକୋଠା ଅଞ୍ଚଳର ଶମ୍ଭୁ ମହାଳିକ, ବୋଲି ଜଣାପଡିଛି। ଅଭିଯୁକ୍ତ ନିକଟରୁ ଏକ ବାଇକ ସମେତ ୧୯ କିଲୋ ୬୮୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି, ଏହାର ଅନୁମାନିକ ମୂଲ୍ୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବା ନେଇ ସୂଚନା ମିଳିଛି। ଚୋରା ଗଞ୍ଜେଇ ଜବତ ସମୟରେ ବେତନଟୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା, ବେତନଟୀ ପୋଲିସ ଏସ ଆଇ ମଦନ ମୋହନ ପରିଡାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପୋଲିସ ପକ୍ଷରୁ ଏନେଇ ୧୬୧/୨୬ ରେ ମାମଲା ରୁଜୁ ହୋଇଛି।

# ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସଭା ଉଦ୍‌ଘାଟିତ




ସୁନ୍ଦରଗଡ଼,୧୧।୪ (ସଂଚାର ବ୍ୟୁରୋ): ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ୩୯ ତମ ମହାସଭା ଶନିବାର ସୁନ୍ଦରଗଡ ସ୍ଥିତ ମାଦ୍ରୀକାଲୋ ଭବନଠାରେ ଉଦ୍‌ଘାଟିତ ହୋଇଛି। ଦୁଇ ଦିନିଆ ବାର୍ଷିକ ମହାସଭାର ପ୍ରଥମ ଦିବସ ରେ ଇଷ୍ଟଦେବୀ ମାଁ ଦୁର୍ଗାଙ୍କ ପୂଜା ପରେ କେନ୍ଦ୍ରୀୟ ସଭାପତି ଓ ଜିଲ୍ଲା ସଭାପତି ଭୂୟା ଜାତିର ପତାକା ଉତ୍ତୋଳନ କରିଥିଲେ। ଏହାପରେ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ ଉପ ବାଚସ୍ପତିଙ୍କ ସଚିବ ନିରଞ୍ଜନ ସା, କେନ୍ଦ୍ର କମିଟି ସଭାପତି ମେଘନାଦ ନାଏକ, ଜିଲ୍ଲା ସଭାପତି ଉଦିତ ଅମାତ, କାର୍ଯ୍ୟକାରି ସଭାପତି ଦେବେନ୍ଦ୍ର ଅମାତ, କେନ୍ଦ୍ର କମିଟି ସମ୍ପାଦକ ରାମ ଚନ୍ଦ୍ର ଅମାତ,କେନ୍ଦ୍ର ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦେହୁରୀ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ ପ୍ରମୁଖ ଉଦ୍‌ଘାଟନ କରିଥିଲେ।

ବରିଷ୍ଠ ଉପଦେଷ୍ଟା ରବି ରତ୍ନ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ସଭାପତିଙ୍କ ଉଦ୍‌ଘାଟନୀ ଅଭିଭାଷଣ ପରେ ସମାଜର ବରିଷ୍ଠ ସାମାଜିକ ବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତାମାନେ ବିଶେଷ କରି ନାରୀ ଶିକ୍ଷା, ସମାଜର ମୁଖ୍ୟ ସ୍ରୋତରେ ଯୁବ, ମହିଳାଙ୍କ ଭାଗିଦାରୀ, ଭୂୟାଁ ସମାଜ ସଂସ୍କୃତି ପରମ୍ପରାର ସୁରକ୍ଷା, ଖଣ୍ଡାୟତ ଭୂୟାଁ ପ୍ରସଙ୍ଗ, ଜିଲ୍ଲାର ବିସ୍ଥାପିତ ପ୍ରସଙ୍ଗ ସହ ବୀରମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରସଙ୍ଗ ସହ ମଦମୁକ୍ତ ସମାଜ ଗଠନ, ଶିକ୍ଷାକୁ ପ୍ରାଥମିକତା, ସାମାଜର ଜନଜାତି ସଂସ୍କୃତିକୁ ଉଦ୍ଧାର ଉପରେ ଆଲୋଚନା କରିଥିଲେ।

ରାଜ୍ୟ ସରକାର ବୀରମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ନ ଦେବା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜନଜାତି ସଂଗ୍ରାମୀଙ୍କୁ ଉପେକ୍ଷାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ସମସ୍ତ ଜନଜାତି ଏକଜୁଟ ହୋଇ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ଦାବି ଉଠିଥିଲା ।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ




ଖୋର୍ଦ୍ଧା,୧୧।୪ (ସଂଚାର ବ୍ୟୁରୋ): ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଓଡିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ପାଇକ 'ବିଦ୍ରୋହ' ଓଡିଶାର ପ୍ରଥମ ମୁକ୍ତି ସଂଗ୍ରାମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୂର୍ଣ୍ଣିମା ନାୟକ ସଭାପତିତ୍ୱ କରି ନିଜର ବକ୍ତବ୍ୟରେ ପାଇକ ବିଦ୍ରୋହର ଅନେକ ବିଷୟ ଉପରେ ରେଖାପାତ କହିବା ସହ ସେ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ପରିବାରୁ ଆସିଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶାର ପୂର୍ବତନ କୂଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇ ପାଇକ ବିଦ୍ରୋହର ଗରୀମାମୟ କାହାଣୀ ଉପରେ ଆଲୋକ ପାତ କରିବା ସହ ବକ୍ସି ଜଗବନ୍ଧୁଙ୍କର ବୀରତ୍ୱର ଗାଥା ଓ ଜୟୀରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, ସୁରେନ୍ଦ୍ର ସାଏଙ୍କର କାହାଣୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଉକ୍ତ ସ୍ତମ୍ଭକାର ଓ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ଯୋଗଦେଇ କହିଥିଲେ ଓଡିଶାର ଶେଷ ସ୍ୱାଧୀନତା ବଜାୟ ରଖିବାକୁ ଯେଉଁ କେତେକ ଓଡିଆ ଗୋରା ଫିରିଙ୍ଗି ସହ ଲଢେଇ କରିଥିଲେ ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ଦଳବେହେରା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ଅନ୍ୟତମ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ତ୍ୟାଗ, ବୀରତ୍ୱ, ସାହସ ଅତୁଳନୀୟ। ସେହିପରି ତାପଙ୍ଗ ଦଳବେହେରା, ମାଧବ ଚନ୍ଦ୍ର ରାଉତରାୟଙ୍କ ଗୋଟିଏ ନିସହାୟ କେଉଟ ପାଇଁ ତାଙ୍କ ଆତ୍ମ ବଳିଦାନ ତାଙ୍କୁ ପାଇକ ଇତିହାସରେ ଦଧି ଆକ୍ଷା ପ୍ରଦାନ କରିଛି। ଯାହାଙ୍କ ତ୍ୟାଗପ୍ଲୁତ ଜୀବନ ପାଇଁ ବ୍ରିଟିଶ ସରକାର ତାଙ୍କ ପାଖରେ ନତମସ୍ତକ ହେବା ସହ ତାଙ୍କୁ ସସମ୍ମାନେ ନିଜ ଗ୍ରାମ ତାପଙ୍ଗକୁ ପହଞ୍ଚାଇଥିଲେ । ଅନ୍ୟତମ ସମ୍ମାନୀତ ବକ୍ତା ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ ରଘୁ ଦିବାକରଙ୍କର ଗରୀମାମୟ କାହାଣୀ ସହ ବକ୍ସିଙ୍କର ଅନେକ ବୀରତ୍ୱର ଗାଥା ଉପରେ ଆଲୋକପାତ କରିଥିଲେ ।

## ୟୁନିସେଫ୍ ସହାୟତାରେ ପୂର୍ଣ୍ଣ ଆହାର ତାମିଲ ଶିବିର



ଫୁଲବାଣୀ,୧୧।୪(ସଂଚାର ବ୍ୟୁରୋ): ରାଜ୍ୟ ୟୁନିସେଫ ସହାୟତାରେ ଗତ ୬ରୁ ୧୦ ତାରିଖ ୫ ଦିନ ଧରି ପୂର୍ଣ୍ଣ ଆହାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇଟିଡିଏ ସଭାଗୃହରେ ଜିଲ୍ଲାର ଜିଲ୍ଲାପାଳ, ସମାଜ ମଙ୍ଗଳ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଏଫ୍‌ଡବ୍ଲ୍ୟୁ ଏବଂ ରାଜ୍ୟସ୍ତରରୁ ୟୁନିସେଫର ଗଣେଶ ପ୍ରଧାନ, ବରଦା ମହାପାତ୍ର, ବିନାୟକ କନ୍ଦପାନ, ସୁଦିପ ଦାସ ପ୍ରମୁଖ ସମ୍ବଳବ୍ୟକ୍ତି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ତାଲିମ ପରେ ଜିଲ୍ଲାର ସମସ୍ତ ଅଙ୍ଗନବାଡି କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ଉପରୋକ୍ତ ବିଷୟରେ ତାଲିମ ପ୍ରଦାନ କରି ଶିଶୁଙ୍କ ଓଜନ ଓ ଉଚ୍ଚତା ନିରୀକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଏହା ଦ୍ୱାରା ଅଙ୍ଗନବାଡି କର୍ମୀଙ୍କର କାର୍ଯ୍ୟ ଶୈଳୀରେ ଉନ୍ନତି ଆସିବା ସହିତ ଜିଲ୍ଲାର ସମସ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଯାଞ୍ଚ ହୋଇପାରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଛନ୍ତି । ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି କରାଇ ଶିଶୁମାନଙ୍କ ବିକାଶ ଧାରାରେ ସୁଧାର ଆଣିବା ଓ ଅତିଶୟ ପୁଷ୍ଟିହୀନ ଶିଶୁ ମାନଙ୍କୁ ଚିହ୍ନଟ କରି ଗୋଷ୍ଠୀସ୍ୱରାୟ ଅପପୁଷ୍ଟି ପରିଚାଳନା ପ୍ରକ୍ରିୟା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ଏହି ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମତ ପୋଷଣ କରିଥିଲେ ।

# ଗ୍ରାହକଙ୍କୁ ଲୁଟୁଛନ୍ତି ଖୁଚୁରା ଆଳୁ ବ୍ୟବସାୟୀ

### କେଜି ପିଛା ୧୦ ଟଙ୍କାରୁ ଅଧିକ ଦରରେ ବିକ୍ରି

### ଚୁପ୍ ବସିଛି ଯୋଗାଣ ବିଭାଗ



କାକଟପୁର/ଅସ୍ତରଙ୍ଗ,୧୧।୪ (ସଂଚାର ବ୍ୟୁରୋ): ଗ୍ୟାସ ଯନ୍ତ୍ରଣା ପରେ ଏବେ ଆଳୁ ଦର ଲୋକଙ୍କ ଚିନ୍ତା ବଢ଼ାଇଛି। ଆଳୁ ହୋଲସେଲ ବଜାରରେ ପ୍ୟାକେଟ ପିଛା ୩୫୦ଟଙ୍କାରୁ ୪ଶହ ଟଙ୍କା ଥିବା ବେଳେ ଖୁଚୁରାରେ କିଲୋ ୧୫ଟଙ୍କାରେ ବିକ୍ରି ହେଉଛି। ଯାହାକି ଗ୍ରାହକଙ୍କୁ ଖୁବ ବାଧୁଛି। ଏହା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଯୋଗାଣ ବିଭାଗ ହାତ ଟେକି ଚୁପ ବସିଛି।

ପଶ୍ଚିମବଙ୍ଗ ଆଳୁର ଅଭାବ ବିକ୍ରି ଯୋଗୁଁ ଏବେ ଦର ଯଥେଷ୍ଟ କମିଛି। ପ୍ୟାକେଟ ପିଛା ୪ଟଙ୍କା ପାଖାପାଖି ବିକ୍ରି ହେଉଛି। ମାତ୍ର ଏହି ଆଳୁ ଖୁଚୁରା ବିକ୍ରିରେ ୩ଗୁଣା ଅଧିକ ରହିଛି। ଦର କମିଥିଲେ ବି ଖୁଚୁରା ଦୋକାନୀ ସିଧା ଗ୍ରାହକଙ୍କୁ ଲୁଟୁଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ବିଭିନ୍ନ ଗ୍ରାମରେ ଖୁଚୁରା ବ୍ୟବସାୟୀମାନେ ଆଳୁ ୩କିଲୋ ୪୫ରୁ ୫୦ଟଙ୍କାରେ ବିକ୍ରି କରୁଛନ୍ତି। ପିଆଜ ଦର ମଧ୍ୟ ଉଚ୍ଚା ରହିଛି। ହୋଲସେଲ ବଜାରରେ ପିଆଜ କୁଇଣ୍ଟାଲ ପିଛା ୧୬ଟଙ୍କା ଥିବା ବେଳେ ଖୁଚୁରାରେ କେଜି ୨୫ରୁ ୩୦ଟଙ୍କାରେ ବିକ୍ରି ହେଉଛି। ଏବେ ଗ୍ୟାସ ସଙ୍କଟ ଯୋଗୁଁ ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ହୋଟେଲ ରେ ଖାଦ୍ୟର ଦାମ୍ ବଢ଼ିଛି। ଯେଉଁ ସାଧାରଣ ଲୋକର ଗ୍ୟାସ ଖାତା ନାହିଁ ସେ ଚଢ଼ା ଦରରେ କିଣୁଛି। ଏଭଳି ସ୍ଥିତିରେ ଖୁଚୁରା ବଜାରରେ ଆଳୁ, ପିଆଜ ସହିତ ଖାଇବା ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବଢ଼ିଛି। ଯାହା ସିଧା ସଳଖ ଖାଉଟିଙ୍କ ପକେଟକୁ ପ୍ରଭାବିତ କରୁଛି। ମୁଖ୍ୟତଃ ଦେଖିବାକୁ ମିଳିଛି ଅସ୍ତରଙ୍ଗ ସାପ୍ତାହିକ ହାଟ ରେ ଆଳୁ ଓ ପିଆଜ ଦୋକାନ ରେ ରେଟ ଚାର୍ଟ ମାରିବା ବାଧ୍ୟତାମୂଳକ ଥିବା ବେଳେ କୌଣସି ବ୍ୟବସାୟୀ ଏହାକୁ ମାନୁନାହାନ୍ତି। ମନଇଚ୍ଛା ଦର କସୁଛନ୍ତି।

## ଜଳସୁଆଁରେ ଧାର୍ମିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ପାଲା ଉଦ୍‌ଯାପିତ



ଆନନ୍ଦପୁର,୧୧।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମରେ ଧାର୍ମିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ସତ୍ୟନାରାୟଣ ପାଲା ଆୟୋଜନ ଭବ୍ୟ ଭାବେ ସମାପ୍ତ ହୋଇଛି। ଗତ ମଙ୍ଗଳବାର ଠାରୁ ଜଳସୁଆଁ ପାଲା ମଣ୍ଡପରେ ସତ୍ୟନାରାୟଣ ପାଲା କମିଟି ପକ୍ଷରୁ ଆୟୋଜିତ ଏହି ପାଲା କାର୍ଯ୍ୟକ୍ରମରେ ଓଡିଶାର ପ୍ରସିଦ୍ଧ ପାଲା ଗାୟକ ଓ ଗାୟିକାମାନେ ଯୋଗଦେଇ ଭକ୍ତିମୟ ପରିବେଷଣ କରିଥିଲେ। ମଙ୍ଗଳ ଓ ବୁଧବାର ଦିନ ପାଲା ଗାୟକ ବିଶାରଦ ସଚ୍ଚିଦାନନ୍ଦ ଦାଶ ନିଜ ମଧୁର କଣ୍ଠରେ ପାଲା ପରିବେଷଣ କରିଥିବା ବେଳେ, ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ପାଲା ଗାୟିକା କଳକଣ୍ଠି ଗୌରିବାଳା ସ୍ୱାଇଁ ଦର୍ଶକମାନଙ୍କୁ ମୋହିତ କରିଥିଲେ।

ଆଜି ସନ୍ଧ୍ୟାରେ ଏହାର ଉଦଯାପନୀ ସମାରୋହ ଭବ୍ୟ ଭାବେ ପାଳିତ ହୋଇଥିଲା। ସତ୍ୟନାରାୟଣ ପାଲା କମିଟିର ସଭାପତି ବିଷ୍ଣୁ ଚରଣ ମାଝୀ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିବା ବେଳେ, ସମ୍ପାଦକ ମୋହନ ଚରଣ ଅଧିକାରୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପାଦନ କରିଥିଲେ। ଏହି ପାଲା କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ପାଲା ମଞ୍ଚରେ ପାଳିଆମାନେ ଭକ୍ତିମୟ ଓ ନୈତିକ ଗଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଆକର୍ଷିତ କରିଥିଲେ। ଏହା ସହ ଆଖପାଖ ଅଞ୍ଚଳର ୫୦ରୁ ଅଧିକ ଶିକ୍ଷାବିତ, ପ୍ରତିଭାଶାଳୀ ବ୍ୟକ୍ତି ଓ ସମାଜସେବୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଏହି ଅବସରରେ ପାଲା ପରମ୍ପରାକୁ ରକ୍ଷା କରିବା ସହ ଆଗକୁ ବଢ଼ାଇବା ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ଓ ଉତ୍ସାହର ମଧ୍ୟରେ ସଫଳ ଭାବେ ସମ୍ପନ୍ନ ହୋଇଥିଲା।

### କେନ୍ଦୁଝର ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ

# ପରମାଣୁ ଶକ୍ତି କେନ୍ଦ୍ର ପାଇଁ ଓଡ଼ିଶାରେ ଉଜ୍ଜ୍ୱଳ ସମ୍ଭାବନା

- ନିଯୁକ୍ତି ସନ୍ଧାନକାରୀ ନୁହେଁ, ନିଯୁକ୍ତି ସୃଷ୍ଟିକାରୀ ହୁଅନ୍ତୁ
- ଓଡ଼ିଶାରେ ବଢୁଛି ଶିଳ୍ପ ଓ ଚାକିରି ସୁଯୋଗ



ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ଆଗାମୀ ଭାରତ ବୈଷୟିକ ଜ୍ଞାନକୌଶଳର ଭାରତ ହେବ। ଗବେଷଣା, କୃତ୍ରିମ ମେଧା ଓ ଇନୋଭେସନର ସଠିକ୍ ବ୍ୟବହାର ଦ୍ୱାରା ଦେଶର ସମୃଦ୍ଧି ସୁନିଶ୍ଚିତ ହେବ ବୋଲି କେନ୍ଦୁଝରସ୍ଥିତ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ (ଜିସିଇ)ର ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନିଜ ଛାତ୍ର ଜୀବନର ସଂଘର୍ଷ ଦିନଗୁଡ଼ିକୁ ସ୍ମରଣ କରି କହିଥିଲେ ଯେ ୧୯୯୫ରେ ଏହି ସଂସ୍ଥା ପ୍ରତିଷ୍ଠା ସମୟରୁ ଆଜି ପର୍ଯ୍ୟନ୍ତ ଏହା ଉତ୍ତର ଓଡ଼ିଶାର ଯୁବପିଢ଼ି ପାଇଁ ଆଶାର ପ୍ରତୀକ ହୋଇ ରହିଛି। ମଧ୍ୟବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସତ୍ତ୍ୱେ ଲୋକମାନଙ୍କର ସମୂହ ଉଦ୍ୟମ ଓ ସଂକଳ୍ପ ଦ୍ୱାରା ୨୦୦୧ରେ ଏହି ସଂସ୍ଥା ପୁନଃଜୀବନ ଲାଭ କରିଥିଲା, ଯାହା ଏକତା ଓ ଦୃଢ଼ ସଙ୍କଳ୍ପର ଉତ୍କୃଷ୍ଟ ଉଦାହରଣ ବୋଲି ସେ କହିଥିଲେ।

ଏହି ମହାବିଦ୍ୟାଳୟରୁ ପ୍ରାୟ ୬୫୦୦ ଛାତ୍ରଛାତ୍ରୀ ଦେଶ ବିଦେଶରେ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ପ୍ଲେସମେଣ୍ଟ ବ୍ୟବସ୍ଥା ସନ୍ତୋଷଜନକ ହେବା ସହ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟାଂଶୁ ପାଲଙ୍କ ସଫଳତାକୁ ସେ ମହାବିଦ୍ୟାଳୟର ଗୌରବ ବୋଲି କହିଥିଲେ। ରାଜ୍ୟରେ ଆରମ୍ଭ ହୋଇଥିବା ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟାରେ ଗତ ଦୁଇ ବର୍ଷରେ ପ୍ରାୟ ୨.୮ ଲକ୍ଷ କୋଟି ଟଙ୍କାର ବିନିଯୋଗ ହୋଇଥିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଶିଳ୍ପକୁ ଆଧାର କରି ଓଡ଼ିଶା ଏବେ ରାଜ୍ୟର ଯୁବପିଢ଼ିମାନଙ୍କ ପାଇଁ ଏକ ଆକର୍ଷଣ କେନ୍ଦ୍ର ଭାବେ ଉଭା ହେଉଛି ବୋଲି ସେ କହିଥିଲେ।

ଇଞ୍ଜିନିଅରିଂ ଓ ମେଡିକାଲ ଶିକ୍ଷାରେ ଆଦିବାସୀ, ଦଳିତ ଓ ଏସଇବିସି ବର୍ଗ ପାଇଁ ସଂରକ୍ଷଣ ବୃଦ୍ଧି କରାଯାଇଛି, ଯାହା ରାଜ୍ୟରେ ପଛୁଆ ବର୍ଗଙ୍କ ଶିକ୍ଷାର ବିକାଶକୁ ସୁନିଶ୍ଚିତ କରିବ। ପରମାଣୁ ଆଧାରିତ ଶକ୍ତି ଉତ୍ପାଦନରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ଓଡ଼ିଶାରେ ପ୍ରଚୁର ଥୋରିଅମ୍ ସମ୍ପଦ ଥିବାରୁ ଭବିଷ୍ୟତରେ ଏଠାରେ ପରମାଣୁ ଶକ୍ତି କେନ୍ଦ୍ର ପ୍ରତିଷ୍ଠାର ଉଜ୍ଜ୍ୱଳ ସମ୍ଭାବନା ରହିଛି। ଯୁବବର୍ଗଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ଚାକିରି ଖୋଜୁଥିବା ଆଶାୟୀ ନୁହେଁ, ଚାକିରି ସୃଷ୍ଟି କରୁଥିବା ମଣିଷ ହୁଅନ୍ତୁ। ଇନୋଭେସନ ଦ୍ୱାରା ନୂତନ ସୁଯୋଗ ସୃଷ୍ଟି କରିବାକୁ ସେ ଆହ୍ୱାନ କରିଥିଲେ। ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ଯୁବଶକ୍ତିର ଭୂମିକା ନିର୍ଣ୍ଣାୟକ ବୋଲି ସେ କହିଥିଲେ।




- ସ୍କୁଲ ଲିଭିଂ ସାର୍ଟିଫିକେଟ ପାଇଁ ଆସିଲା ମାର୍ଗଦର୍ଶିକା

## ହଜିଥିଲେ କି ନଷ୍ଟ ହୋଇଥିଲେ ମିଳିବ ନକଲ

ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ନକଲ ସ୍କୁଲ ଲିଭିଂ ସାର୍ଟିଫିକେଟ୍ (ଏସ୍‌ଏଲ୍‌ସି) ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ଯଦି କୌଣସି ଛାତ୍ରଛାତ୍ରୀଙ୍କର ଏସ୍‌ଏଲ୍‌ସି ହଜିଥାଏ କିମ୍ବା ନଷ୍ଟ ହୋଇଥାଏ, ତେବେ ସେମାନେ ଏହାର ଏକ ନକଲ ପାଇପାରିବେ। ତେବେ ଏଥିପାଇଁ ଉକ୍ତ ଛାତ୍ରଛାତ୍ରୀଙ୍କୁ ପ୍ରକୃତ ତଥା ଯଥାର୍ଥତା ଦର୍ଶାଇବାକୁ ହେବ।

ବିଭାଗ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି ଯେ ଓରିଜିନାଲ ଏସ୍‌ଏଲ୍‌ସି ହଜିଯାଇଥିଲେ କିମ୍ବା ନଷ୍ଟ ହୋଇଥିଲେ, ଏହାର ନକଲ କପି ପାଇଁ ଅନେକ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଏବେ ସରକାର ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଅନୁମତି ଦେଇଛନ୍ତି। ତେବେ ସ୍କୁଲର ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ଏସ୍‌ଏଲ୍‌ସିର ନକଲ ଦେଇପାରିବେ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଯଥାର୍ଥତା ଦର୍ଶାଇବାକୁ ପଡ଼ିବ। ଯଦି ସାର୍ଟିଫିକେଟ୍ ନଷ୍ଟ ହୋଇଥିବ, ତା'ର ପ୍ରମାଣ ମଧ୍ୟ ଦାଖଲ କରିବାକୁ ପଡ଼ିବ। ସେହିପରି ଯଦି ଚୋରି ହୋଇଥିବା କିମ୍ବା ହଜିଥିବ, ତା'ହେଲେ ସେ କ୍ଷେତ୍ରରେ ଥାନାରୁ ଏଫ୍‌ଆଇଆର୍‌ର କପି ଆଣି ଛାତ୍ରଛାତ୍ରୀ ଦାଖଲ କରିବେ। ସେହିପରି ଯଦି ନିଆଁ ଲାଗିଯାଇଥାଏ କିମ୍ବା ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକରେ ଏସ୍‌ଏଲ୍‌ସି ନଷ୍ଟ ହୋଇଥାଏ, ତା'ହେଲେ ତା' ବି ଦେଖାଇବାର ଆବଶ୍ୟକତା ରହିଛି। କିନ୍ତୁ ଓରିଜିନାଲ ଏସ୍‌ଏଲ୍‌ସିକୁ କୌଣସି ନାମଲେଖାରେ ବ୍ୟବହାର କରି ପୁନର୍ବାର ଆବେଦନ କଲେ, ତାହା ଗ୍ରହଣୀୟ ହେବନାହିଁବୋଲି ମାର୍ଗଦର୍ଶିକାରେ କୁହାଯାଇଛି।

- ଅଫିସରେ କାମ କରୁଥିଲେ

## ହୃଦ୍‌ଘାତରେ ଚାଲିଗଲା ଡିଏଫଓଙ୍କ ଜୀବନ



ଭଦ୍ରକ,୧୧।୪(ସଂଚାର ବ୍ୟୁରୋ):ଅଫିସରେ କାମ କରୁଥିବା ସମୟରେ ଜନୈକ ଡିଏଫଓଙ୍କ ମୃତ୍ୟୁ ଘଟିଛି। ଅଚାନକ ହୃଦଘାତ ହେବାରୁ ଏହି କାର୍ଯ୍ୟରତ ଡିଏଫଓଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ଡିଏଫ୍‌ଓ ଜଣଙ୍କ ହେଉଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ କାର୍ଯ୍ୟରତ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସୌଭାଗ୍ୟ ରଞ୍ଜନ ସାହୁ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବାରୁଣାଡ଼ିଆଠାରେ ହୋଇଥିବା ବେଳେ ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ତେବେ ଶ୍ରୀ ସାହୁଙ୍କ ଅଚାନକ ମୃତ୍ୟୁରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମର୍ମାହତ ହୋଇଛନ୍ତି।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଲମତାପୁଟ,୧୧।୪(ସଂଚାର ବ୍ୟୁରୋ):ରେଳ ଧାରଣାରୁ ଉଦ୍ଧାର କରାଯାଇଛି ଜନୈକ ଯୁବକଙ୍କ ମୃତଦେହ। ତେବେ ଏହା ଏକ ହତ୍ୟାକାଣ୍ଡ ନା ଯୁବକ ଜଣଙ୍କ ନିଜେ ଜୀବନ ହାରିଛନ୍ତି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା କୁଜେଲ ଗାଁ ନିକଟସ୍ଥ ରେଳ ଧାରଣାରେ ଉକ୍ତ ମୃତଦେହଟି ପଡ଼ିଥିଲା। ମୃତ ଯୁବକଙ୍କ ନାଁ ସୁଭାନ ରୁଙ୍ଗୁଡ଼ା ବୋଲି ଜଣାପଡ଼ିଛି। ତାଙ୍କର ଘର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ସାନସାଗର ଗାଁରେ ହୋଇଥିବା ବେଳେ ସେ ତାଙ୍କ ମାମୁଘରକୁ ବୁଲିବାକୁ ଆସିଥିଲେ।



ଆଜି ଭୋର ସମୟରେ କିଛି ଲୋକ ଶୌଚ ପାଇଁ ଯିବା ବେଳେ ରେଳ ଧାରଣାରେ ଖଣ୍ଡବିଖଣ୍ଡିତ ଶରୀର ଦେଖି ଆର୍‌ପିଏଫ୍‌କୁ ଖବର ଦେଇଥିଲେ।

ସୂଚନା ପାଇ ରେଳ ବିଭାଗ ଆର୍‌ପିଏଫ୍ ଦଳ ଓ ଜିଆର୍‌ପିଙ୍କ ନେତୃତ୍ୱାଧୀନ ଦଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ମୃତଦେହର ବ୍ୟବଚ୍ଛେଦ କରାଯିବା ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଜଣାପଡ଼ିବ ବୋଲି ପୁଲିସ୍ କହିଛି। ଅନ୍ୟପକ୍ଷରେ ଏପରି ଏକ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ସୁଭାନ ପାଢୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇରେ ପଢୁଥିବା ବେଳେ ଚଳିତ ବର୍ଷ ସେ ଯୁକ୍ତ ଦୁଇ ଶେଷ ବର୍ଷ ପରୀକ୍ଷା ଦେଇଥିଲେ ବୋଲି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ପୁଣି ନୀଳଚକ୍ର ଉପରେ ବସିଲା ଚିଲ

ପୁରୀ,୧୧।୪(ସଂଚାର ବ୍ୟୁରୋ):ପୁଣି ଶ୍ରୀମନ୍ଦିର ନୀଳଚକ୍ର ଉପରେ ବସଲୋ ଚିଲ। ତେବେ ଗତ କିଛି ଦିନ ହେବ ଲଗାତାର ନୀଳଚକ୍ର ଉପରେ ଚିଲ ବସୁଥିବା ଦେଖିବାକୁ ମିଳୁଛି। ଆଜି ଉକ୍ତ ଚିଲଟି କିଛି ସମୟ ଉଡ଼ିବା ପରେ ଅକ୍ଷୟଦଣ୍ଡ ଉପରେ ବସିଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ଉପରେ ବାରମ୍ବାର ଚିଲ ବସୁଥିବା ନେଇ କେତେଜଣ ସେବାୟତ ଏହାକୁ ମହାପ୍ରଭୁଙ୍କ ଅଶୁଭ ସଂକେତ ବୋଲି କହିଛନ୍ତି। ସାଧାରଣତଃ ବିଶ୍ୱାସ ରହିଛି ଯେ ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ଆଦି ଅଘଟଣ ବୃଦ୍ଧି ପାଇଥାଏ ବୋଲି ଉକ୍ତ ସେବାୟତମାନେ କହିଛନ୍ତି। ସେହିପରି ଆଉ କେତେକ ଏହାକୁ ସାଧାରଣ ଘଟଣା ବୋଲି କହିବା ସହ କେହି ବି ଏହାକୁ ନେଇ କୌଣସି ଅନ୍ଧବିଶ୍ୱାସ ରହିବା ଅନୁଚିତ ବୋଲି କହିଛନ୍ତି।

## ୧୬୦ ଲିଟର ଚୋରାମଦ ଜବତ, ୬ ଗିରଫ




କେନ୍ଦ୍ରାପଡ଼ା,୧୧।୪(ସଂଚାର ବ୍ୟୁରୋ):କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ଅବୈଧ ଚୋରାମଦ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ବିଶେଷ ଚଢ଼ାଉ ଜାରି ରହିଥିବା ବେଳେ ଆଜି ବିଭିନ୍ନ ସ୍ଥାନରୁ ବ୍ୟାପକ ପରିମାଣର ଚୋରା ମଦ ଜବତ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାର୍ଶାଘାଇ, ରାଜନଗର, ଆଳି ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ମଧ୍ୟପଡ଼ା ଗ୍ରାମର ସରୋଜ ଜେନା(୩୦)ଙ୍କଠାରୁ ୨୪ ଲିଟର ଚୋରା ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକେଲ, କାହାରପୁର ଗ୍ରାମର ରତ୍ନାକର ଜେନା (୩୧) ଙ୍କଠାରୁ ୧୩ ଲିଟର ଚୋରା ଦେଶୀ ମଦ, ହାବୁଲଗଣ୍ଡ ଗ୍ରାମର କେଦାରନାଥ ସେଠୀ(୩୮)ଙ୍କଠାରୁ ୨୬ ଲିଟର ଚୋରା ବିଦେଶୀ ମଦ, କାନପୁର ଗ୍ରାମର ସଞ୍ଜୟ କୁମାର ପରିଡ଼ା(୪୦)ଙ୍କଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, ବିଜୟନଗର ଗ୍ରାମର ପ୍ରକାଶ ଚନ୍ଦ୍ର ସେଠୀ(୨୮)ଙ୍କଠାରୁ ୪୫ ଲିଟର ଚୋରା ବିଦେଶୀ ମଦ ଓ ନଛିପଡ଼ା ଗ୍ରାମର ଚଗଲା ଦାସ(୩୫)ଙ୍କଠାରୁ ୨୩ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେମାନଙ୍କ ପାଖରୁ ମୋଟ ୧୬୦ ଲିଟର ବିଦେଶୀ ଓ ଦେଶୀ ଚୋରା ମଦ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିବା ବେଳେ ମୋଟ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, କଳ୍ପନା ରାଉତ, ଋତୁପ୍ରଭା ସ୍ୱାଇଁଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

### ପ୍ରଶଂସା ସାଉଁଟିଲା ଝାରସୁଗୁଡ଼ା ପୁଲିସ

## ପୁଲିସ ଭେରିଫିକେସନ ପ୍ରକ୍ରିୟା ହୋଇଛି ବାଧାମୁକ୍ତ




ଝାରସୁଗୁଡ଼ା, ୧୧।୪ (ସଂଚାର ବ୍ୟୁରୋ): ପାସପୋର୍ଟ ଭେରିଫିକେସନ ବ୍ୟବସ୍ଥାରେ ଝାରସୁଗୁଡ଼ା ପୁଲିସକୁ ବିଭିନ୍ନ ମହଲରୁ ପ୍ରଶଂସା ମିଳୁଛି। ଲୋକଙ୍କୁ ସୁବିଧାରେ ପାସପୋର୍ଟ ସେବା ଯୋଗାଇଦେବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଏକ ସ୍ୱଚ୍ଛ ଓ ବିବାଦମୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ଉପକୃତ ହେଉଥିବା ଲୋକମାନେ ଇ-ମେଲରେ ନିଜର ଅନୁଭୂତି କହିବା ସହ ଝାରସୁଗୁଡ଼ା ପୁଲିସକୁ ପ୍ରଶଂସା କରିଛନ୍ତି।

ନିକଟରେ ଭାରତ ଅବସ୍ତୀ ଓ ଶିବ କୁମାର ବୋନ୍ଦିଆ ପୋସପୋର୍ଟ ପାଇଁ ଆବଶ୍ୟକ ପୁଲିସ ଭେରିଫିକେସନ ପାଇଁ ଆବେଦନ କରିଥିଲେ। ସାଧାରଣତଃ ପୁଲିସ ଭେରିଫିକେସନ ପ୍ରକ୍ରିୟା ଯଥେଷ୍ଟ ଜଟିଳ ବୋଲି ଏକ ଧାରଣା ରହିଛି। କିନ୍ତୁ ଝାରସୁଗୁଡ଼ା ପୁଲିସ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବାଧାମୁକ୍ତ ସେବାରେ ସେମାନେ ପ୍ରଭାବିତ ହୋଇ ଜିଲ୍ଲା ପୁଲିସକୁ ପ୍ରଶଂସା କରିଛନ୍ତି।

ସେହିଭଳି ଅନ୍ୟ ଜଣେ ଆବେଦନକାରୀ ସୁମିତ କୁମାର ସିଂ ମଧ୍ୟ ଝାରସୁଗୁଡ଼ା ପୁଲିସର ବୃତ୍ତିଗତ, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଭେରିଫିକେସନ ପ୍ରକ୍ରିୟାକୁ ପ୍ରଶଂସା କରି ଚିଠି ଲେଖିଛନ୍ତି। ପୁଲିସ ଭେରିଫିକେସନରେ ତାଙ୍କର ପୂର୍ବ ଅନୁଭୂତି ସହ ବର୍ତ୍ତମାନର ବ୍ୟବସ୍ଥା ମଧ୍ୟରେ ଥିବା ଫରକକୁ ସେ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ ଏହି ପ୍ରକ୍ରିୟା ଏବେ ଅଧିକ ସିଟିଜେନ-ଫ୍ରେଣ୍ଡଲି ହୋଇଛି। ଏହି ବ୍ୟବସ୍ଥାରେ ଝାରସୁଗୁଡ଼ା ପୁଲିସ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ଲୋକଙ୍କୁ ଦ୍ରୁତ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଛି। ଏହାଦ୍ୱାରା ଲୋକଙ୍କର ପୁଲିସ ବ୍ୟବସ୍ଥା ପ୍ରତି ବିଶ୍ୱାସ ବୃଦ୍ଧି ପାଇଛି।

ସାଧାରଣ ଲୋକଙ୍କଠାରୁ ମିଳୁଥିବା ଏହି ପ୍ରଶଂସା ନେଇ ଝାରସୁଗୁଡ଼ା ଏସପି ଜିଆର ରାଘବେନ୍ଦ୍ର କହିଛନ୍ତି ଯେ ପାସପୋର୍ଟ ଭେରିଫିକେସନ ଏକ ପ୍ରମୁଖ ସେବା ଯେଉଁଥିଲେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଏହି ସେବାକୁ ପ୍ରାଥମିକତା ଦେଇ ଜିରୋ ଟଲରାନ୍ସ ନୀତି ଆପଣାଯାଇଛି। ଏଥିରେ ଅଫିସରଙ୍କ ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇ ଦେବାକୁ ଗୁରୁତ୍ୱ ଦିଆଯାଇଛି। ସାଧାରଣ ଲୋକଙ୍କଠାରୁ ମିଳୁଥିବା ଏଭଳି ପ୍ରଶଂସା ପୁଲିସ ପ୍ରଶାସନର ମନୋବଳ ବଢ଼ାଉଛି ବୋଲି ସେ କହିଛନ୍ତି।

- ଗାଈକୁ କାମୁଡ଼ିଥିଲା ପାଗଳ କୁକୁର

## କ୍ଷୀର ପିଇଥିବା ଗ୍ରାମବାସୀ ଭୟଭୀତ



**ଇଞ୍ଜେକ୍ସନ ନେବା ପାଇଁ ଲମ୍ବା ଧାଡ଼ି**

ଉମରକୋଟ, ୧୧।୪ (ସଂଚାର ବ୍ୟୁରୋ):ପାଗଳ କୁକୁର କାମୁଡ଼ିଥିବା ଏକ ଗାଈର କ୍ଷୀର ପିଇ ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଛନ୍ତି। ସମସ୍ତେ ପ୍ରତିଷେଧମୂଳକ ଇଞ୍ଜେକ୍ସନ୍ ନେବା ପାଇଁ ମେଡିକାଲ୍‌ରେ ଭିଡ଼ ଜମାଇଛନ୍ତି। ଫଳରେ ମେଡିକାଲ୍ ଆଗରେ ଲାଗିଛି ଲମ୍ବା ଧାଡ଼ି। ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ। ଉମରକୋଟ ସହରର ୧୨ ନମ୍ବର ୱାର୍ଡର ଅଶ୍ରୁ ରାୟଙ୍କ ଗାଈକୁ କିଛି ଦିନ ପୂର୍ବେ ଏକ ପାଗଳ କୁକୁର କାମୁଡ଼ିଥିଲା। ଗାଈଟି ନିକଟରେ ପ୍ରଥମ କରି ବାଛୁରୀ ଜନ୍ମ କରିଥିବାରୁ ମାଲିକ ଅତି ଶ୍ରଦ୍ଧାରେ ୱାର୍ଡର ଅନେକ ଘରେ କ୍ଷୀର ବାଣ୍ଟିଥିଲେ। ତେବେ ଗତକାଲି ହଠାତ୍ ଗାଈର ମୃତ୍ୟୁ ଘଟିବା ପରେ ଏହା ଉକ୍ତ ପାଗଳା କୁକୁର କାମୁଡ଼ାଜନିତ ବୋଲି ଗ୍ରାମବାସୀ ଜାଣିବାକୁ ପାଇଥିଲେ। ତେବେ ଉକ୍ତ ଗାଈର କ୍ଷୀର ପିଇଥିବା ଲୋକମାନେ କୌଣସି ପ୍ରକାର ଅଘଟଣ ଘଟିବା ଭୟରେ ଇଞ୍ଜେକ୍ସନ୍ ନେବା ସକାଶେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଲମ୍ବାଲାଇନ୍ ଲଗାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ୩୦ରୁ ଉର୍ଦ୍ଧ୍ୱ ଲୋକ ଇଞ୍ଜେକ୍ସନ୍ ନେଇଥଇବା ବେଳେ କେହି ବି ଗୁରୁତର ଥିବା ନେଇ କୌଣସି ସୂଚନା ନାହିଁ। ସେହିପରି ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣା ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛି।

- ଓଭରଟେକ୍ ବେଳେ ବସ୍‌କୁ ପିଟିଲା ବସ୍

## ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ




କଟକ,୧୧।୪(ସଂଚାର ବ୍ୟୁରୋ):କଟକ ସାଲେପୁର ଥାନା ଅନ୍ତର୍ଗତ କଟକ ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟରେ ଆଜି ସକାଳେ ଦୁଇଟି ଘରୋଇ ବସ ମଧ୍ୟରେ ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାଗ୍ରସ୍ତ ଉଭୟ ବସ୍‌ରେ ୫୦ରୁ ଅଧିକ ଯାତ୍ରୀ ଥିବା ବେଳେ ସେଥି ମଧ୍ୟରୁ ୨୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଆଜି ସକାଳେ ମହାଲକ୍ଷ୍ମୀ ଓ ପପୁ ନାମକ ଦୁଇ ଗୋଟି ବସ୍ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲେ। ତେବେ ଉଭୟ ଗାଡ଼ିର ଚାଳକ ପରସ୍ପରକୁ ଅତିକ୍ରମ କରିବା ସକାଶେ ଉଦ୍ୟମ କରୁଥିଲେ। ତେବେ ମହାଲକ୍ଷ୍ମୀ ପପୁକୁ ଭାତପଡ଼ାଠାରେ ଓଭର ଟେକ୍ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ବସ୍ ମାଲିକମାନେ ଅଧିକ ରୋଜଗାର କରିବା ଲକ୍ଷ୍ୟ ନେଇ ଡ୍ରାଇଭରମାନଙ୍କୁ ଧାର୍ଯ୍ୟ ଷ୍ଟପେଜ୍‌ରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିବା ସକାଶେ ତାଗିଦ୍ କରୁଥିବାରୁ ଆଜିର ଦୁର୍ଘଟଣା ଘଟିଛି ବୋଲି ଲୋକେ କୁହାକୁହି ହେଉଛନ୍ତି। ଏଥିପ୍ରତି ଟ୍ରାଫିକ୍ ଦୃଷ୍ଟି ଦେବାକୁ ଯାତ୍ରୀମାନେ ଦାବି କରିଛନ୍ତି।

### ଓଇଏସ୍‌ଏର ୫୪ତମ ବାର୍ଷିକ ଏଜିଏମ୍

## ବିକଶିତ ଓଡ଼ିଶା ପାଇଁ ଦୀର୍ଘସ୍ଥାୟୀ ସଂରଚନା ଆବଶ୍ୟକ: ମନ୍ତ୍ରୀ




ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ):ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ସ୍ନାତକ ଯନ୍ତ୍ରୀମାନଙ୍କ ସଂଘ ଓଡ଼ିଶା ଯାନ୍ତ୍ରିକ ସେବା ସଂଘ (ଓଇଏସ୍‌ଏ)ର ୫୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଇଣ୍ଡିଆନ ଇଞ୍ଜିନିୟର୍ସ ଫେଡେରେସନର ଦ୍ୱିବାର୍ଷିକ ସମ୍ମିଳନୀ ତଥା ନୂତନ କାର୍ଯ୍ୟକାରିଣୀ ପାଇଁ ନିର୍ବାଚନ ସ୍ଥାନୀୟ ଇନଷ୍ଟିଚ୍ୟୁସନ୍ ଅଫ ଇଣ୍ଡିଆର ସଭାଗୃହରେ ଅନୁଷ୍ଠିତ ହୋଇଛି। ଉଦଘାଟନୀ ଅଧିବେଶନର ମୁଖ୍ୟ ଅତିଥି ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ୨୦୦ରୁ ଅଧିକ ବର୍ଷ ଯାଏଁ ତିଷ୍ଠି ରହିବା ଭଳି ସଂରଚନା ନିର୍ମାଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ କହିଥିଲେ ଯେ ଆମର ପୂର୍ବପୁରୁଷ କୋଣାର୍କ, ଜଗନ୍ନାଥ ମନ୍ଦିର ଭଳି ବୃହଦାକାର ଦୀର୍ଘସ୍ଥାୟୀ ସଂରଚନା ନିର୍ମାଣ କରିପାରିଥିଲେ। ତେଣୁ ଆମେ ବି ଏପରି ଦୀର୍ଘସ୍ଥାୟୀ ସଂରଚନା କରିପାରିବା ବୋଲି ଶ୍ରୀ ନାଏକ ପ୍ରେରିତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ଯନ୍ତ୍ରୀମାନଙ୍କ ବଳିଷ୍ଠ ଭୂମିକାକୁ ପ୍ରଶଂସା କରିବା ସହ ଓଡ଼ିଶାର ଯନ୍ତ୍ରୀମାନେ ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ଯନ୍ତ୍ରୀ ଭାବେ ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଦେଇଥିଲେ। ସଂଘ ପକ୍ଷରୁ ଏକ ଆଧୁନିକ ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘର ବାର୍ଷିକ ପତ୍ରିକା 'ଟେକନୋ ଇଏସ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

**ଆଧୁନିକ ବୈଷୟିକ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବାକୁ ପୂର୍ତ୍ତ ମନ୍ତ୍ରୀଙ୍କ ପରାମର୍ଶ**

ସମସ୍ତ ଯାନ୍ତ୍ରିକ ବିଭାଗର ନେତୃତ୍ୱ ଓ ପରିଚାଳନାର ଦାୟିତ୍ୱ ଇଞ୍ଜିନିୟରମାନଙ୍କୁ ପ୍ରଦାନ, ମୋଟ ଯନ୍ତ୍ରୀ ସଂଖ୍ୟାର ଅନ୍ୟୁନ ୧୦ ପ୍ରତିଶତ ଯନ୍ତ୍ରୀଙ୍କୁ ସପ୍ତମ ବେତନ ଆୟୋଗର ଲେବଲ-୧୬ ଓ ୧୭ରେ ଅବସ୍ଥାପିତ କରିବା, ଲୋକସେବା ଆୟୋଗ ମାଧ୍ୟମରେ ପ୍ରତିବର୍ଷ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତ କରିବା ଓ ଏହି ପଦରେ ପ୍ରତ୍ୟକ୍ଷ ନିଯୁକ୍ତି କୋଟାକୁ ୬୬ରୁ ୭୫ ପ୍ରତିଶତକୁ ବୃଦ୍ଧି କରିବା, ସମାନ ବଦଳି ନୀତି ଲାଗୁ, ପଞ୍ଚାୟତିରାଜ ଯନ୍ତ୍ରୀ ସମବର୍ଗର ପୁନର୍ବିନ୍ୟାସ ଭଳି ଦାବି ସଂଘର କାର୍ଯ୍ୟକାରୀ ସଭାପତି ଇଂ ଅବିନାଶ ଭାଉଜ, ସାଧାରଣ ସମ୍ପାଦକ ଇଂ. ତ୍ରିନାଥ ବେହେରା ଓ କୋଷାଧ୍ୟକ୍ଷ ଇଂ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥାପନ କରିଥିଲେ। ଏଥିସହ ଏହି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ୨ୟ ଅଧିବେଶନରେ ସଂଘର ସମସ୍ୟା ଓ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳସମ୍ପଦ ବିଭାଗ ଯନ୍ତ୍ରୀ ଇଂ ଅନନ୍ତ କୁମାର ମହାନ୍ତି ସଭାପତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଯନ୍ତ୍ରୀ ରାଜେନ୍ଦ୍ର କୁମାର ସେଠୀ ସାଧାରଣ ସମ୍ପାଦକ ଓ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଇଂ. ଅଭିଷେକ ସ୍ୱାଇଁ କୋଷାଧ୍ୟକ୍ଷ ତଥା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ।

### ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ

## ରଥ ଚାଳି ନିର୍ମାଣ ଆରମ୍ଭ

ପୁରୀ,୧୧।୪(ସଂଚାର ବ୍ୟୁରୋ):ଆଗାମୀ ପବିତ୍ର ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ ହେବ। ଏଣୁ ଶ୍ରୀନଅର ସମ୍ମୁଖରେ ରଥ ଚାଳି ନିର୍ମାଣ ଆଜିଠାରୁ ଆରମ୍ଭ ହୋଇଛି। ଚାଳିଟି ୧୧ ବଖରା ବିଶିଷ୍ଟ ହେବ ଓ ଚାଳି ତଳେ ଦାରୁଦିଅଁଙ୍କ ରଥତ୍ରୟ ନିର୍ମାଣ ହେବ। ୩ ବଖରା ଲେଖାଏଁ ୯ ଘର ବିଶ୍ୱକର୍ମାଙ୍କ ପାଇଁ ଏବଂ ଗୋଟିଏ ଲେଖାଏଁ ବିନ୍ଧ କାରିଗର ଓ ରୂପକାରଙ୍କ ପାଇଁ ଉଦ୍ଦିଷ୍ଟ। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ଏହି ଚାଳି ତିଆରି କାମରେ ଲାଗିଛନ୍ତି। ଚାଳିରେ ଲୁହା ପାଇପ୍‌ର ଫ୍ରେମ୍ କରାଯିବ, ପରେ ବାଉଁଶ ଓ ଚାଞ୍ଚ ପଡ଼ି ଚାଳି ତିଆରି ସମ୍ପୂର୍ଣ୍ଣ ହେବ। ଆସନ୍ତା ମହାବିଷୁବ ସଂକ୍ରାନ୍ତି ପରେ ଚାଳି ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସର୍ଦ୍ଦାର ଭୋଇ ସୂଚନା ଦେଇଛନ୍ତି। ଅକ୍ଷୟ ତୃତୀୟା ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥ ଚାଳିରେ ତିନି ରଥ ତିଆରିର ଶୁଭାରମ୍ଭ ହେବ। ଚାଳି ତଳେ ଆଗେ କରତୀ ସେବକମାନେ ତୁମ୍ବ କାଟିବେ। ବିଶ୍ୱକର୍ମାମାନେ ରଥ ତିଆରି କରିବେ।

**ପଞ୍ଚମ ଶ୍ରେଣୀ ବହିରେ ତ୍ରୁଟି**

## ବ୍ରହ୍ମପୁରକୁ ଜିଲ୍ଲା ଦର୍ଶାଯାଇଛି






ଭୁବନେଶ୍ୱର, ୧୧।୪ (ସଂଚାର ବ୍ୟୁରୋ): ଇତିମଧ୍ୟରେ ଚଳିତ ଶିକ୍ଷାବର୍ଷ ଆରମ୍ଭ ହୋଇସାରିଛି। ସ୍କୁଲକୁ ବହି ନ ପହଞ୍ଚିବା ବିବାଦରେ ଏବେ ବି ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। କିନ୍ତୁ ଏହାରି ଭିତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ତ୍ରୁଟି ସାମ୍ନାକୁ ଆସିଛି। ପଞ୍ଚମ ଶ୍ରେଣୀର ସାମାଜିକ ବିଜ୍ଞାନ 'ଆମ ବିଚିତ୍ର ବିଶ୍ୱ' ପାଠ୍ୟପୁସ୍ତକରେ ରହିଛି ଗୁରୁତର ତ୍ରୁଟି। ଏହି ପ୍ରସଙ୍ଗର ପୃଷ୍ଠା ନମ୍ବର-୪ରେ ବ୍ରହ୍ମପୁରକୁ ଏକ ଜିଲ୍ଲା ଭାବେ ଉଲ୍ଲେଖ କରାଯାଇଛି। ଏହି ତ୍ରୁଟି ମଧ୍ୟ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି।

ଏହି ପୃଷ୍ଠାର 'ତୁମେ ଜାଣ କି?' ସ୍ତମ୍ଭରେ ଏହି ତ୍ରୁଟି ରହିଛି। ଏଥିରେ ଉଲ୍ଲେଖ ହୋଇଛି, 'ଗୁଜରାଟର ଲୁଣିଆ ଅଞ୍ଚଳଗୁଡ଼ିକ ଏକ ବିସ୍ତୃତ ସମତଳ ଭୂମି, ଯେଉଁଠାରେ ସମୁଦ୍ର ଜଳକୁ ଶୁଖାଯାଇ ଲୁଣ ସଂଗ୍ରହ କରାଯାଏ। ଏହା ଭାରତର ସବୁଠାରୁ ବୃହତ ଲୁଣ ଉତ୍ପାଦନକାରୀ ଅଞ୍ଚଳ ମଧ୍ୟରେ ଅନ୍ୟତମ। ଆମ ରାଜ୍ୟ ଓଡ଼ିଶାର ବ୍ରହ୍ମପୁର ଜିଲ୍ଲା 'ହୁମ୍ମା'ଠାରେ ମଧ୍ୟ ଲୁଣ ସଂଗ୍ରହ କରାଯାଉଛି।' ଜଣେ ଶିକ୍ଷକ ସାମାଜିକ ଗଣମାଧ୍ୟମରେ ଏହାକୁ ପୋଷ୍ଟ କରି ଏପରି ତ୍ରୁଟି ସମ୍ପର୍କରେ ଉଲ୍ଲେଖ କରିଛନ୍ତି 'ଆରମ୍ଭରୁ ବିଚିତ୍ର। ପଞ୍ଚମ ଶ୍ରେଣୀର ସାମାଜିକ ବିଜ୍ଞାନ ବହି 'ଆମ ବିଚିତ୍ର ବିଶ୍ୱ'ର ପ୍ରଥମ ପ୍ରସଙ୍ଗରେ (ପୃଷ୍ଠା-୪) ବ୍ରହ୍ମପୁରକୁ ଏକ ଜିଲ୍ଲା ଭାବେ ବର୍ଣ୍ଣନା କରାଯାଇଛି। ବହିଟିର ନାମ କାର୍ଯ୍ୟ ଅନୁଯାୟୀ ଠିକ୍ ଅଛି ବୋଲି ସେ ପରିହାସ ଛଳରେ ସୋସିଆଲ୍ ମିଡିଆରେ ଲେଖିଛନ୍ତି। ଏଥିସହ ସେ ଆହୁରି ଉଲ୍ଲେଖ କରିଛନ୍ତି, ବିଚିତ୍ର କଥା ବିଚିତ୍ର ବହିରେ। ବ୍ରହ୍ମପୁର ଏକ ଜିଲ୍ଲା ଏହା ବିଚିତ୍ର ନୁହେଁ କି ବୋଲି ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବଜାରକୁ ଆସିଲା 'ପଖାଳ କଂସା'

❑ ପ୍ୟାକେଟର ମୂଲ୍ୟ ୨୦୦ ଟଙ୍କା
❑ ୬ ମାସ ପର୍ଯ୍ୟନ୍ତ ଉପଯୋଗୀଯୋଗ୍ୟ ରହିବ




କଟକ,୧୧।୪: ଖରାଦିନ ଆସିଲେ ସବୁ ଓଡ଼ିଆଙ୍କ ପ୍ରିୟ ପାଲଟିଯାଏ ପଖାଳ କଂସା। ଓଡ଼ିଆଙ୍କ ଦୈନିକ ଜୀବନରେ ପଖାଳ ଭାତର ଗୁରୁତ୍ୱ ହେଉଛି ଅପରିସୀମ। ଏହି ପାରମ୍ପରିକ ଖାଦ୍ୟକୁ ଆହୁରି ସ୍ୱାଦିଷ୍ଟ ଓ ପୌଷ୍ଟିକ କରିଥାଏ ବିରିବଡି ଓ ଦେଶୀ ଆମ୍ବୁଲ। ସହରରେ ଏହା ମିଳିବା କଷ୍ଟକର ହୋଇପଡେ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନ ବଜାରକୁ ଆସିଛି "ପଖାଳ ସାଥୀ"।

ପଖାଳ ସାଙ୍ଗକୁ ବଡି, ଆମ୍ବୁଲ, ମିକ୍ସଚର, ପାମ୍ପଡ଼ ଓ ଆଚାର ଥିବା ଏହି ପ୍ରସ୍ତୁତ ପ୍ୟାକେଟ ଏବେ ସହରରେ ଉପଲବ୍ଧ ହେଉଛି। କଟକ ନେତାଜୀ ବସ ଟର୍ମିନାଲ ଭିତରେ ଆଜି ଖୋଲିଛି ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର। ଏହି ବଜାରରେ ଏବେ ମିଳୁଛି ପଖାଳ ସାଥୀ ପ୍ୟାକେଟ। ଏହି ପ୍ୟାକେଟ ଓଡ଼ିଶାର ଗ୍ରାମୀଣ ସ୍ୱାଦକୁ ସହରୀୟ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାରେ ଏକ ନୂତନ ପ୍ରୟାସ।

'ପଖାଳ ସାଥୀ' ମୂଳତଃ ପଖାଳ ଭାତ ସହ ଖାଇବା ପାଇଁ ପ୍ରସ୍ତୁତ ଏକ ସୁସ୍ୱାଦୁ ମିଶ୍ରଣ, ଯାହା ରୁଚିକୁ ବଢ଼ାଇବା ସହ ପାଚନକୁ ମଧ୍ୟ ସହାୟତା କରେ। ଏହାକୁ ପ୍ରସ୍ତୁତ କରୁଛନ୍ତି କଟକ ଜିଲ୍ଲାର ସାଲେପୁର ଅଞ୍ଚଳର ନୃସିଂହନାଥ ପ୍ରଡ୍ୟୁସର ଗୋଷ୍ଠୀ। ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ପଦାର୍ଥଟି ସ୍ୱଚ୍ଛତା ଓ ପାରମ୍ପରିକ ପଦ୍ଧତିର ସମନ୍ୱୟରେ ତିଆରି ହେଉଛି।

ଏହା ଗ୍ରାମୀଣ ଉତ୍ପାଦନକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ଉତ୍ପାଦକଙ୍କ ପାଇଁ ଆୟର ମଧ୍ୟ ନୂଆ ଦ୍ୱାର ଖୋଲୁଛି। ବସ ଟର୍ମିନାଲ ଭିତରେ ଥିବା ଗ୍ରାମୀଣ ବଜାରରେ ଏହି ପ୍ରସ୍ତୁତ ପ୍ୟାକେଟ ଉପଲବ୍ଧ ହେବା ଯାତ୍ରୀମାନଙ୍କ ପାଇଁ ବିଶେଷ ଆକର୍ଷଣ ସୃଷ୍ଟି କରିଛି। ବହୁ ଯାତ୍ରୀ ଓ ସ୍ଥାନୀୟ ଲୋକମାନେ ଏହି ପାରମ୍ପରିକ ଖାଦ୍ୟକୁ ସହଜରେ କ୍ରୟ କରି ସହଜରେ ଘରେ ପଖାଳ ସହିତ ଖାଇ ପାରିବେ।

ଏହି ପ୍ୟାକେଟର ମୂଲ୍ୟ ପ୍ରାୟ ୨୦୦ ଟଙ୍କା ରଖାଯାଇଛି ଏବଂ ଏହା ୬ ମାସ ପର୍ଯ୍ୟନ୍ତ ଉପଯୋଗଯୋଗ୍ୟ ରହିବ ବୋଲି ପ୍ରଡ୍ୟୁସର ଗ୍ରୁପ ପକ୍ଷରୁ କୁହାଯାଇଛି। ଏହି ପ୍ୟାକେଟକୁ ଶୀତଳ ଓ ଶୁଷ୍କ ସ୍ଥାନରେ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। 'ପଖାଳ ସାଥୀ' ଓଡ଼ିଆ ପରମ୍ପରା ଓ ଆଧୁନିକ ବଜାର ବ୍ୟବସ୍ଥାର ଏକ ସୁନ୍ଦର ସମ୍ମେଳନ ହୋଇପାରିବ ବୋଲି ଆଶା କରାଯାଉଛି। ଏହା ଗ୍ରାମୀଣ ସ୍ୱାଦକୁ ନୂଆ ଭାବେ ଚିହ୍ନଟ କରିବା ସହ ପ୍ରଡ୍ୟୁସର ଗ୍ରୁପକୁ ଲାଭବାନ କରିପାରିବ।

## ପୋଷ୍ଟ ଅଫିସର ସୁପରହିଟ୍ ସ୍କିମ୍




# ଦୈନିକ ୩୦୦ ଟଙ୍କା ରଖନ୍ତୁ, ୧୦ ବର୍ଷ ପରେ ମିଳିବ ୧୫ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୧୧।୪: ଆଜିର ସମୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ଭବିଷ୍ୟତ ପାଇଁ ଏକ ବଡ଼ ପାଣ୍ଠି ଗଢ଼ିବାକୁ ଚାହାଁନ୍ତି। ଯଦି ଆପଣ ବିନା କୌଣସି ବିପଦରେ ସୁରକ୍ଷିତ ନିବେଶ କରି ଲକ୍ଷାଧିକ ଟଙ୍କା ପାଇବାକୁ ଚାହୁଁଛନ୍ତି, ତେବେ ପୋଷ୍ଟ ଅଫିସ୍ର ରିକରିଂ ଡିପୋଜିଟ୍ ଅର୍ଥାତ୍ ଆରଡି ସ୍କିମ୍ ଆପଣଙ୍କ ପାଇଁ ଏକ ଶ୍ରେଷ୍ଠ ବିକଳ୍ପ। ଏହି ସ୍କିମ୍ର ଗଣିତ ଅତ୍ୟନ୍ତ ସରଳ। ଯଦି ଆପଣ ଦୈନିକ ୩୦୦ ଟଙ୍କା ସଞ୍ଚୟ କରନ୍ତି, ତେବେ ମାସକୁ ଆପଣ ୯,୦୦୦ ଟଙ୍କା ଜମା କରିବେ। ମାତ୍ର ୧୦୦ ଟଙ୍କା ଦେଇ ଆପଣ ଏହି ଖାତା ଖୋଲିପାରିବେ। ଏଥିରେ ସର୍ବାଧିକ ଜମା ରାଶିର କୌଣସି ସୀମା ନାହିଁ। ପୋଷ୍ଟ ଅଫିସ୍ ଆରଡି ସାଧାରଣତଃ ୫ ବର୍ଷ ପାଇଁ ହୋଇଥାଏ। କିନ୍ତୁ ଆପଣ ଏହାକୁ ଆହୁରି ୫ ବର୍ଷ ପାଇଁ ବଢ଼ାଇ ମୋଟ୍ ୧୦ ବର୍ଷ କରିପାରିବେ। ଏହା ଏକ ସରକାରୀ ଯୋଜନା ହୋଇଥିବାରୁ ଏଠାରେ ଆପଣଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। ଯଦି ଆପଣଙ୍କର ଟଙ୍କା ଦରକାର ହୁଏ, ତେବେ ୧୨ଟି କିସ୍ତି ଜମା କରିବା ପରେ ଆପଣ ଜମା ରାଶିର ୫୦% ପର୍ଯ୍ୟନ୍ତ ଋଣ ନେଇପାରିବେ। ଖାତା ଖୋଲିବା ପାଇଁ ଆପଣଙ୍କୁ ନିକଟସ୍ଥ ଡାକଘରକୁ ଯିବାକୁ ପଡ଼ିବ। ଆପଣ ଚାହିଁଲେ ମୋବାଇଲ୍ ବ୍ୟାଙ୍କିଙ୍ଗ୍ କିମ୍ବା ଇ-ବ୍ୟାଙ୍କିଙ୍ଗ୍ ଜରିଆରେ ମଧ୍ୟ ଏହି ଆକାଉଣ୍ଟ ଖୋଲିପାରିବେ। ଏଥିପାଇଁ କେବଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ଫଟୋ ଭଳି ସାଧାରଣ କାଗଜପତ୍ର ଆବଶ୍ୟକ। ନିବେଶ କରିବା ପୂର୍ବରୁ ସବୁବେଳେ ନିଜର ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରନ୍ତୁ।

# ଇଫକୋ ପକ୍ଷରୁ 'ନାନୋ ସାର ସଚେତନତା ମେଗା ଅଭିଯାନ'ର ଶୁଭାରମ୍ଭ

ନୂଆଦିଲ୍ଲୀ ୧୧।୪: ଇଫକୋ ପକ୍ଷରୁ 'ନାନୋ ସାର ସଚେତନତା ମେଗା ଅଭିଯାନ'ର ଶୁଭାରମ୍ଭ । ଭାରତର ସବୁଠାରୁ ବଡ଼ ସମବାୟ ସାର ନିର୍ମାତା ଇଫକୋ (ଇଫକୋ) ପକ୍ଷରୁ ଆନୁଷ୍ଠାନିକ ଭାବେ 'ନାନୋ ସାର ସଚେତନତା ମେଗା ଅଭିଯାନ' ଆରମ୍ଭ କରାଯାଇଛି। ଏକ ସମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଇଫକୋ ଅଧ୍ୟକ୍ଷ ଶ୍ରୀ ଦିଲୀପ ସାଙ୍ଘାନୀ କହିଛନ୍ତି ଯେ, ଏହା ଏକ ବ୍ୟାପକ ଜାତୀୟ ଅଭିଯାନ, ଯାହାର ଲକ୍ଷ୍ୟ ହେଉଛି ଭାରତୀୟ ଚାଷୀଙ୍କ ମଧ୍ୟରେ ନାନୋ ସାରର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ପ୍ରେରଣାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା "ଆତ୍ମନିର୍ଭର ଭାରତ"ଏବଂ "ସହକାର ସେ ସମୃଦ୍ଧି" ଭଳି ଜାତୀୟ ମିଶନ ସହିତ ସମାନ୍ତରାଳ ଭାବେ କାର୍ଯ୍ୟ କରୁଛି। ମୁଖ୍ୟ ବିଶେଷତ୍ୱ ଏବଂ ଉଦ୍ଦେଶ୍ୟ: ନୂତନ ଉଦ୍ଭାବନ: ଫର୍ଟିଲାଇଜର କଣ୍ଟ୍ରୋଲ ଅର୍ଡର (ଏଫସିଓ)) ରେନାନୋ ଏନପିକେ ତରଳ (୮-୮-୧୦) ଏବଂ ନାନୋ ଏନପିକେ ଦାନାଦାର (୨୦-୧୦-୧୦) ର ଅନ୍ତର୍ଭୁକ୍ତି ଭାରତର କୃଷି ନବସୃଜନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ନାନୋୟୁରିଆପ୍ଲସ, ନାନୋ ଡିଏପି, ନାନୋ ଏନପିକେ, ନାନୋଜିଙ୍କ ଏବଂ ନାନୋ କପରର ପ୍ରଚାର। ପତ୍ରରେ ସ୍ପ୍ରେ ମାଧ୍ୟମରେ ସାରର ସଠିକ ବ୍ୟବହାର ନେଇ ଚାଷୀଙ୍କୁ ପ୍ରଶିକ୍ଷଣ। ପାରମ୍ପରିକ ସାର ଉପରେ ନିର୍ଭର ଶୀଳତା ହ୍ରାସ କରିବା। ସମବାୟ ନେଟୱାର୍କ ମାଧ୍ୟମରେ ଶେଷ ସୀମାରେ ଥିବା ଚାଷୀଙ୍କ ପାଖରେ ପହଞ୍ଚିବା। ବିଶ୍ୱସ୍ତରରେ ଭାରତର ପ୍ରଭାବ: କୋଏମ୍ବାଟୁରସ୍ଥିତ 'ଇଫକୋ-ନାନୋଭେନସନ' ଏବଂ ବ୍ରାଜିଲରେ ନିର୍ମାଣ ହେଉଥିବା ନାନୋ ସାରପ୍ଲାଣ୍ଟ (ଯାହାଜୁନ୍୨୦୨୬ସୁଦ୍ଧାକାର୍ଯ୍ୟକ୍ଷମହେବ ) କୃଷି କ୍ଷେତ୍ରରେ ଭାରତର ବଢୁଥିବା ବୈଷୟିକ ଶକ୍ତିକୁ ପ୍ରଦର୍ଶିତ କରୁଛି। ଇଫକୋ ଏପର୍ଯ୍ୟନ୍ତ ୨୧.୮ ନିୟୁତ ବୋତଲ ନାନୋୟୁରିଆପ୍ଲସ ଏବଂ ୬.୪୨୬ ନିୟୁତ ବୋତଲ ନାନୋ ଡିଏପି ବିକ୍ରୟ କରିଛି। ନାନୋଜିଙ୍କ ଏବଂ ନାନୋକପର ମଧ୍ୟ ପ୍ରଥମବର୍ଷରେ ଉତ୍ସାହଜନକ ବ୍ୟବସାୟ କରିଛନ୍ତି। ବିଶେଷ କଥା ହେଉଛି, ନାନୋସାର ବ୍ୟବହାର ଦ୍ୱାର ପରିବହନ, ଶକ୍ତି ଏବଂ ଆମଦାନୀ ଖର୍ଚ୍ଚରେ ବହୁତ ସଞ୍ଚୟ ହେଉଛି।"ନାନୋ ସାର କେବଳ ଏକ ଉତ୍ପାଦ ନୁହେଁ, ବରଂ ଏହା ମାଟିର ସୁରକ୍ଷା, ପରିବେଶରେ ସୁଧାର ଏବଂ ଚାଷୀଙ୍କ ଆୟ ବୃଦ୍ଧି କରିବାର ଏକ ମାଧ୍ୟମ।"—ଶ୍ରୀ ଦିଲୀପ ସାଙ୍ଘାନୀ ଆର୍ଥିକ ସୂଚନା: ଆର୍ଥିକ ବର୍ଷ୨୦୨୫-୨୬ ପାଇଁ ଇଫକୋର ଟିକସ ପୂର୍ବରୁ ଲାଭ (ପିବିଟି) ୪,୨୦୦ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ଡ୍ରୋନ ଟେକ୍ନୋଲୋଜି, ଏଆଇ ଏବଂ ଡାଟା ଆନାଲିଟିକ୍ସ ମାଧ୍ୟମରେ ଇଫକୋ ଭାରତର କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ନୂଆଦିଲ୍ଲୀ ସ୍ଥିତ 'ଇଫକୋସଦନ'ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକଶ୍ରୀ କେ. ଜେ. ପଟେଲ, ବୋର୍ଡ ସଦସ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।




## ଦିଲ୍ଲୀ ସରକାର ଆଣୁଛନ୍ତି ନୂଆ ଇଭି ନୀତି

# ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି ଉପରେ ଲାଗିବନି ରୋଡ୍ ଟ୍ୟାକ୍ସ

ନୂଆଦିଲ୍ଲୀ,୧୧।୪:ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଇଲେକ୍ଟ୍ରିକ ଗାଡ଼ି ପାଇଁ ପ୍ରୋତ୍ସାହିତ କରିବା, ଇଲେକ୍ଟ୍ରିକ କାର ଉପରୁ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଫି' ଛାଡ଼ ଭଳି ଯୋଜନା ସହ ଦିଲ୍ଲୀ ସରକାର ଇଭି ପଲିସି ୨୦୨୬-୨୦୩୦କୁ ଡ୍ରାଫ୍ଟ କରିଛନ୍ତି। ପ୍ରସ୍ତାବିତ ଇଭି ନୀତିରେ ଇଲେକ୍ଟ୍ରିକ ଗାଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ବଡ଼ ବ୍ୟବସ୍ଥା ରଖାଯାଇଥିବା ବେଳେ ଏହା ଲାଗୁ ହେଲେ ଦିଲ୍ଲୀ ବାୟୁମାନ ମଧ୍ୟ ଅନେକାଂଶରେ କମିବା ନେଇ ଆଶା ରଖାଯାଇଛି। ଡ୍ରାଫ୍ଟ ଅନୁସାରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଲେକ୍ଟ୍ରିକ କାର ଉପରେ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଫି' ରେ ୧୦୦ ପ୍ରତିଶତ ଛାଡ଼ ଦେବା ପ୍ରସ୍ତାବ ରହିଛି। ଏହି ଛାଡ଼ ୨୦୩୦ ପର୍ଯ୍ୟନ୍ତ ଲାଗୁ ରହିପାରେ। ସରକାରଙ୍କ ଉଦ୍ଦେଶ୍ୟ ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଇଲେକ୍ଟ୍ରିକ ଗାଡ଼ି ପାଇଁ ପ୍ରୋତ୍ସାହିତ କରିବା ଏବଂ ପାସେଞ୍ଜର କାର୍ ସେଗମେଣ୍ଟରେ ଇଭି ଭାଗିଦାରୀ ବଢ଼ିବ।

ଅବଶ୍ୟ ୩୦ ଲକ୍ଷ ଟଙ୍କାର ଅଧିକ ଦାମ୍ର ଇଲେକ୍ଟ୍ରିକ କାରକୁ ଏହି ଛାଡ଼ର ଲାଭ ମିଳିବ ନାହିଁ। ସେହିଭଳି ଷ୍ଟ୍ରଙ୍ଗ ହାଇବ୍ରିଡ୍ ଗାଡ଼ି ଉପରେ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଚାର୍ଜରେ ୫୦ ପ୍ରତିଶତ ଛାଡ଼ ଦେବାର ପ୍ରସ୍ତାବ ମଧ୍ୟ ଡ୍ରାଫ୍ଟରେ ସାମିଲ। ଡ୍ରାଫ୍ଟ ନୀତି ଅନୁସାରେ ୨୦୨୭ ଜାନୁଆରୀ ୧ରୁ ଦିଲ୍ଲୀରେ କେବଳ ଇଲେକ୍ଟ୍ରିକ ଥ୍ରୀ-ହ୍ୱିଲର ହିଁ ରେଜିଷ୍ଟ୍ରେସନ ହେବ। ଯାହାର ସିଧା ପ୍ରଭାବ ଅଟୋ- ରିକ୍ସା ଏବଂ ଛୋଟ କମର୍ସିଆଲ ଗାଡ଼ି ଉପରେ ପଡ଼ିବ। କାରଣ ଏହି ଗାଡ଼ି ସବୁ ଶ୍ରେଣୀର ଲୋକଙ୍କୁ ଯୋଡ଼ିବାରେ ବଡ଼ ଭୂମିକା ନେଉଛନ୍ତି।

ଏହା ସହ ଏହି ନୀତିରେ ଦୁଇ ଚକିଆ ଯାନକୁ ମଧ୍ୟ ଧୀରେ ଧୀରେ ଇଲେକ୍ଟ୍ରିକ ମଡେଲ ଆଡ଼କୁ ନେବାର ସଙ୍କେତ ଦିଆଯାଇଛି। ଅବଶ୍ୟ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ପେଟ୍ରୋଲ- ଡିଜେଲ ଗାଡ଼ି ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଯିବନି। ଏହାର ଉଦ୍ଦେଶ୍ୟ ପରିବର୍ତ୍ତନକୁ ଧୀରେ ଧୀରେ ବ୍ୟବସ୍ଥିତ ଢଙ୍ଗରେ ଲାଗୁ କରିବା। ଯାହାଦ୍ୱାରା ଲୋକଙ୍କ ସହ ବ୍ୟବସାୟ ଉଭୟ ଉପରେ ହଠାତ୍ ଚାପ ନପଡ଼ିବ।

ନୀତି ଅନୁସାରେ ସାର୍ବଜନୀନ ଏବଂ ଚାର୍ଜିଂ ନେଟୱର୍କକୁ ଦ୍ରୁତ ଭାବରେ ବୃଦ୍ଧି ଉପରେ ଜୋର ଦିଆଯାଇଛି। ଯେପରି ଇଭି ବ୍ୟବହାରକାରୀଙ୍କୁ ଚାର୍ଜିଂକୁ ନେଇ କୌଣସି ପ୍ରକାର ଅସୁବିଧାର ସାମନା କରିବାକୁ ନପଡ଼େ।ଏହା ସହ ଏକ ମଜଭୁତ ଇଭି ସପ୍ଲାଏ ଚେନ ବିକଶିତ କରିବା ଯୋଜନା ମଧ୍ୟ ସାମିଲ ରହିଛି। ଏଥିରେ ବ୍ୟାଟେରୀ ମରାମତି, ରିସାଇକେଲିଂ ଏପଂ ପୁରୁଣା ପାର୍ଟସର ରିକଭରି ଭଳି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉପାୟ ବିକଶିତ କରିବା ଉପରେ ଧ୍ୟାନ ଦିଆଯାଇଛି। ସରକାରଙ୍କ ଉଦ୍ଦେଶ୍ୟ ଇଭି ସେକ୍ଟର ପାଇଁ ସପୋର୍ଟିଂ ଇକୋସିଷ୍ଟମ ପ୍ରସ୍ତୁତ କରିବା। ଏହି ନୀତି ରାଜଧାନୀ ଏବଂ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର (ଏନସିଆର)ରେ ବାୟୁ ଗୁଣବତ୍ତା ସୁଧାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ତେବେ ଏହି ପ୍ରସ୍ତାବ ଉପରେ ଲୋକଙ୍କୁ ଆଗାମୀ ୩୦ ଦିନ ପର୍ଯ୍ୟନ୍ତ ପରାମର୍ଶ ଏବଂ ଆପତ୍ତି ପଠାଇବାକୁ କୁହାଯାଇଛି। ଏହା ପରେ ସରକାର ମତ ଆଧାରରେ ବିଚାର କରି ଶେଷରେ ନୀତି ଲାଗୁ କରିବେ।



# ହେଲଥ୍ ଇନ୍ସ୍ୟୁରାନ୍ସର ନୂଆ ନିୟମ




ନୂଆଦିଲ୍ଲୀ,୧୧।୪: ଲଗାତାର ହେଲଥ୍ ଇନ୍ସୁରାନ୍ସ ପ୍ରିମିୟମ, କ୍ଲେମ୍ ପାସ୍ ହେବାରେ ଅଧିକ ସମୟ ଲାଗିବା ଏବଂ ହସ୍ପିଟାଲର ଉଚ୍ଚ ମନମାନି ବିଲ୍। ଯଦି ଆପଣ କେବେ ନିଜର କିମ୍ବା ନିଜ ପରିବାର ପାଇଁ କୌଣସି ମେଡିକାଲ ଏମର୍ଜେନ୍ସିର ସମ୍ମୁଖୀନ ହୋଇଛନ୍ତି, ତ ଆପଣ ଇନ୍ସୁରାନ୍ସ ସିଷ୍ଟମର ଏହି ସମସ୍ୟାରେ ଭଲଭାବେ ସଚେତନ ହେବେ। ଜଣେ ପଲିସିଧାରୀ ଯେବେ ରୋଗାଗ୍ରସ୍ତ ସମୟରେ ସବୁଠୁ ଅଧିକ ଅସହାୟ ଓ ଚିନ୍ତାରେ ପଡ଼ି ଥା'ନ୍ତି , ଠିକ୍ ସେହି ସମୟରେ ତାଙ୍କୁ ହସ୍ପିଟାଲର ବିଲିଂ ଡେସ୍କରେ ସେହି ଭିତ୍ତିଭୂମି ଅଭାବର ପରିଣାମ ଭୋଗିବାକୁ ପଡ଼ିଥାଏ। ଏବେ ଏବେ ଏହି ବ୍ୟବସ୍ଥାରେ ଆଉ ଏକ ସକରାତ୍ମକ ପରିବର୍ତ୍ତନର ଆଶା ଜାଗିଛି। ବୀମା କ୍ଷେତ୍ର ନିୟାମକ ,ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ପଲିସିଧାରୀଙ୍କୁ ଏହି ଗ୍ରାଉଣ୍ଡ ଲେବଲ୍ ଏବଂ ଦୈନନ୍ଦିନ ସମସ୍ୟା ଗଭୀରତାର ସହ ନେଇ ଏକ ନୂଆ ସବ୍-କମିଟି (ଉପ-ସମିତି)ର ଗଠନ କରିଛି। ଏହାର ସିଧା ଉଦ୍ଦେଶ୍ୟ ଆପଣଙ୍କର ହେଲଥ୍ ଇନ୍ସୁରାନ୍ସକୁ ପୂର୍ବାପେକ୍ଷା ଅଧିକ ସହଜ, ପାରଦର୍ଶୀ ଓ ସଙ୍କଟ ସମୟରେ ବିନା କୌଣସି ପ୍ରତିବନ୍ଧକରେ କାମ କରିବା ଯୋଗ୍ୟ କରିବା। ଏହା ଏକ ସାଧାରଣ ଅଭିଯୋଗ ଯେ, ଯେମିତି ହିଁ ହସ୍ପିଟାଲକୁ ଜଣା ପଡ଼ିଯାଏ ଯେ, ରୋଗୀଙ୍କ ପାଖରେ ହେଲଥ୍ଇନ୍ସୁରାନ୍ସ ଅଛି, ବିଲ୍ର ପରିମାଣ ହଠାତ୍ ବଢି ଯାଏ। ଇରଡାର ଏହି ନୂଆ କମିଟିର ରାଡାରରେ ସର୍ବ ପ୍ରଥମେ ଏହି 'ହସ୍ପିଟାଲ ଟାରିଫ୍' ଓ ତାଙ୍କର ବିଲିଂ ପ୍ରକ୍ରିୟା ଗୁଡ଼ିକ ଅଛି। ନିୟାମକ ଏହି କଥାର ଗଭୀରତାର ସହ ଯାଞ୍ଚ କରୁଛି ଯେ, ଗୋଟିଏ ହିଁ ସହରରେ କିମ୍ବା ଗୋଟିଏ ହିଁ ନେଟୱର୍କର ଅଲଗା ଅଲଗା ହସ୍ପିଟାଲ ଗୁଡ଼ିକରେ, ଗୋଟିଏ ହିଁ ରୋଗର ଚିକିତ୍ସାରେ ଖର୍ଚ୍ଚ ଏତେ ଅଲଗା କାହିଁକି ହୋଇଥାଏ। ପ୍ରୋବସର ମ୍ୟାନେଜିଂ ଡାଇରେକ୍ଟର ରାକେଶ ଗୋୟଲଙ୍କ ଅନୁସାରେ, ବର୍ତ୍ତମାନରେ ସବୁଠୁ ବଡ଼ ସମସ୍ୟା ଏହା ଯେ, ଲୋକଙ୍କୁ ଲାଗୁଛି ଯେ, ଇନ୍ସୁରାନ୍ସ ଥିବା କାରଣରୁ ତାଙ୍କ ଠାରୁ ଅଧିକ ଟଙ୍କା ନିଆଯାଉଛି। ନୂଆ କମିଟିର ମୁଖ୍ୟ କାର୍ଯ୍ୟ ଏହି ସବୁ ଟାରିଫ୍ ଓ ହସ୍ପିଟାଲ ଗୁଡ଼ିକର ନେଟୱର୍କର ବିଭେଦ ଗୁଡ଼ିକୁ ସଂଶୋଧନ କରିବା। ଏହାର ସିଧାସଳଖ ଲାଭ ଏହା ହେବ ଯେ, ଚିକିତ୍ସାର ମୂଲ୍ୟ ଯୁକ୍ତି ଯୁକ୍ତ ହୋଇଯିବ ଏବଂ ବିଲିଂରେ ସମାନତା ରହିବ। କ୍ଲେମ୍ ସେଟଲମେଣ୍ଟରେ ବିନା କାରଣରେ ହେଉଥିବା ବିଳମ୍ବ, ସର୍ତ୍ତ ଗୁଡ଼ିକୁ ନେଇ ସ୍ୱଚ୍ଛତାର ଅଭାବ ଓ ଅଭିଯୋଗ ଗୁଡ଼ିକୁ ନଶୁଣିବା, ଏହା ସେହି କାରଣ, ଯାହା ପୂରା ସିଷ୍ଟମ ଉପରେ ଗ୍ରାହକଙ୍କ ଭରସାକୁ ଦୁର୍ବଳ କରିଛି। ଏହି ସବୁ ଅଭାବକୁ ଦୂର କରିବା ପାଇଁ ନିୟାମକ ନ୍ୟାସନାଲ ହେଲଥ୍ କ୍ଲେମ୍ ଏକ୍ସଚେଞ୍ଜ (ଏନଏଚସିଏକ୍ସ) ଭଳି ଡିଜିଟାଲ ପ୍ଲାଟଫର୍ମକୁ ବଡ଼ ସ୍ତରରେ ଆପଣାଇବା ଓ ଲାଗୁ କରିବା ଦିଗରେ କାମ କରୁଛି। ଏହାସହ, ଫ୍ରଡ୍କୁ ରୋକିବା ଓ ପ୍ରଶାସନିକ ବିଳମ୍ବକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ଉଠାଯାଉଛି। ଷ୍ଟେଓ୍ୱେଲ ଡଟ୍ ହେଲଥ୍ର ସହ ସଂସ୍ଥାପକ ଅରୁଣ ରାମମୂର୍ତ୍ତି କହିଛନ୍ତି ଯେ, ଇରଡାର ଏହି ପଦକ୍ଷେପର ଦୁଇ ପ୍ରମୁଖ ଲକ୍ଷ। ପ୍ରଥମେ ଅଧିକରୁ ଅଧିକ ଲୋକଙ୍କ ପାଖରେ ହେଲଥ୍ ଇନ୍ସୁରାନ୍ସର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ ଦ୍ୱିତୀୟରେ , ଏହାକୁ ସାଧାରଣ ଉପଭୋକ୍ତାଙ୍କ ପାଇଁ ଭୁଲ ସରଳ ଓ ସୁବିଧାଜନକ କରିବା।



# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ୪୬ ବର୍ଷର ଅପେକ୍ଷାର ଅନ୍ତ

# ଶ୍ରୀ ରୁଦ୍ରନାଥଙ୍କ ଦର୍ଶନ ପାଇଁ ବାଟ ଫିଟିଲା

ସୁବର୍ଣ୍ଣପୁର,୧୧।୪ (ସଂଚାର ବ୍ୟୁରୋ): ସୋନପୁର ହେଉଛି ଦ୍ୱିତୀୟ ବାରଣାସୀ ତଥା ଓଡ଼ିଶାର ଦ୍ୱିତୀୟ ମନ୍ଦିର ମାଳିନୀ ସହର ଭାବେ ଜଣାଶୁଣା। ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡୀଙ୍କୁ ନେଇ ସୁବର୍ଣ୍ଣପୁର ସହରର ପରିଚୟ। କିନ୍ତୁ ଦୀର୍ଘ ୪୬ ବର୍ଷ ଧରି ବେସରକାରୀ ମାଲିକାନାରେ ବାଡ ଭିତରେ ରହି ଅପୂଜା ଥିବା ପ୍ରଭୁ ରୁଦ୍ରନାଥଙ୍କ ମନ୍ଦିରକୁ ଆଜି ପର୍ଯ୍ୟନ୍ତ ବାଟ ନ ଥିଲା । ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ, ଦେବୋତ୍ତର ବିଭାଗ, ସିନେମା ହଲ୍ ମାଲିକ, ସହରର କିଛି ଭକ୍ତ ଶ୍ରଦ୍ଧାଳୁ, ସାମ୍ବାଦିକଙ୍କ ମିଳିତ ସହଯୋଗରେ ଖୋଦ୍ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଉଭୟ ଏଡିଏମ୍ ରାଜେନ୍ଦ୍ର ମାଝୀ ଓ ଅଞ୍ଜଳିନା ପ୍ରଧାନ, ଉପ ଜିଲ୍ଲାପାଳ ଡ଼. ସୌମ୍ୟରୂପା ରଥ, ପୌର ଅଧିକାରୀ



ଋଷି ମାଝୀଙ୍କ ଉପସ୍ଥିତରେ ଅଷ୍ଟ ଶମ୍ଭୁ ମହାପ୍ରଭୁ ମଧ୍ୟରେ ଥିବା ଶ୍ରୀ ରୁଦ୍ରନାଥ ମହାପ୍ରଭୁଙ୍କ ମନ୍ଦିର ପରିସର ସଫା କରାଯାଇ ବାଟ ଫିଟିଛି।

ସ୍ମରଣ ଯୋଗ୍ୟ ଯେ ଅନେକ ବର୍ଷରୁ ଏଭଳି ଅଚଳାବସ୍ଥା ଯୋଗୁଁ ପ୍ରଭୁ ରୁଦ୍ରନାଥଙ୍କୁ କେହି ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ ପାଉ ନଥିଲେ। ଏ ସଂପର୍କରେ ଆଗରୁ ଅନେକ ଥର ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଉଥିଲା ବେଳେ ଏବେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ସହ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦୀପକ ମହାପାତ୍ର, ମହେଶ ପୂଜାହରୀ ଓ କାମ୍ପାଲ ବାଗଙ୍କ ସହ ସ୍ଥାନୀୟ ଅଞ୍ଚଳର କିଛି ସଚେତନ ବ୍ୟକ୍ତି ଅଭିଯୋଗ କରିବାପରେ ଜିଲ୍ଲାପାଳଙ୍କ ତ୍ୱରିତ ପଦକ୍ଷେପ ଗ୍ରହଣ ଯୋଗୁଁ ଆଜି ଏହା ସମ୍ଭବ ହୋଇପାରିଥିବା ଜଣାଯାଇଛି।

ଜିଲ୍ଲା ପ୍ରଶାସନ ଦେବୋତ୍ତର ବିଭାଗ ପକ୍ଷରୁ ଖୁବ୍ ଶୀଘ୍ର ମନ୍ଦିର ପୁନଃ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ହେବ । ପ୍ରଭୁ ପୂଜା ପାଇବେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ଜିଲ୍ଲାପାଳ ଡ଼. ସାହୁ ମତ ରଖିଥିଲେ । ମନ୍ଦିର ଖୋଲିବା ଓ ବାଟ ଫିଟାଇବା ନେଇ ପୌର ପରିଷଦ ଓ ଅଗ୍ନିଶମ ବାହିନୀ ପହଞ୍ଚି ଏଠାକାର ଅନାବନା ଗଛ ଅଳିଆ ଆବର୍ଜନା ସବୁକୁ ଯୁଦ୍ଧ କାଳୀନ ଭିତ୍ତିରେ ସଫେଇ ଅଭିଯାନ ଜାରି ରଖିଛନ୍ତି ବୋଲି ଦେବୋତ୍ତର ବିଭାଗ ଅଧିକାରୀ ଡ଼ ସୌମ୍ୟାରୂପା ରଥ ପ୍ରକାଶ କରିଛନ୍ତି ।

## ବ୍ୟାସନଗର ପୌର ପରିଷଦ ପକ୍ଷରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଖୋଲିଲା ଜଳଛତ୍ର




ଯାଜପୁର ରୋଡ୍,୧୧।୪ (ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ତରଫରୁ ଖରାଦିନ ଆରମ୍ଭରୁ ପଥଚାରୀ ମାନେ ପାନୀୟ ଜଳ ସଙ୍କଟ ସମସ୍ୟାର ସମ୍ମୁଖୀନ ଯେପରି ନହେବେ ସେଥିପାଇଁ ଜନଗହଳି ପୂର୍ଣ୍ଣ ଛକ ମାନଙ୍କରେ ଜଳଛତ୍ର କ୍ୟାମ୍ପ ବ୍ୟବସ୍ଥା କରାଯାଉଛି। ଏହି ସହରର ବସଷ୍ଟାଣ୍ଡ , ଗୋପବନ୍ଧୁ ଛକ ଭଳି ୮ଗୋଟି ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ଶୁଭାରମ୍ଭ ଦିନ ପୌରନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ, ପୌରଅଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ'ଙ୍କ ସମେତ ଅନେକ କାଉନସିଲର ଓ ସମସ୍ତ ପୌର କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ଏହି ଜଳଛତ୍ର କେନ୍ଦ୍ର ଗୁଡିକରେ ସନ୍ଧ୍ୟା ରାଣୀ ସେଠୀ, ମମତା ସାହୁ, କମଳୀନୀ ସାହୁ, ରଶ୍ମିତା ସେଠୀ, ମନରମା ସେଠୀ ପ୍ରମୁଖଙ୍କ ଭଳି ଅନେକ କର୍ମଚାରୀ ମାନେ ଉପସ୍ଥିତ ରହି ଦିନ ତମାମ ଲୋକ ମାନଙ୍କୁ ପାନୀୟ ଜଳ ସେବା ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ପାଠଚକ୍ର



ଡେରାବିଶ,୧୧।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଆଜି ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ 'ସେନାପତି ଫକୀର ମୋହନ : ଆଧୁନିକତାର ପ୍ରବର୍ତ୍ତକ ଓ ଭାଷା ସଚେତନତା' ଶୀର୍ଷକରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବିଷୟ ବିଶାରଦ ତଥା ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଡଃ ଗିରିଜାକାନ୍ତ ଦାସ ଯୋଗଦେଇ ଓଡ଼ିଶାର ନବଜାଗରଣ, ଭାଷା ଆନ୍ଦୋଳନ ଓ ଏଥିରେ ଫକୀର ମୋହନ ସେନାପତିଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶଶିଭୂଷଣ ଯେନା ମଞ୍ଚ ସଂଯୋଜନା କରିଥିବା ବେଳେ ମୁଖ୍ୟବକ୍ତା ଓ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଆଲୋଚନା ଚକ୍ର ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଛାତ୍ର ସଂପାଦକ ତାରା ପ୍ରସାଦ ଜେନା, ରଞ୍ଜିତ ବେହେରା, ସତ୍ୟଜିତ ସାହୁ ପ୍ରମୁଖ ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ଲୋପାମୁଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ନିର୍ବାଚନ କମିସନରଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୧୧।୪ (ସଂଚାର ବ୍ୟୁରୋ): ଓଡ଼ିଶାର ସର୍ବ ବୃହତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ମୟୁରଭଞ୍ଜକୁ ବିଗତ ୨୦୦୯ ମସିହାରେ ହୋଇଥିବା ଡି-ଲିମିଟେସନରେ ଉପେକ୍ଷା କରାଯାଇଥିବାର ଅଭିଯୋଗ ଆଣି ବିଗତ ୫ବର୍ଷ ଧରି ଓଡ଼ିଆ ଜାଗରଣ ମଂଚ ତରଫରୁ ଆନ୍ଦୋଳନ କରାଯାଇ ଆସୁଥିବା ବେଳେ ଆଜି ଓଡ଼ିଆ ଜାଗରଣ ମଞ୍ଚ ତରଫରୁ ପୁନଃ ଡିଲିମିଟେସନରେ ମୟୂରଭଞ୍ଜ ଜିଲ୍ଲାରେ ବିଧାନସଭା ଏବଂ ଲୋକସଭା ନିର୍ବାଚନ ମଣ୍ଡଳୀ ବୃଦ୍ଧି କରାଯିବାକୁ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀକୁ କେନ୍ଦୁଝର ଲୋକସଭା କ୍ଷେତ୍ରରେ ଏବଂ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳିକୁ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ରଖାଯାଇଛି। ସେହିପରି ଜିଲ୍ଲାର ପୂର୍ବରୁଥିବା ୧୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ କମାଇ ୯ଟି ଆସନରେ ସୀମିତ ରଖାଯାଇଛି। ଜିଲ୍ଲାରେ ଥିବା ଏକମାତ୍ର ପୂର୍ଣ୍ଣାଙ୍ଗ ଲୋକସଭା କ୍ଷେତ୍ର ଆଦିବାସୀ ବର୍ଗ ପାଇଁ ସଂରକ୍ଷିତ ରହିଥିବା ବେଳେ, ୯ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ମୋରଡା ଆସନ କୁ ଛାଡି ଦେଲେ ଅନ୍ୟ ୮ଟି ଯାକ ଆସନ ସଂରକ୍ଷିତ ରହିଥିବାରୁ ମୟୁରଭଞ୍ଜର ସାଧାରଣ ଜନତା ନିଜର ରାଜନୈତିକ ଅଧିକାରରୁ ବିଶେଷ ଭାବରେ ବଂଚିତ ହେଉଛନ୍ତି। ଏଣୁ ଜିଲ୍ଲାରେ ପୁନଃ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ କରାଯାଇ ଆୟତନ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଜିଲ୍ଲାରେ ୧୨ଟି ବିଧାନସଭା ଆସନ ସହ ଅନୁନ୍ୟ ଦୁଇଟି ଲୋକସଭା ଆସନ ଗଠନ କରିବା ସହ ଗୋଟିଏ ଲୋକସଭା ଆସନ ଏବଂ ଅନୁନ୍ୟ ୩ଟି ବିଧାନ ସଭା ଆସନକୁ ସଂରକ୍ଷଣ ମୁକ୍ତ ରଖାଯିବାକୁ ଦାବୀ କରାଯାଇଛି।

## ମାଦଳ ମହୁରୀ ଉତ୍ସବ-୨୦୨୬ ଉଦ୍‌ଯାପିତ



ବାରିପଦା,୧୧।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ ଉଦଯାପିତ ହୋଇଯାଇଛି । ଶେଷ ସନ୍ଧ୍ୟାରେ କ୍ଷୀରୋଦ ସିଟଙ୍କ ରଚିତ ତଥା ନିର୍ଦ୍ଦେଶିତ ନାଟକ "ମରୀଚିକାର ଛାଇ" ରେ କାକୋଲୀ ନନ୍ଦି ଓ କ୍ରିଷ୍ଣା ଦାସଙ୍କ ଅଭିନୟ ଦର୍ଶକଙ୍କୁ ସ୍ତବ୍ଧ କରିଥିଲା । ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରା, ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ପ୍ରୋ. ଝରଣା ବେହେରା, ଅଭିନେତା ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ରାଜେଶ ଦାଶ ଓ ଗୋକୁଳ ଚନ୍ଦ୍ର ଦାସ, ଶିଶୁ ନାଟ୍ୟକାର ଇ. ମନୋଜ କୁମାର ଦଳବେହେରା, ଗୀତିକାର ତଥା ପ୍ରାକ୍ତନ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଓ ରବି ଚାଉପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଦଳ ମହୁରୀ ଉତ୍ସବର ପରିକଳ୍ପନା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାର ଉତ୍ତୋରତର ଉନ୍ନତି କାମନା କରିଥିଲେ ।

ଏହି ଅବସରରେ ନାଟକ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର ହରିଶ ଚନ୍ଦ୍ର ବେହେରାଙ୍କୁ ଏବଂ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସୁଧାମୟୀ ଦାସ ଓ କାବେରୀ ମିଶ୍ରଙ୍କୁ "ଶ୍ରୀକାନ୍ତ ଦେ ସ୍ମୃତି ସମ୍ମାନ"ରେ ସମ୍ବର୍ଦ୍ଧିତ କରାଯାଇଥିଲା। କୁନି ଓଡ଼ିଶୀ କଳାକାର ନୟନିକା ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା । ମା ତୁଳସୀ କୁଡ଼ମାଲୀ ନୃତ୍ୟ ଦଳର ଝୁମର ନୃତ୍ୟ ମଧ୍ୟରେ ଅନିରୁଦ୍ଧ ଜେନାଙ୍କ ତରଫରୁ ଟ୍ରଫି ଓ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ସୌଖିନ କଳାକାର କ୍ଲବର ସମ୍ପାଦକ ଅନିଲ କୁମାର ପ୍ରଧାନ ଓ ଦୁର୍ଯ୍ୟ ସାହିତ୍ୟ ସାଂସ୍କୃତିକ ପରିଷଦର ଉପ ସଭାପତି ସବିତା ସିଟଙ୍କ ହାତରେ ସମସ୍ତ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

## ପ୍ରେରଣା କାର୍ଯ୍ୟକ୍ରମ ପାଇଁ ପୁରୁଣିଆ ସରକାରୀ ହାଇସ୍କୁଲ ଛାତ୍ର ମନୋନୀତ



ବୈଶିଙ୍ଗା,୧୧।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣିଆର ଦଶମ ଶ୍ରେଣୀ ଛାତ୍ର ତ୍ରିଲୋଚନ ନାୟକ ଏକ ବଡ଼ ସଫଳତା ହାସଲ କରିଛନ୍ତି। ଜିଲ୍ଲାସ୍ତରୀୟ 'ପ୍ରେରଣା ଉତ୍ସବ'ରେ ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରି ସେ ଶ୍ରେଷ୍ଠ ଛାତ୍ର ଭାବେ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ସେ ଆସନ୍ତା ମେ' ୩୧ ରିଖରୁ ଜୁନ୍ ୬ ରିଖ ପର୍ଯ୍ୟନ୍ତ ଗୁଜୁରାଟର ଭାଡନଗର ସ୍ଥିତ ପ୍ରତିଷ୍ଠିତ 'ପ୍ରେରଣା କେନ୍ଦ୍ର' (ଭର୍ଣ୍ଣାକୁଲାର୍ ସ୍କୁଲ୍) ପରିଦର୍ଶନ କରିବାର ଯୋଗ୍ୟତା ଅର୍ଜନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟୟନ କରିଥିବା ଏହି ଐତିହାସିକ ବିଦ୍ୟାଳୟରେ ଆୟୋଜିତ ଏକ ସପ୍ତାହ ବ୍ୟାପୀ ଅନୁଭୂତିଜନକ ଶିକ୍ଷା ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମରେ ତ୍ରିଲୋଚନ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ସାମନ୍ତରାୟ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଖୁସି ବ୍ୟକ୍ତ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ



ଆନନ୍ଦପୁର,୧୧।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ୍ ଅନ୍ତର୍ଗତ ଜମ୍ବିରା ପଂଚାୟତ ଜମ୍ବିରା ଗ୍ରାମର ପୂର୍ବତନ ସରପଞ୍ଚ ଦଣ୍ଡଧର ସାହୁଙ୍କ ୮୨ ବର୍ଷ ବୟସରେ ବିୟୋଗ ଘଟିଛି। ତାଙ୍କର ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ ଏବଂ କଟକର ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି। ପରେ ତାଙ୍କ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମ ଜମ୍ବିରାକୁ ଆଣାଯାଇଥିଲା। ଦଣ୍ଡଧର ସାହୁ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ କର୍ତ୍ତବ୍ୟପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଗ୍ରାମର ବିକାଶରେ ସେ ମୁଖ୍ୟ ଭୂମିକା ନିଭାଇଥିବା ବେଳେ ବିଦ୍ୟାଳୟ, ଚଣ୍ଡୀ ମନ୍ଦିର ଓ ରାସ୍ତାଘାଟ ନିର୍ମାଣରେ ତାଙ୍କର ଅବଦାନ ଅସ୍ମରଣୀୟ ରହିଛି। ଗ୍ରାମ ସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ରବିନ୍ଦ୍ର କୁମାର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ନରସିଂହପୁର ଗ୍ରାମରେ ଲୋକକଳା ଦିବସ ପାଳିତ



ଡେରାବିଶ,୧୧।୪ (ସଂଚାର ବ୍ୟୁରୋ): ଓଡ଼ିଆ ପକ୍ଷ -୨୦୨୬ ପାଳନ ଅବସରରେ ଆଜି ଡେରାବିଶ ବ୍ଲକ ନରସିଂହପୁର ଗ୍ରାମରେ ଜିଲ୍ଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ମୁଖ୍ୟବକ୍ତା ଭାବରେ ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ, ସମ୍ମାନିତ ଅତିଥିଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଓ ଏବିଇଓ ଦେବଦତ ଶତପଥି ଯୋଗଦେଇ ଓଡ଼ିଶାର ଲୋକକଳା ସାରା ପୃଥିବୀରେ ଅଦ୍ୱିତୀୟ ବୋଲି କହିଥିଲେ। ଏଥିସହିତ ଏହି ଗ୍ରାମରେ ବିଭିନ୍ନ ଲୋକକଳାରେ ନିପୁଣଥିବା ବହୁ କାଳାକାର ରହିଥିବା ପ୍ରକାଶ କରିଥିଲେ। ନରସିଂହପୁର ଗ୍ରାମର କଳାକାରମାନେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଡେରାବିଶ ବ୍ଲକର ବିଭିନ୍ନ କଳା ଅନୁଷ୍ଠାନର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

ଏହି ଅବସରରେ ଅତିଥିମାନେ ସ୍ଥାନୀୟ କଳାକାରମାନଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦାନପୁରର ସମିତିସଭ୍ୟା ପ୍ରିୟତମା ଦାଶ, ସାଂସଦଙ୍କ ପ୍ରତିନିଧି ମନିସା ପଣ୍ଡା, ନରସିଂହପୁର ଗ୍ରାମ କଳାକାର ସଂଘର ଯଶୋବନ୍ତ ନାରାୟଣ ପଣ୍ଡା ଓ ପ୍ରକୃତିବନ୍ଧୁ ଜେନାମଣି ବଳ ମଞ୍ଚାସୀନ ହୋଇ ବିଲୁପ୍ତପ୍ରାୟ ଲୋକକଳାକୁ ବଞ୍ଚାଇ ରଖିଥିବା ଏହି ଜିଲ୍ଲାର ଲୋକକଳା ଗ୍ରାମ ନରସିଂହପୁର ଆରମ୍ଭରେ ଏକ ଲୋକକଳା ତୋରଣ ନିର୍ମାଣ ପାଇଁ ଦାବି କରିଥିଲେ। ପ୍ରାରମ୍ଭରେ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଡେରାବିଶ କଳାକାର ସଂଘର ସଭାପତି ନିରାକାର ମହାରଣା ସଂଯୋଜନା କରିଥିବା ବେଳେ ପ୍ରଦୀପ ପ୍ରଜ୍ୱଳନ ସମୟରେ ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ସ୍କୁଟି ଲୁଟେରା ଗିରଫ

ଡେରାବିଶ,୧୧।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ହରିଅଙ୍କ ପଞ୍ଚାୟତ କୁଳସାହି ନିକଟସ୍ଥ ଲୁଣାନଦୀର ବନ୍ଧରୁ ଗତ ଆଠ ତାରିଖ ରାତିରେ ଜଣେ ସ୍କୁଟି ଆରୋହୀଙ୍କୁ ଅଟକାଇ ଜଣେ ଦୁର୍ବୃତ୍ତ ସ୍କୁଟିଟିକୁ ଲୁଟି ନେଇଯାଇଥିଲେ। ଆଜି ଚାନ୍ଦୋଳ ଫାଣ୍ଡି ପୁଲିସ୍ ପକ୍ଷରୁ ଲୁଟ ହୋଇଥିବା ସ୍କୁଟିଟିକୁ ଉଦ୍ଧାର କରାଯିବା ସହିତ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ଲୁଣା-କରାଣ୍ଡିଆ ଦ୍ୱିପାଞ୍ଚଳ ଜଳପୋକ ଗ୍ରାମର ଆଭାନ କୁମାର ଦାସ ୮ ତାରିଖ ଦିନ ରାତିରେ ଏକ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ କୁଳସାହି ନିକଟରେ କୁଦାନଗରୀ ଥାନା ଅନ୍ତର୍ଗତ ଭାରିଗୋଳ ଗ୍ରାମର ଗୌତମ ମଳିକ ଆଭାନଙ୍କୁ ଅଟକାଇ ତାଙ୍କ ସ୍କୁଟିଟିକୁ ନେଇ ପଳାଇ ଯାଇଥିଲେ। ଏ ନେଇ ଆଭାନ ଚାନ୍ଦୋଳ ଫାଣ୍ଡିରେ ୯ ତାରିଖ ସକାଳେ ଲିଖିତ ଅଭିଯୋଗ କରିଥିଲେ। ଆଭାନଙ୍କ ଅଭିଯୋଗ ଅନୁଯାୟୀ ଥାନାରେ କେଶ୍ ନଂ ୧୯୮/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିଲେ।

## ବୀଣାପାଣି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




ରାଜନଗର,୧୧।୪ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ବୀଣାପାଣି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅତ୍ୟନ୍ତ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜନଗର ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗ ଦେଇଥିଲେ | ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ, ସଙ୍ଗୀତ, ନାଟକ ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ |

ପ୍ରଧାନଶିକ୍ଷକ ଦୟାନିଧି ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ମନୋଜ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ | ଏହି ଅବସରରେ ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟ ରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଅନୁସରଣ କରିବାକୁ ପ୍ରେରିତ କରିଥିଲେ । ଶିକ୍ଷକ ଅଖିଳ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପରମ୍ପରା ବିଷୟକ ଜାତୀୟ ସମ୍ମିଳନୀ




ନୀଳଗିରି,୧୧।୪ (ସଂଚାର ବ୍ୟୁରୋ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ "ଭାରତୀୟ ଜ୍ଞାନ ପରମ୍ପରା ଓ ସାମଗ୍ରିକ ଶିକ୍ଷା: ନୀତି, ସମସ୍ୟା ଓ ସୁଯୋଗ" ବିଷୟକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ଓ ବିଶେଷଜ୍ଞଗଣ ଅଂଶଗ୍ରହଣ କରିଥିଲେ ଏବଂ ଦେଶୀୟ ଜ୍ଞାନ ପରମ୍ପରା ପ୍ରତି ବୃଦ୍ଧିଶୀଳ ଆଗ୍ରହକୁ ନିଜର ତର୍କ ଓ ଆଲୋଚନା ମାଧ୍ୟମରେ ଉପସ୍ଥାପିତ କରିଥିଲେ।

ନିଜର ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୂଲ୍ୟାଧାରିତ ଶିକ୍ଷାର ଆବଶ୍ୟକତା, ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ଜ୍ଞାନ ସୃଷ୍ଟି ଓ ପ୍ରସାରଣରେ ଦେଶୀୟ ଭାଷାମାନଙ୍କର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ, ଯେଉଁଥିରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାନୁକୂଳ ପରିବେଶ ଓ ପ୍ରଶାସନିକ ନେତୃତ୍ୱକୁ ପ୍ରଶଂସା କରିଥିଲେ ତଥା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ।

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭରତ କୁମାର ପଣ୍ଡା ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଭାରତୀୟ ଜ୍ଞାନ ପରମ୍ପରାକୁ କିପରି ସମନ୍ୱୟ କରାଯାଇପାରେ ସେନେଇ ମତ ପ୍ରକାଶ କରିଥିଲେ।

ଦ୍ୱିତୀୟ ଦିନରେ ପ୍ରାୟୋଗିକ ଅଧିବେଶନ, ଗବେଷଣା ପତ୍ର ପ୍ରସ୍ତୁତି ଓ ଆମନ୍ତ୍ରିତ ଭାଷଣ ଆୟୋଜିତ ହୋଇଥିଲା।

ଉପସମାହାର ଅଧିବେଶନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଭୁଜେନ୍ଦ୍ର ନାଥ ପଣ୍ଡା, କେନ୍ଦ୍ରୀୟ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ସକ୍ସେନା ଓ ପ୍ରଫେସର ଭରତ କୁମାର ପଣ୍ଡା ଯୋଗଦେଇ ଉଚ୍ଚ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ଭବିଷ୍ୟତ ଉପରେ ମତବ୍ୟକ୍ତ କରିଥିଲେ ତଥା ସମ୍ମିଳନୀ ନିଷ୍କର୍ଷ ବିବରଣୀକୁ ପ୍ରଶଂସା କରିଥିଲେ।

## ଛେଳି ଚୋରକୁ ପୁଲିସ ଜିମାଦେଲେ ଗ୍ରାମବାସୀ

ଡେରାବିଶ,୧୧।୪ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗା ଗ୍ରାମରୁ ଛେଳି ଚୋରି କରିନେଉଥିବା ବେଳେ ଦୁଇଜଣ ଦୁର୍ବୃର୍ତ୍ତଙ୍କୁ ଗ୍ରାମବାସୀମାନେ କାବୁକରି ପୋଲିସର ଜିମା ଦେଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଗହଗା ଗ୍ରାମର ଛେଳି ଚାଷୀ ସେମାନଙ୍କ ଛେଳିକୁ କେନାଲ୍ ବନ୍ଧରେ ଘାସ ଚରିବା ପାଇଁ ଛାଡ଼ିଥାନ୍ତି। ନିଛାଟିଆ ଜାଗାଦେଖି ପୂର୍ବରୁ ଦୁବୃର୍ତ୍ତମାନେ ଛେଳି ଚୋରି କରିଆସୁଥିଲେ। ବାରମ୍ବାର ଛେଳି ଚୋରି ଘଟଣା ଘଟିବା ପରେ ଛେଳି ଚାଷୀମାନେ ସତର୍କ ହୋଇ ଚୋରଙ୍କୁ ଧରିବା ପାଇଁ ଉଦ୍ୟମ କରିଥିଲେ। ଗତକାଲି ଗହଗା ଗ୍ରାମର କୁଞ୍ଜ ନାୟକଙ୍କ ଛେଳିକୁ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ନସଡ଼ିପୁର ଗ୍ରାମର ବିଶ୍ୱଜିତ ସେଠୀ ଓ ବଳରାମପୁର ଗ୍ରାମର ସରୋଜ ପାଢ଼ୀ ଚୋରି କରି ନେବା ସମୟରେ ଛକିରହିଥିବା ଗ୍ରାମବାସୀମାନେ ଉଭୟଙ୍କୁ କାବୁ କରିନେଇଥିଲେ। ପରେ ପୋଲିସ୍‌କୁ ଖବର ଦେଇଥିଲେ। ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଥାନାରେ ୧୯୭/୨୬ରେ ଏକ ମାମଲା ରୁଜୁ କରିବା ସହିତ ଉଭୟଙ୍କୁ କୋର୍ଟ ଚାଲାଣ କରିଛନ୍ତି।

## ଏସଏନ ସଂସ୍କୃତ ବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ



ରାଜନଗର,୧୧।୪ (ସଂଚାର ବ୍ୟୁରୋ): ସ୍ଥାନୀୟ ସର୍ବପୁରାତନ ସୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ୨୦୨୬ ଉତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଅଧ୍ୟକ୍ଷ ଡ଼ଃ ଘନଶ୍ୟାମ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଦିବସ ଠାରୁ ପ୍ରତ୍ୟେକ ଶିକ୍ଷାଅନୁଷ୍ଠାନରେ ପାଳନ କରାଯାଉଥିବା ଓଡିଆ ପକ୍ଷର ଆଭିମୁଖ୍ୟ ଓଡିଶାର ପରିଚୟ, ସ୍ୱାଭିମାନ, ଓଡ଼ିଆ ଅସ୍ମିତା ସମ୍ବଧରେ ବିସ୍ମିତ ଆଲୋଚନା କରିବା ସହିତ ଓଡ଼ିଆ ଭାଷା ଜାତିର ଗୌରବମୟ ପରମ୍ପରା ଉପରେ ପ୍ରକାଶ କରିଥଲେ। ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ଆଦିତ୍ୟ ତ୍ରୀପାଠୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଏହାର ଗାରିମାମୟ ଅଧ୍ୟାୟରେ ଯେଉ ଓଡ଼ିଆ ମହାମନିସ ମାନେ ଗୋପ ସଙ୍କୀର୍ତ୍ତନକୁ ଏକ ନିଷ୍ଠା ସାଧନାରେ ନିଜକୁ ୱ୍ରତ କରି ଦେଶର ଏକ ମାତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ଗଢିତୋଳିଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ,ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରମୁଖ ଉପରେ ଆଲୋଚନା କରିଥିବା ଛାତ୍ର ଛାତ୍ରି ମାନେ ପ୍ରାରମ୍ଭରେ ଆଜି ଓଡ଼ିଆ ଜାତିର ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥଲେ ।




# ଭଲ ଓ ଖରାପ କୋଲେଷ୍ଟ୍ରଲ୍ ଭିତରେ ପାର୍ଥକ୍ୟ କ'ଣ

ଖାଦ୍ୟପ୍ରେମୀମାନେ ପ୍ରାୟତଃ ଉଚ୍ଚ କୋଲେଷ୍ଟ୍ରଲ୍ ଅଭିଯୋଗ କରନ୍ତି, ଯାହା ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଅନିୟମିତ ଖାଦ୍ୟପେୟ ଯୋଗୁଁ ହୋଇଥାଏ। ଏସବୁ ମଧ୍ୟରେ, ଲୋକମାନେ ଏକ ସରଳ ନିଷ୍କର୍ଷରେ ପହଞ୍ଚିଛନ୍ତି, କୋଲେଷ୍ଟ୍ରଲ୍ କୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି: ଭଲ ଏବଂ ଖରାପ। ଏଲଡିଏଲ କୁ ଖରାପ କୋଲେଷ୍ଟ୍ରଲ୍ କୁହାଯାଏ, ଏବଂ ଏଚଡିଏଲ କୁ ଭଲ କୋଲେଷ୍ଟ୍ରଲ୍ କୁହାଯାଏ। ସେମାନଙ୍କ ରିପୋର୍ଟରେ ଏଚଡିଏଲ ସଂଖ୍ୟା ଦେଖି ଲୋକମାନେ ଖୁସି ହୁଅନ୍ତି, କିନ୍ତୁ ଏହି ବିଶ୍ୱାସ ସତ୍ୟ କି, ନା ଏହା ପଛରେ ଅନ୍ୟ କୌଣସି ସତ୍ୟ ଅଛି? ଆସନ୍ତୁ ଜାଣିବା....

## କୋଲେଷ୍ଟ୍ରଲ୍ କ'ଣ?

କୋଲେଷ୍ଟ୍ରଲ ଏକ ମହମ ଭଳି ଚର୍ବି ଯାହା ଆମ ଶରୀରକୁ କୋଷ, ଭିଟାମିନ୍ ଡି ଏବଂ ହରମୋନ ନିର୍ମାଣ କରିବାରେ ସାହାଯ୍ୟ କରେ। ଆମର ଯକୃତ ଆବଶ୍ୟକତା ଅନୁସାରେ କୋଲେଷ୍ଟ୍ରଲ ଉତ୍ପାଦନ କରେ, କିନ୍ତୁ ଆମେ ଖାଦ୍ୟ ଏବଂ ପାନୀୟ ମାଧ୍ୟମରେ ମଧ୍ୟ ଯଥେଷ୍ଟ ପରିମାଣରେ ଏହାକୁ ଗ୍ରହଣ କରୁ। ଯଦିଓ ଅତ୍ୟାବଶ୍ୟକ, ଉଚ୍ଚ ସ୍ତର ଧମନୀ କାନ୍ଥରେ ପ୍ଲାକ୍ ତିଆରି କରିପାରେ, ଯାହା ହୃଦରୋଗ ଏବଂ ଷ୍ଟ୍ରୋକର ଆଶଙ୍କା ବୃଦ୍ଧି କରେ।

## ଏଲଡିଏଲ କ'ଣ ପ୍ରକୃତରେ ଖରାପ କୋଲେଷ୍ଟ୍ରଲ୍?

ହୃଦରୋଗ ପାଇଁ ପ୍ରାୟତଃ ଏଲଡିଏଲକୁ ଦାୟୀ କରାଯାଏ, କିନ୍ତୁ ସମସ୍ତ ଏଲଡିଏଲ ସମାନ ନୁହେଁ। କିଛି ଏଲଡିଏଲ କଣିକା ବଡ଼ ଏବଂ ହାଲୁକା, ଯେତେବେଳେ ଅନ୍ୟଗୁଡ଼ିକ ଛୋଟ ଏବଂ ଘନ। ଧମନୀରେ ପ୍ଲାକ୍ ଗଠନରେ ଛୋଟ ଏବଂ ଘନ କଣିକାଗୁଡ଼ିକ ଅଧିକ ଭୂମିକା ଗ୍ରହଣ କରନ୍ତି। ଏସିଆନ୍ ହସ୍ପିଟାଲର ଡାକ୍ତର ଦିବାକର କୁମାରଙ୍କ ଅନୁଯାୟୀ, "ସମସ୍ତ ଏଲଡିଏଲ କ୍ଷତିକାରକ ନୁହେଁ; ଗୋଟିଏ ଏଲଡିଏଲ ସଂଖ୍ୟା ସମ୍ପୂର୍ଣ୍ଣ ଚିତ୍ର କହିପାରିବ ନାହିଁ।

## ଏଚଡିଏଲ ପ୍ରକୃତରେ ଭଲ କୋଲେଷ୍ଟ୍ରଲ୍ କି?

ଏଚଡିଏଲକୁ ସାଧାରଣତଃ ଭଲ କୋଲେଷ୍ଟ୍ରଲ କୁହାଯାଏ କାରଣ ଏହା ରକ୍ତରୁ ଅତିରିକ୍ତ କୋଲେଷ୍ଟ୍ରଲକୁ ବାହାର କରିବାରେ ସାହାଯ୍ୟ କରେ, କିନ୍ତୁ ଉଚ୍ଚ ସ୍ତର ସର୍ବଦା ସୁରକ୍ଷାର ଗ୍ୟାରେଣ୍ଟି ଦିଏ ନାହିଁ। ଡକ୍ଟର କୁମାରଙ୍କ ଅନୁଯାୟୀ, "ଯଦି ଏଚଡିଏଲ ସ୍ତର ଅତ୍ୟଧିକ ଅଧିକ ଥାଏ, ତେବେ ଏହା ଚିନ୍ତାର କାରଣ ହୋଇପାରେ, ବିଶେଷକରି ଯେତେବେଳେ ଜୀବନଶୈଳୀ ପସନ୍ଦ ସୁସ୍ଥ ନୁହେଁ।" ଡକ୍ଟର ନେହା ଶାହଙ୍କ ଅନୁଯାୟୀ, "ଏହା ସତ୍ୟ ଯେ ଏଚଡିଏଲ ଶରୀରକୁ ସୁରକ୍ଷା ଦିଏ ଏବଂ ଏଲଡିଏଲ ବିପଦ ବୃଦ୍ଧି କରେ, କିନ୍ତୁ ଏହି ସଂଖ୍ୟାଗୁଡ଼ିକ ସମ୍ପୂର୍ଣ୍ଣ ସତ୍ୟ ପ୍ରକାଶ କରେ ନାହିଁ।

କୋଲେଷ୍ଟ୍ରଲର ବିପଦରୁ କିପରି ରକ୍ଷା ପାଇବେ?
କୋଲେଷ୍ଟ୍ରଲ୍ ଆପଣଙ୍କ ଦୈନନ୍ଦିନ ଅଭ୍ୟାସ ଦ୍ୱାରା ପ୍ରଭାବିତ ହୁଏ। ନିଦ୍ରା ଅଭାବ, ଅତ୍ୟଧିକ ଚାପ, ଧୂମପାନ ଏବଂ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ ଆପଣଙ୍କୁ ଉଚ୍ଚ କୋଲେଷ୍ଟ୍ରଲ୍ ପାଇଁ ବିପଦରେ ପକାଇପାରେ। ଏହାକୁ ରୋକିବା ପାଇଁ ନିୟମିତ ବ୍ୟାୟାମ ଲାଭଦାୟକ। ଏହା ସହିତ, ପ୍ରତିଦିନ ଏକ ସନ୍ତୁଳିତ ଏବଂ ସୁସ୍ଥ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ, ଏବଂ ଯୋଗ କିମ୍ବା ଧ୍ୟାନ ଅଭ୍ୟାସ ମଧ୍ୟ ଚାପ ହ୍ରାସ କରିବାରେ ସହାୟକ ହୋଇପାରେ।



# ସିଗାରେଟ, ମଦ ବ୍ୟତୀତ ଜଙ୍କ୍‌ଫୁଡ୍ ଲିଭରକୁ ଖରାପ କରେ



ନୂଆଦିଲ୍ଲୀ ୮।୪; ଲିଭର ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ବିଷାକ୍ତ ପଦାର୍ଥକୁ ଫିଲ୍ଟର, ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ ଏବଂ ମେଟାବୋଲିଜିମକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ତଥାପି, କିଛି ଅସ୍ୱାସ୍ଥ୍ୟକର ଅଭ୍ୟାସ ଯକୃତକୁ କ୍ଷତି ପହଞ୍ଚାଇପାରେ ଏବଂ ଗମ୍ଭୀର ରୋଗର କାରଣ ହୋଇପାରେ। ଏକ ଅସ୍ୱାସ୍ଥ୍ୟକର ଖାଦ୍ୟ, ଅତ୍ୟଧିକ ଖାଦ୍ୟ, ବ୍ୟାୟାମର ଅଭାବ, ଅତ୍ୟଧିକ ଔଷଧ ବ୍ୟବହାର ଏବଂ ଅତ୍ୟଧିକ ମଦ୍ୟପାନ ଲିଭରକୁ ଦୁର୍ବଳ କରିପାରେ। ଯଦି ଏହି ଅଭ୍ୟାସ ଗୁଡ଼ିକୁ ସମୟ ମଧ୍ୟରେ ସଂଶୋଧନ କରାନଯାଏ, ତେବେ ଫ୍ୟାଟି ଲିଭର, ହେପାଟାଇଟିସ୍ ଏବଂ ଲିଭର ସିରୋସିସ୍ ଭଳି ଜଟିଳତା ସୃଷ୍ଟି ହୋଇପାରେ। ଏଠାରେ, ଆମେ ପାଞ୍ଚଟି ଅଭ୍ୟାସ ଅନୁସନ୍ଧାନ କରିବୁ । ଯାହା ଲିଭରକୁ କ୍ଷତି ପହଞ୍ଚାଇପାରେ ଏବଂ ସେଗୁଡ଼ିକୁ ସୁଧାରିବା ପାଇଁ ସରଳ ପ୍ରତିକାର ମଧ୍ୟ ପ୍ରଦାନ କରିବୁ।

ଅସ୍ୱାସ୍ଥ୍ୟକର ଖାଦ୍ୟ-ଜଙ୍କଫୁଡ୍, ଭଜା ଜିନିଷ ଏବଂ ଅତ୍ୟଧିକ ପରିମାଣର ଚିନି ଏବଂ ଲୁଣ ଖାଇବା ଦ୍ୱାରା ଲିଭର ଉପରେ କ୍ଷତିକାରକ ପ୍ରଭାବ ପକାଇପାରେ। ଏହା ଫ୍ୟାଟି ଲିଭର ଭଳି ସମସ୍ୟା ସୃଷ୍ଟି କରିପାରେ। ଅତ୍ୟଧିକ ଖାଦ୍ୟ ଖାଇବା-ଲଗାତାର ଅଧିକ ଖାଇବା ଦ୍ୱାର ମଧ୍ୟ ଲିଭର ଖରାପ ହୋଇପାରେ। ମେଦବହୁଳତା ବୃଦ୍ଧି ଯୋଗୁଁ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ ହେବାର ଆଶଙ୍କା ବଢ଼ାଇଥାଏ। ଯଦି ଆପଣ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ନହୁଅନ୍ତି, ତେବେ ଏହା ଲିଭରରେ ଚର୍ବି ଜମା କରିପାରେ। ନିୟମିତ ବ୍ୟାୟାମ ଏକ ସୁସ୍ଥ ଯକୃତ ବଜାୟ ରଖିବାରେ ସାହାଯ୍ୟ କରେ। କିଛି ଆଣ୍ଟିବାୟୋଟିକ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ ଔଷଧ ଏବଂ ଆଣ୍ଟିଫଙ୍ଗାଲ୍ ଔଷଧ ଲିଭର ଉପରେ ପ୍ରଭାବ ପକାଇପାରେ। ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ଖାଆନ୍ତୁ ନାହିଁ।

ଅତ୍ୟଧିକ ମଦ୍ୟପାନ-ମଦ୍ୟପାନ ଲିଭରରେ ଫ୍ୟାଟି ଏସିଡ୍ ଜମା କରିଥାଏ। ଯାହା ଫଳରେ ଲିଭର କୋଷଗୁଡ଼ିକୁ କ୍ଷତି ପହଞ୍ଚେ। ଏଥିପାଇଁ ମଦ୍ୟପାନରୁ ଦୂରେଇ ରହିବା ଉଚିତ୍। ଯଦି ଆପଣ ଆପଣଙ୍କର ଲିଭରକୁ ସୁସ୍ଥ ରଖିବାକୁ ଚାହାଁନ୍ତି, ତେବେ ଏହି କ୍ଷତିକାରକ ଅଭ୍ୟାସ ଗୁଡ଼ିକୁ ଏଡାନ୍ତୁ ଏବଂ ଏକ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଦିନଚର୍ଯ୍ୟା ଏବଂ ଏକ ସୁସ୍ଥ ଜୀବନଶୈଳୀ ଗ୍ରହଣ କରନ୍ତୁ। ଆପଣଙ୍କ ଶରୀରକୁ ହାଇଡ୍ରେଟେଡ୍ ରଖନ୍ତୁ (ଅତି କମରେ ୨.୫-୩ ଲିଟର ପାଣି ପିଅନ୍ତୁ)। ସବୁଜ ପନିପରିବା, ଫଳ ଏବଂ ଓମେଗା-୩ ଯୁକ୍ତ ଖାଦ୍ୟ ଖାଆନ୍ତୁ। ମଦ୍ୟପାନ, ପ୍ରୋସେସ୍ଡ୍ ଫୁଡ ଏବଂ ଚିନିଯୁକ୍ତ ପାନୀୟରୁ ଦୂରେଇ ରୁହନ୍ତୁ । ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ବର୍ଷକୁ ଥରେ ଲିଭର ଟେଷ୍ଟ (ଏଲଏଫଟି) କରାନ୍ତୁ।

# ଟମାଟୋ ଖାଇଲେ ଦୃଷ୍ଟିଶକ୍ତି ବଢ଼େ

ପ୍ରତ୍ୟେକ ପନିପରିବା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଜରୁରୀ ହୋଇଥାଏ। ସବୁ ଋତୁ ଅନୁସାରେ ପନିପରିବା, ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତ୍ୟେକ ଖାଦ୍ୟରେ କିଛି ନା କିଛି ଲାଭକାରୀ ଗୁଣ ରହିଛି। ଯାହା ଆମର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ସେହି ସବୁ ମଧ୍ୟରୁ ଟମାଟୋ ହେଉଛି ଅନ୍ୟତମ।



ଟମାଟୋକୁ ଆମେ ସାଧାରଣତଃ ବିଲାତି ବୋଲି କହିଥାଉ। ଯାହା ଶରୀର ପାଇଁ ଖୁବ୍ ଉପଯୋଗୀ ହୋଇଥାଏ। ଘରେ ଘରେ ଟମାଟୋର ବ୍ୟବହାର ଖୁବ୍ ମାତ୍ରାରେ ହୋଇଥାଏ। ଟମାଟୋ ଏମିତି ଏକ ପରିବା ଯାହା ସ୍ୱାଦକୁ ବଢାଇବା ସହ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ। ଟମାଟୋକୁ ସାଲାଡ୍, ସୁପ୍ ଏବଂ ଜୁସ୍ ତିଆରି କରି ଲୋକେ ଖାଇବା ପସନ୍ଦ କରିଥାଆନ୍ତି। କେବଳ କଞ୍ଚା ଟମାଟୋ ନୁହେଁ ବରଂ ଏହାର ଜୁସ୍ ମଧ୍ୟ ସ୍ୱାସ୍ଥ୍ୟ ହିତକର ହୋଇଥାଏ। ଟମାଟୋରେ ଭିଟାମିନ୍ ସି ଏବଂ କେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ବିଭିନ୍ନ ପୋଷକ ତତ୍ତ୍ୱ ରହିଛି। ଯାହାକୁ ନିୟମିତ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।

ଏହା ଚର୍ମ, କେଶ, ହାଡ଼ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ। ଶୀତଦିନେ ଟମାଟୋ ରସ ପିଇବା ବିଶେଷ ଫଳପ୍ରଦ ହୋଇଥାଏ। ତେବେ ଆସନ୍ତୁ ଏହାର ଅନେକ ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା।

ତ୍ୱଚା ପାଇଁ ଲାଭଦାୟକ : ଟମାଟୋରେ ଭିଟାମିନ୍ ସି ଗୁଣ ଥିବାରୁ ଏହା ଚର୍ମ ପାଇଁ ଖୁବ୍ ଲାଭଦାୟକ ବୋଲି ବିବେଚନା କରାଯାଏ। ଯାହା ସୁସ୍ଥ ଚର୍ମ ବଜାୟ ରଖିବାରେ ସାହାଯ୍ୟ କରେ। ପିଗମେଣ୍ଟେସନ୍, ବ୍ରଣ, ମୁହଁରେ ଭାଙ୍ଗ ପଡିବା ଭଳି ସମସ୍ୟାକୁ ଏହା ଦୂର କରିଥାଏ।

ପାଚନ ପ୍ରକ୍ରିୟା ପାଇଁ ଲାଭଦାୟକ : ଟମାଟୋ ଜୁସ୍ ପାଚନ ପ୍ରକ୍ରିୟାରେ ଉନ୍ନତି କରିଥାଏ। ଯାହା ଏସିଡିଟି ଏବଂ ବଦହଜମୀକୁ ସହଜରେ କମ୍ କରିଥାଏ। ଟମାଟୋରେ ଫାଇବର ଥିବାରୁ ଅନ୍ତନଳୀର ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ କୋଷ୍ଠକାଠିନ୍ୟକୁ ଦୂର କରେ।

ଓଜନ ହ୍ରାସ କରେ : ଟମାଟୋ ରସରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ। ଯାହା ଓଜନ ହ୍ରାସ କରିବାରେ ସହାୟକ କରେ। ଏହାର ଜୁସ୍ ପିଇବା ଦ୍ୱାରା ଭୋକକୁ ନିୟନ୍ତ୍ରଣରେ ରଖିଥାଏ। ଏହା ବ୍ୟତୀତ ଟମାଟୋ ମେଟାବୋଲିଜିମକୁ ବୃଦ୍ଧି କରି ଚର୍ବିକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ : ଟମାଟୋରେ ଭିଟାମିନ୍ ସି ଭରପୁର ମାତ୍ରାରେ ଥାଏ। ଯାହା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରି ରଖିଥାଏ। ଏଥିସହ ଶରୀରରୁ ଥଣ୍ଡା ସର୍ଦ୍ଦି ଏବଂ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା କରେ।

ହାର୍ଟ ପାଇଁ ଲାଭଦାୟକ : ଟମାଟୋ ଜୁସ୍ ହାର୍ଟ ପାଇଁ ରାମବାଣ ଭଳି କାମ କରେ। ଏଥିରେ ଲାଇକୋପିନ୍, ପୋଟାସିୟମ୍ ଏବଂ ଫାଇବର ରହିଛି। ଯାହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଏବଂ ହୃଦରୋଗର ଆଶଙ୍କା କମାଇବାରେ ସାହାଯ୍ୟ କରେ।

ଆଖିକୁ ସୁସ୍ଥ ରଖେ : ଟମାଟୋରେ ଭିଟାମିନ୍ ଏ ଏବଂ ବିଟା-କାରୋଟିନ୍ ଥାଏ, ଯାହା ଆପଣଙ୍କ ଆଖି ପାଇଁ ଲାଭଦାୟକ। ଏହା ଆପଣଙ୍କ ଦୃଷ୍ଟିଶକ୍ତିକୁ ଉନ୍ନତ କରିଥାଏ। ଏହା ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ଖୁବ୍ ପ୍ରଭାବଶାଳୀ। ଏତିକି ନୁହେଁ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା କରେ। ତେଣୁ ଆପଣଙ୍କ ନିତିଦିନିଆ ଖାଇବାରେ ଟମାଟୋ କିମ୍ବା ଟମାଟୋ ଜୁସ୍ ସାମିଲ କରିବାକୁ ଚେଷ୍ଟା କରନ୍ତୁ।

# ଖରାଦିନ ପାଇଁ ପୁଦିନା ଉତ୍ତମ ପାନୀୟ

ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା ରଖିବା ତଥା ସତେଜତା ବଜାୟ ରଖିବା ପାଇଁ ଆମେ ଅନେକ ପଦକ୍ଷେପ ନେଇଥାଉ। ଏହା ମଧ୍ୟରେ ପୁଦିନା ମଧ୍ୟ ସାମିଲ ଅଛି, ଯାହା ଆପଣଙ୍କ ରୋଷେଇ ଘର କିମ୍ବା ବଗିଚାରେ ସହଜରେ ଉପଲବ୍ଧ ହୋଇଯାଏ। ପୁଦିନା କେବଳ ସ୍ୱାଦ ବୃଦ୍ଧି କରୁଥିବା ଏକ ଗଛ ନୁହେଁ ବରଂ ଗ୍ରୀଷ୍ମ ଋତୁରେ ଏହା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ। ପୁଦିନା ଏକ ଗ୍ରୀଷ୍ମକାଳୀନ ସୁପରଫୁଡ୍ ଯାହା କେବଳ ଡିହାଇଡ୍ରେସନ୍ ନୁହେଁ ବରଂ ଅନ୍ୟାନ୍ୟ ରୋଗ ସହିତ ଲଢ଼ିବାର ଶକ୍ତି ରଖେ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟର ଏକ ଅଂଶ କରି ଆପଣ ଗ୍ରୀଷ୍ମ ଋତୁରେ ନିଜକୁ ସୁସ୍ଥ ଏବଂ ଥଣ୍ଡା କରିପାରିବେ। ତେବେ ଆସନ୍ତୁ ଜାଣିବା ପୁଦିନା ଖାଇବାର ଲାଭ...

ଡିହାଇଡ୍ରେସନ୍ ଦୂର ହେବ: ପୁଦିନା ପାଣି କିମ୍ବା ପୁଦିନା ଚଟଣି ଶରୀରକୁ ଥଣ୍ଡା କରିଥାଏ ଏବଂ ଡିହାଇଡ୍ରେସନରୁ ରକ୍ଷା କରିଥାଏ। ଏଥିରେ ଥିବା ଇଲେକ୍ଟ୍ରୋଲାଇଟ୍ସ ଶରୀରକୁ ହାଇଡ୍ରେଟ୍ ରଖିଥାଏ।

ପାଚନ ତନ୍ତ୍ରକୁ ସୁସ୍ଥ ରଖେ: ପୁଦିନାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମେନ୍ଥଲ ରହିଥାଏ ଯାହା ଗ୍ୟାସ, ଏସିଡିଟି ଏବଂ ବଦହଜମୀ ଭଳି ଅନେକ ରୋଗରୁ ମୁକ୍ତି ଦିଏ। ପେଟ ଯନ୍ତ୍ରଣା ପାଇଁ ପୁଦିନା ଚା' ମଧ୍ୟ ଖୁବ ପ୍ରଭାବଶାଳୀ ହୋଇଥାଏ।

ଶ୍ୱାସକ୍ରିୟା ସମସ୍ୟାରେ ଆରାମ: ସାଇନସ୍, କାଶ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ସମସ୍ୟାରେ ମଧ୍ୟ ପୁଦିନା ଲାଭଦାୟକ। ଏହାର ସୁଗନ୍ଧ ଏବଂ ମେନ୍ଥଲ୍ କଫରୁ ମୁକ୍ତ କରିବାରେ ସାହାଯ୍ୟ କରେ, ଯାହା ଶ୍ୱାସକ୍ରିୟାକୁ ସହଜ କରିଥାଏ। ପୁଦିନା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଅନେକ ସମସ୍ୟାକୁ ଦୂରେଇ ରଖିବାରେ ସାହାଯ୍ୟ କରେ।

ଚର୍ମ ପାଇଁ ମଧ୍ୟ ଲାଭଦାୟକ: ଗ୍ରୀଷ୍ମ ଋତୁରେ ଚର୍ମରେ ରାସେସ୍, ସନବର୍ଣ୍ଣ କିମ୍ବା ବ୍ରଣ ହେବା ସ୍ୱାଭାବିକ। ଏଥିରୁ ରକ୍ଷା ପାଇବା ପାଇଁ ପୁଦିନା ବହୁତ ଉପଯୋଗୀ ହୋଇଥାଏ। ପୁଦିନା ପେଷ୍ଟ ଲଗାଇବା ଦ୍ୱାରା ଚର୍ମ ଥଣ୍ଡା ରହିଥାଏ ଏବଂ ସଂକ୍ରମଣରୁ ମଧ୍ୟ ମୁକ୍ତି ମିଳିଥାଏ।

ପୁଦିନା ଏକ ନ୍ୟାଚୁରାଲ୍ ମାଉଥ୍ ଫ୍ରେସନର୍ ଭାବରେ କାମ କରେ। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ ଗୁଣ ଅଛି ଯାହା ମୁଖର ଜୀବାଣୁକୁ ମାରିଦିଏ ଏବଂ ଶ୍ୱାସକୁ ସତେଜ ରଖେ। ଏହା ପାଟିର ଦୁର୍ଗନ୍ଧ ଦୂର କରେ ଏବଂ ଓରାଲ୍ ହେଲ୍ଥରେ ମଧ୍ୟ ଉନ୍ନତି ଆଣେ।

ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍: ପୁଦିନା ଷ୍ଟ୍ରେସ କମ କରିଥାଏ। ଏହା ମୁଡ୍ ବୁଷ୍ଟର୍ ଏବଂ ଷ୍ଟ୍ରେସ ରିଲିଭର୍ ଭାବରେ କାମ କରେ। ଏକ କପ୍ ପୁଦିନା ଚା' କିମ୍ବା ସରବତ ଆପଣଙ୍କ ସାରା ଦିନର ଥକାପଣ ଦୂର କରିପାରିବ।

ତେବେ ଆସନ୍ତୁ ଜାଣିବା କିପରି ସେବନ କରିବେ ପୁଦିନା: ପୁଦିନା ପାଣି କିମ୍ବା ସରବତ ତିଆରି କରି ପିଅନ୍ତୁ। ଦହିରେ ପୁଦିନା ଚଟଣି ମିଶାନ୍ତୁ। ସାଲାଡରେ ପୁଦିନା ପତ୍ର ମିଶେଇପାରିବେ। ପୁଦିନା ଚା'ରୁ ଆପଣଙ୍କ ଦିନର ଆରମ୍ଭ କରନ୍ତୁ। ପୁଦିନା କେବଳ ଯେ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ତା' ନୁହେଁ ଏହା ଆପଣଙ୍କ ତ୍ୱଚା ପାଇଁ ମଧ୍ୟ ଖୁବ ଲାଭକାରୀ ହୋଇଥାଏ। ତେଣୁ ଆପଣ ନିଜ ତ୍ୱଚାରେ ମଧ୍ୟ ପୁଦିନା ପେଷ୍ଟ ଲଗାଇପାରିବେ ଯାହାଦ୍ୱାରା ଆପଣଙ୍କ ଚର୍ମ ଥଣ୍ଡା ରହିଥାଏ। ପୁଦିନା ସ୍ୱାସ୍ଥ୍ୟ ହିତକର ହୋଇଥିବାରୁ ଏହି ଡ୍ରିଙ୍କସ ପିଇବାକୁ ଚେଷ୍ଟା କରନ୍ତୁ। ଯାହା ଆପଣଙ୍କ ଅନେକ ରୋଗକୁ ଦୂର କରିବ। ତେଣୁ ଖରାଦିନେ ଏହାକୁ ଆପଣଙ୍କ ଡାଏଟରେ ସାମିଲ କରନ୍ତୁ।



## ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ ବିରୋଧରେ ଛାତ୍ର ବିକ୍ଷୋଭ




କଟକ,୧୧।୪ (ସଂଚାର ବ୍ୟୁରୋ)ଃ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତକାଲି ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟମାନଙ୍କରେ ଚରମ ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି। ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ହେବ। ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସଓ) କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି।

ବିକ୍ଷୋଭକାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ପକ୍ଷରୁ ଶିକ୍ଷା ଓ ସଭ୍ୟତା ବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ କରାଯାଇଛି। ଫଳରେ ପାଠପଢ଼ାଠାରୁ ଆରମ୍ଭ କରି ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିଛି। ଫିସ ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫ ଫାଇନାନ୍ସରେ ପରିଣତ କରିବା, ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବ୍ରୋଟରୀର ଅବ୍ୟବସ୍ଥା,ଗବେଷଣା ଅନୁଦାନ ହ୍ରାସ ଭଳି ସମସ୍ୟାଗୁଡ଼ିକ ଆହୁରି ଜଟିଳ ରୂପ ଧାରଣ କରିଛି। ଏହି ସମସ୍ୟା ବିରୁଦ୍ଧରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ସଂଗଠିତ କରୁଛନ୍ତି। ମାତ୍ର ଏହି ଆନ୍ଦୋଳନର କଣ୍ଠରୋଧ କରିବାକୁ ସରକାର ଛାତ୍ରସଂସଦ ନର୍ବାଚନକୁ ବନ୍ଦ କରି ଦେଇଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି।

ଏହି ଶିକ୍ଷା ସଭ୍ୟତା ବିରୋଧୀ ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଆଜିର ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ଉପ-ସଭାପତି ଭାଗ୍ୟରବି ଦାସ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ମତବ୍ୟକ୍ତ କରିଛନ୍ତି। ସଂଗଠନର ଜିଲ୍ଲା ସଭାପତି ଇଶା ଧର, ସମ୍ପାଦକ ତରୁଣ ସେନ ନାୟକ, ଜିଲ୍ଲା ଉପ-ସଭାପତି ଶିବାନୀ ସାହୁ, ଜିଲ୍ଲା କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋସ୍ନା ରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନରେ ଉପସ୍ଥିତ ଥିଲେ।

# ଭଙ୍ଗା କୁଡ଼ିଆରେ ବିତୁଛି ଧନୁ ବରିହାଙ୍କ ଜୀବନ

ସୁବର୍ଣ୍ଣପୁର,୧୧।୪(ସଂଚାର ବ୍ୟୁରୋ)ଃ ସରକାର ଯୋଜନା ଉପରେ ଯୋଜନା କେନ୍ଦ୍ର ହେଉକି ରାଜ୍ୟ ସରକାର କିନ୍ତୁ ଏଠି ତଳସ୍ତରରେ ରହୁଥିବା ଗରିବଟେ ଆବାସ ଘରଟେ ପାଇ ପାରୁନାହିଁ । ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖାରୀ ପଞ୍ଚାୟତ ବନ୍ଧପାଲି ଗାଁର ଧନୁ ବରିହା (୭୯) ବର୍ଷ ହେଲାଣି ଆବସ ଯୋଜନାରୁ ବଞ୍ଚିତ ହେବା ସହ ଅପହଞ୍ଚ ହୋଇପଡିଛି। ଧନୁ ବରିହା ଭଙ୍ଗା କୁଡିଆରେ ତା'ପରିବାରରେ ଭିନ୍ନକ୍ଷମ ସ୍ତ୍ରୀ, ଝିଅ ଓ ମାନସିକ ପୁଅଙ୍କୁ ନେଇ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତଦ୍ୟୋୟ ଗ୍ରାମୀଣ ଯୋଜନା( ଏଜିଜେ)ରେ ଗୃହ ପାଇବା ପାଇଁ ସେ ଯୋଗ୍ୟ ବ୍ୟକ୍ତି ହୋଇଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନି। ପଞ୍ଚାୟତର ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ ଏଥିପ୍ରତି ଏ ଦୃଷ୍ଟି ଦେଇନାହାନ୍ତି। ଧନୁ ବରିହାଙ୍କ ସ୍ତ୍ରୀ



ଅକିଆ(୭୨) ରୋଗଗ୍ରସ୍ତ। ସେ ଦୀର୍ଘ ଦୀର୍ଘ ବର୍ଷ ଧରି ପକ୍ଷଘାତ ରୋଗରେ ପୀଡିତ ଝିଅ ମୀନା (୩୦) ଥାଲାସେମିୟା ରୋଗୀ । ପ୍ରତି ମାସ ତାଙ୍କୁ ରକ୍ତ ନେବାକୁ ପଡୁଛି। ସେହିପରି ପୁଅ ଜୀବର୍ଦ୍ଧନ(୪୫) ଜଣେ ମାନସିକ ଅକ୍ଷମ ବ୍ୟକ୍ତି ।

### ସହଯୋଗର ହାତ ବଢ଼ାଇଲେ ଜିଲ୍ଲାପାଳ

ସାମାଜିକ ଗଣମାଧ୍ୟମରେ ଖବର ଦେଖି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜସାହୁ ଧନୁ ବରିହାଙ୍କ ଘରେ ପହଞ୍ଚି ଧନୁ ବରିହାଙ୍କ ଭଙ୍ଗାକୁଡ଼ିଆ ଘର ଦେଖିବା ସହ ପରିବାର ଦୁଃଖ ବୁଝିଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ପରିବାରର ସବୁ ବୋଝ ଧନୁଙ୍କ ଉପରେ। କେନ୍ଦ୍ର ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନାରେ ଅସହାୟ ପରିବାରକୁ ମାସିକ ୩୫କିଲୋ ଚାଉଳ ମିଳୁଛି। ଧନୁ ଓ ଅକିଆ ମାସିକ ୧୦୦୦ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି । ପୁଅ ଜୀବର୍ଦ୍ଧନ ମାସିକ ୩୫୦୦ଟଙ୍କା ଓ ଝିଅ ମୀନା ମାସିକ ୧୨୦୦ଟଙ୍କା ଭତ୍ତା ପାଉଛନ୍ତି। ସରକାରଙ୍କ ଚାଉଳ ଓ ଭତ୍ତା ଏହି ପରିବାର ପାଇଁ ବଡ ସାହାରା ପାଲଟିଛି। ତେବେ ଏହି ପରିବାର ପାଇଁ ପକ୍କା ଘର ସାତ ସପନ ସଦୃଶ ହୋଇଛି।

ସରକାରଙ୍କ ଅନ୍ତଦ୍ୟୋୟ ଗୃହ ଯୋଜନାରେ ବାର୍ଦ୍ଧକ୍ୟରେ ଭିନ୍ନକ୍ଷମ ସ୍ତ୍ରୀ, ପୁଅ ଓ ଝିଅଙ୍କ ବୋଝ ଦୁଃଖ ବୁଝିବା ସହ ଏଜିଜେରେ ପକ୍କା ଘର ପାଇଁ ଜିଲାପାଳ ଧନୁଙ୍କୁ ପ୍ରତିଶୃତି ଦେବା ସହ ପ୍ରଶାସନ ସବୁ ପ୍ରକାର ସହାୟତା ଯୋଗାଇ ଦେବ ବୋଲି କହିଥିଲେ। ଜିଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇବା ପରେ ଖାରୀ ପଞ୍ଚାୟତ ପିଇଓ ଶେଷଦେବ ଧରୁଆ ଧନୁଙ୍କ ଘରକୁ ଯାଇ ଆବଶ୍ୟକ କାଗଜପତ୍ର ଆଣିବା ସହ ସୋନପୁର ବ୍ଲକ କାର୍ଯାଳୟର ଗ୍ରାମୀଣ ଆବାସ ସେକ୍ସନରେ ଜମା ଦେଇଛନ୍ତି। ଖୁବ୍‌ଶୀଘ୍ର ଧନୁଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିବ ବୋଲି ବିଡିଓ ପ୍ରତୀକ କର ଜଣାଇଛନ୍ତି ।

## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ସୁନ୍ଦରଗଡ଼ ବିଜେଡିର ପ୍ରସ୍ତୁତି ବୈଠକ



ସୁନ୍ଦରଗଡ଼,୧୧।୪(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଯୋଗେଶ କୁମାର ସିଂ କ ନିର୍ଦ୍ଦେଶ ମତେ ସୁନ୍ଦରଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଧାୟକ ପ୍ରତିନିଧି ତଥା ବିଜେଡି ର ବରିଷ୍ଠନେତା ଜୟ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱ ଏବଂ ବିଜେଡି ଟାଉନ ସଭାପତି ଅମିତାଭ ଯୋଶୀଙ୍କ ତତ୍ୱାବଧାନରେ ଆସନ୍ତା ୧୭ ତାରିଖ ଦିନ ଓଡିଶା ର ପ୍ରବାଦ ପୁରୁଷ, କିଂବଦନ୍ତୀ ନେତା,ଓଡିଶା ର ପୂର୍ବତମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏପ୍ରିଲ ୧୭ ତାରିଖ ଦିନ ସ୍ୱର୍ଗତ ବିଜୁ ପଟ୍ଟନାୟକ ଙ୍କ ଶ୍ରାଦ୍ଧଦିବସରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣେଇବା ସକାଶେ ସକାଳ ୭.୩୦ ସମୟରେ ମହାଦେବ ପଡ଼ା ଇବ ନଦୀ କୂଳରେ ତିଳତର୍ପଣ କରାଯିବ, ସକାଳ ୯ ଟା ସମୟରେ ବିଜେଡି କାର୍ଯ୍ୟାଳୟ ଠାରେ ଏକ ରକ୍ତ ଦାନ ଶିବିର ର ଶୁଭାରମ୍ଭ କରାଯିବ, ସକାଳ ୯.୩୦ ରୁ ୧୦ ଟା ମଧ୍ୟ୍ୟରେ ରାଣିବଗିଚା ବାଇପାସ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିସଭା ହେବ, ସକାଳ ୧୦.୩୦ ସମୟରେ ସ୍ଥାନୀୟ ପୁରୁଣା ସରକାରୀ ବସଷ୍ଟାଣ୍ଡ ପାଲ ହୋଟେଲ ଛକ ଠାରେ ଜନସାଧାରଣଙ୍କୁ ସରବତ ବଣ୍ଟନ ପରେ ଦିନ ୧ଟା ରୁ ବିଜେଡି କାର୍ଯ୍ୟାଳୟ ଠାରେ ବ୍ରାହ୍ମଣ ଭୋଜ, ମଧ୍ୟାହ୍ନ ଭୋଜନ ର ଆୟୋଜନ କରାଯାଇଛି। ସମସ୍ତ ଦଳୀୟ ନେତା, କାର୍ଯ୍ୟକର୍ତ୍ତା,ସମସ୍ତ ଜିଲ୍ଲା ପରିଷଦ ସଭ୍ୟସଭ୍ୟା,ପଞ୍ଚାୟତ ସମିତି ସଭ୍ୟସଭ୍ୟା, ମୁନିସିପାଲିଟି ସଭ୍ୟସଭ୍ୟା, ସମସ୍ତ ଚେୟାରମେନ ଭାଇସ ଚେୟାରମେନ,ମହିଳା ବିଜେଡି, ଯୁବ ବିଜେଡି, ଛାତ୍ର ବିଜେଡି,ବିଜୁ ଜନତା ଦଳ ର ସମସ୍ତ ସଦସ୍ୟସଦସ୍ୟା ଏବଂ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ବିଜୁ ଜନତା ଦଳକୁ ଭଲ ପାଉଥିବା ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ଉକ୍ତ ଦିନ ନିର୍ଧାରିତ ସବୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ଗୁଡିକୁ ସାଫଲ୍ୟ ମଣ୍ଡିତ କରନ୍ତୁ।

## ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ଗୋ ସମ୍ମାନ ଆହ୍ୱାନ ଓ ଅଭିଯାନ ପାଇଁ ବୈଠକ




ବୈଶିଙ୍ଗା,୧୧।୪(ସଂଚାର ବ୍ୟୁରୋ)ଃ ସାରା ଦେଶରେ ଗୋ ସମ୍ପାଦ ର ସୁରକ୍ଷା ପାଇଁ ଏକ ଅଭିଯାନ ଚାଲିଥିବା ବେଳେ ମୟୂରଭଞ୍ଜ ରୋ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବୈଠକ କୈଳାସ ମାର୍କେଟ କମ୍ପ୍ଲେକ୍ସର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା । ୧୦ ତାରିଖ ଅପରାହ୍ନ ୪ଟା ସମୟରେ ବୈଶିଙ୍ଗା କୈଳାସ ଫିସାରୀ ମାର୍କେଟ କମ୍ପ୍ଲେକ୍ସ ରେ ଗୋମାତା ଓ ଗୋ ଦେବତା ଙ୍କ ସୁରକ୍ଷା , ଏବଂ ମଳ, ମୂତ୍ର , କ୍ଷୀର ଆଦି ଦୈନ ଦିନ ଆମର ଉପକାର ଉପରେ ଆଲୋଚନା ହୋଇଥିଲା । ହିନ୍ଦୁ ସଂଗଠନର ମୁଖ୍ୟ ଦିବାକର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୋ ସମ୍ପଦର ସୁରକ୍ଷା ପାଇଁ ସମସ୍ତଙ୍କୁ ମିଳିମିଶି ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗେଶ୍ୱର ପ୍ରହରାଜ ଯୋଗଦେଇ ଗୋ ସୁରକ୍ଷା ମଞ୍ଚ କୁ ସୁଦୃଢ଼ କରିବା ପାଇଁ ଅନୁରୋଧ କରିଥିଲେ। ବୈଶିଙ୍ଗା ଅଞ୍ଚଳର ଗୋ ପ୍ରେମୀ ଡା. ରବିନ କୁମାର ପଣ୍ଡା, ସଞ୍ଜୟ କୁମାର ସାହୁ, ଜନ୍ମେଞ୍ଜୟ ଭଞ୍ଜ , ବ୍ରାହ୍ମଣ ସମାଜ ସଭାପତି ଗୋପିନାଥ କର , ବିମଳେନ୍ଦୁ ମହାପାତ୍ର, ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ରାଧାଗୋବିନ୍ଦ ଜୀଉ ମହାପ୍ରଭୁଙ୍କ ବାର୍ଷିକ ହରିହାଟ ମହୋତ୍ସବ ସମାପିତ



ବୈଶିଙ୍ଗା,୧୧।୪(ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଉପକଣ୍ଠ ଶଙ୍କରପୁର ଗ୍ରାମରେ ବହୁ ପୁରାତନ ଠାକୁର ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଜୀଉ ଙ୍କ ବାର୍ଷିକ ହରିହାଟ ମହୋତ୍ସବ ଗତ ଅପ୍ରେଲ ୫ ତାରିଖ ଠାରୁ ଆରମ୍ଭ ହୋଇ ୯ ତାରିଖ ଦିନ ସମାପିତ ହୋଇଥିବା ଜଣାଯାଇଛି । ଶହେ ବର୍ଷ ପୂର୍ବରୁ ଗ୍ରାମବାସୀ ଙ୍କ ସହାୟତାରେ ରାଧା ଗୋବିନ୍ଦ ମହାପ୍ରଭୁ ଙ୍କ ଏହି ହରିହାଟ ମହୋତ୍ସବ ପାଳନ ହୋଇ ଆସୁଛି । ନୂତନ ମନ୍ଦିର ପ୍ରତିଷ୍ଠା ପରେ ଏହି ଉତ୍ସବ ବିଶେଷ ଜାକଜମକରେ ପାଳନ କରାଯାଇ ହଜାର ହଜାର ଲୋକଙ୍କୁ ଅନ୍ନ ଯଜ୍ଞ ମାଧ୍ୟମରେ ପ୍ରସାଦ ବିତରଣ କରାଯାଇଥାଏ । ଚଳିତ ବର୍ଷ ଏହି ଉତ୍ସବ ରେ ହରିବଂଶ ପୁରାଣ ଦିବା ୧୧ ଘଟିକା ଠାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । ସନ୍ଧ୍ୟା ସମୟରେ ସଂକୀର୍ତ୍ତନ ମଣ୍ଡଳୀ ଙ୍କ ଦ୍ୱାରା ଆରତୀ , ଭଜନ , ପ୍ରବଚନ ଆଦି ଅନୁଷ୍ଠିତ ହେଉଥିଲା । ଶେଷ ଦୁଇ ଦିନ ଅପେରା ମା ମଙ୍ଗଳା ପଲ୍ଲିଶ୍ରୀ ଗଣନାଟ୍ୟ, ପୁରୁଷୋତ୍ତମ ଅପେରା ର କଳାକାର ଙ୍କ ଦ୍ୱାରା ନାଟ୍ୟ ଅଭିନୟ କରାଯାଇଥିଲା । ଆଖ ପାଖ ଗ୍ରାମ ଗୁଡ଼ିକରୁ ଦର୍ଶକ ହଜାର ହଜାର ସଂଖ୍ୟାରେ ଆସି ଏହାକୁ ଉପଭୋଗ କରୁଥିବାର ଦେଖା ଯାଇଥିଲା । ଉତ୍ସବ କମିଟୀ ର ସଭାପତି ଜୟକୃଷ୍ଣ ମାଝୀ , ଉପ ସଭାପତି ଅର୍ଜୁନ ଚରଣ ସାନ୍ତରା, ସଂପାଦକ ଜଗନ୍ନାଥ ବାଗ୍ , ସହକାରୀ ସଂପାଦକ ହରିଶ ମହାନ୍ତି , କୋଷାଧ୍ୟକ୍ଷ ଶ୍ରୀଧର ମହାନ୍ତି ତଥା ସଦସ୍ୟ ମାନଙ୍କ ମଧ୍ୟରେ କୁଳମଣି ବାରିକ, ଅନିଲ କୁମାର ମହାନ୍ତି , ଶଶିଧର ବାଗ୍, ପ୍ରଫୁଲ୍ଲ ନାୟକ , ରମେଶ ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସୋମନାଥ ମହାନ୍ତି ପ୍ରମୁଖ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗ୍ରାମବାସୀମାନେ ଅକୁଣ୍ଠ ଚିତ୍ତରେ ସହଯୋଗ କରିଥିଲେ । ଅତିଥି ଭାବେ ସରପଞ୍ଚ ଗୀତାରାଣୀ ଦାଶ, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ସେଠୀ , ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ଣ୍ଣ ଚନ୍ଦ୍ର ପୁହାଣ ପ୍ରମୁଖ ଉପସ୍ଥିତ ରହି ଶୋଭା ବର୍ଦ୍ଧିତ କରିଥିଲେ ।

## ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଶିକ୍ଷା ସେତୁ ନୂତନ କମିଟି ଗଠନ



ସୁବର୍ଣ୍ଣପୁର,୧୧।୪(ସଂଚାର ବ୍ୟୁରୋ)ଃ ପିଏମଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବତନ ଛାତ୍ର ପରିଷଦ ତଥା ପଞ୍ଚ ଶଖା ଶିକ୍ଷା ସେତୁ କମିଟି ଗଠନ ନିମିତ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭା ର ସଭାପତି ତଥା ପ୍ରଧାନ ଶିକ୍ଷକ ଶ୍ରୀ ଅଜୟ କୁମାର ଲୁହା ଙ୍କ ସଭାପତିତ୍ୱ ରେ କମିଟି ଗଠନ କରାଯାଇଥିଲା ।। ନୂତନ ସଭାପତି ଭାବରେ ଡ଼. ପ୍ରଫୁଲ୍ଲ କୁମାର ରଥ, ଉପ ସଭାପତି ଶ୍ରୀ କଇଁରୁ ସ୍ୱାଇଁ, ମେମ୍ବର କନଭେନେର ଭାବେ ଶ୍ରୀ ପିୟୁଷ କୁମାର ପଣ୍ଡା ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିଲେ । ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ ସଭାକୁ ସଂଯୋଜନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜଳିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଏହି ଛାତ୍ର ସମାବେଶରେ ଶହେରୁ ଉର୍ଦ୍ଧ୍ୱ ଛାତ୍ର ଯୋଗଦେଇ ବିଦ୍ୟାଳୟର ଉନ୍ନତି ଲାଗି ସଂକଳ୍ପ ନେଇ ଥିଲେ। ଓ ଆଗାମୀ ଦିନରେ ଏହି ଛାତ୍ର ମାନଙ୍କୁ ନେଇ ମହାରାଜା ହାଇସ୍କୁଲ ଆଲୁମିନି ଆସୋସିଏସନ ଗଠନ ଲାଗି ଆଲୋଚନା ହୋଇଥିଲା ।

## ପ୍ରାମାଣିକ ଚଳଚ୍ଚିତ୍ର 'ବନ୍ଦେ ମାଗୋ ସୋନପୁର' ଲୋକାର୍ପିତ




ସୁବର୍ଣ୍ଣପୁର,୧୧।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁରୀ ସାଂସ୍କୃତିକ ଚେତନା ର ବାର୍ତ୍ତାବହ, "ପ୍ରାମାଣିକ ଚଳଚ୍ଚିତ୍ର ବନ୍ଦେ ମାଗୋ ସୋନପୁର" ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ଏହାର ଗୀତ ରଚନା କରିଛନ୍ତି କବି ଡ଼ ଆର୍ତ୍ତତ୍ରାଣ ବାବୁ । କଣ୍ଠଦାନ କରିଛନ୍ତି ମଞ୍ଜୁଶ୍ରୀ ବାବୁ ଓ ସୁଶିଲ ମହାଲିଙ୍ଗା। ସଙ୍ଗୀତ ସଂଯୋଜନା କରିଛନ୍ତି ପଣ୍ଡିତ ମଧୁସୂଦନ ଦାସ । ଏହାର ପ୍ରଯୋଜକ ହେଲେ ଡାକ୍ତର ଆବାସ ରଞ୍ଜନ ବାବୁ ଓ ଆଶିଷ ରଞ୍ଜନ ବାବୁ । ପ୍ରଯୋଜନା କରିଛନ୍ତି ନିଶାନ ପ୍ରଡକ୍ସନ । ସମ୍ପାଦନା କରିଛନ୍ତି ରାଧେଶ୍ୟାମ ମିଶ୍ର । ସୁବର୍ଣ୍ଣପୁର ପ୍ରତୀକ ଟେଷ୍ଟ ହାଉସ ରେ ଅନୁଷ୍ଠିତ ଉତ୍ସବ ର ପ୍ରଥମ ଅଧିବେଶନ ରେ ପୁସ୍ତକ ବନ୍ଦେ ମାଗୋ ସୋନପୁର ଲୋକାର୍ପିତ ହୋଇଥିଲା ।

ଏହି ଅବସରରେ ଅନୁଷ୍ଠିତ ଭାବରେ ଡ଼ ସୌମ୍ୟାରୂପା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡ଼ ଆର୍ତ୍ତତ୍ରାଣ ବାବୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସଭାରେ ଲେଖକ ଗବେଷକ ଗୋରେଖ୍ ନାଥ ସାହୁ, ଡ଼ ପ୍ରଫୁଲ୍ଲ ରଥ, ବ୍ରଜ ମୋହନ ଦାନୀ, ଡ଼ ଜ୍ୟୋତି ରଞ୍ଜନ ବହିଦାର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉତ୍ସବ ର ଦ୍ୱିତୀୟ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ ଐତିହାସିକ ସୁବର୍ଣ୍ଣପୁର ର ଆଧ୍ୟାତ୍ମିକ ଉତ୍କର୍ଷ ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନ ସୁବର୍ଣ୍ଣପୁର କୁ ତାହାର ପୂର୍ବବର୍ତ୍ତୀ ସ୍ତରକୁ ଫେରେଇ ଆଣିବା ପାଇଁ ଆଜିର ବୁଦ୍ଧିଜୀବି ଯୁବ ସମାଜ ଉଦ୍ୟମ ଜାରି ରଖିବାକୁ ମତ ପ୍ରକାଶ କରିଛନ୍ତି । ଦରବାରୀ ସାହିତ୍ୟ ଓ ଇତିହାସର ଉପରକୁ ଉଠି ଆଧୁନିକ ସୋନପୁର କୁ ସୁବର୍ଣ୍ଣପୁର ଭାବେ ଗଢ଼ି ତୋଳିବାକୁ ବକ୍ତା ମାନେ ମତ ରଖିଥିଲେ ।

ପ୍ରାମାଣିକ ଚଳଚ୍ଚିତ୍ରରେ ସୁବର୍ଣ୍ଣପୁର ଜିଲ୍ଲା ର ଆଧ୍ୟାତ୍ମିକ ସାଂସ୍କୃତିକ ପ୍ରାକୃତିକ ପୀଠର ସ୍ଥାନ ପାଇଥିବା ବେଳେ ଏଥିରେ ସବୁ ବର୍ଷ ର ସଫଳ କୃତୀ ସନ୍ତାନ ସନ୍ତତି ମାନଙ୍କୁ ଯଥୋଚିତ ସ୍ଥାନ ଓ ସମ୍ମାନ ଦିଆ ଯାଇଛି । ସମଗ୍ର କାର୍ଯ୍ୟକ୍ରମ ହିମାଂଶୁ ଭୂଷଣ ପଣ୍ଡା ଓ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିବା ବେଳେ ଶେଷରେ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମ. ରାମପୁର ଆଞ୍ଚଳିକ କାମନା ଦଣ୍ଡ ସାଂସ୍କୃତିକ ପରିଷଦ ପକ୍ଷରୁ ଅଷ୍ଟଶମ୍ଭୁ ମହାମିଳନ



ମ.ରାମପୁର,୧୧।୪(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଆଞ୍ଚଳିକ କାମନା ଦଣ୍ଡ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ସହରର ବସଷ୍ଟାଣ୍ଡ ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଷ୍ଟଶମ୍ଭୁ ମହାମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବ୍ଲକ ଅଞ୍ଚଳର ୮ ଗୋଟି ପୀଠ ଗୁଡିକର ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମେ ପୁଜାପୀଠ ରେ ବନ୍ଦାଣ ଗାନ ପରେ ଲଟେରୀ ମାଧ୍ୟମରେ ସ୍ଥାନ ନିର୍ଦ୍ଧାରଣ ହୋଇଥିବା ଜାଗାରେ ପହଞ୍ଚି ଥିଲେ। ତଳ ସାଗର ପଡ଼ା ଦଣ୍ଡପୀଠ ( ଦୁର୍ଗା ମଣ୍ଡପ), ବୁରାଟ ଦଣ୍ଡପୀଠ ( ପୁରୁଣା ଥାନା ସମ୍ମୁଖ) , ଆମ୍ବ ଗାଁ ବାବୁ ପଡ଼ା( ପୀଠ ର ଦକ୍ଷିଣ ପାର୍ଶ୍ୱ, ବମକ ଦଣ୍ଡପୀଠ ( ଶଥପତି ଡିଜିଟାଲ), ଶୁଣ୍ଢିପଡ଼ା ଦଣ୍ଡପୀଠ ( କାହ୍ନା ହୋଟେଲ ସମ୍ମୁଖ), ଆମ୍ବ ଗାଁ ଖମାର ପଡ଼ା ଦଣ୍ଡପୀଠ( ମହାନ୍ତି ଛକ୍) , ପଣ୍ଡକାମାଲ ଦଣ୍ଡପୀଠ (ରାଜବାଟି ଛକ୍), ଓ ସେହିପରି ଅଇଁଲାପାଲି ଦଣ୍ଡପୀଠ ( ଚାରିଛକ) ପରେ ମା ଦଣ୍ଡକାଳୀ ସମୂହ କର୍ତ୍ତାଙ୍କ ବାସଭବନ ସମ୍ମୁଖରେ ଧୁଳିଦଣ୍ଡ ସମାପନ ପରେ ସହରର ବିଭିନ୍ନ ଜଳାଶୟ ଗୁଡ଼ିକଠାରେ ପାଣିଦଣ୍ଡ ଭାଙ୍ଗି ବସଷ୍ଟାଣ୍ଡ ପୂଜା ମଣ୍ଡପ ଠାରେ ମହାମିଳନ ହୋଇ ଅଗ୍ନିଦଣ୍ଡ ସମାପନ କରିବା ସହ ସମସ୍ତ ଦଣ୍ଡ ଦଳ ପୂର୍ବ ପ୍ରସ୍ତୁତି ପ୍ରକାରେ ବିଭିନ୍ନ ସାହି ପରିକ୍ରମା କରି ନିଜନିଜ ଆସ୍ଥାନକୁ ପହଞ୍ଚି ଦଣ୍ଡ ସମାପନ କରିଥିଲେ। ପରେ ରାତ୍ର ସମୟରେ ଦଣ୍ଡନାଚର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । କମିଟି ର ସଭାପତି ଶ୍ରୀ ରୁଦ୍ର ସିଂ ଓ ସଂପାଦକ ଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ ଙ୍କ ସମେତ ସମସ୍ତ ସାହିର କର୍ମକର୍ତ୍ତାମାନଙ୍କୁ ନେଇ ଗଠିତ ଆଞ୍ଚଳିକ କାମନା ଦଣ୍ଡ କମିଟି ଏହି ଦଣ୍ଡପୀଠ ଗୁଡିକର ସମସ୍ତ ଦାୟିତ୍ୱ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
# ଗୋଷ୍ଠୀଗତ ବିବାହ ପାଇଁ ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,୧୧।୪(ସଂଚାର ବ୍ୟୁରୋ)ଃ ଗତକାଲି ସନ୍ଧ୍ୟା ୬ଘଣ୍ଟା ସମୟରେ ଜିଲ୍ଲାପାଳ ଙ୍କ ଆବାସିକ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଗୋଷ୍ଠିଗତ ବିବାହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆର୍ଥିକ ସ୍ୱଚ୍ଛଳତା ନ ଥିବା ୩୦ ଯୋଡି ଙ୍କ ବିବାହ ପାଇଁ ସୋନପୁର ସହରର ନୂତନ ଟାଉନହଲ ଠାରେ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ସଫଳ ଭାବରେ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମାଜସେବୀ ମାନଙ୍କୁ ଆହ୍ୱାନ କରିବା ସହ ଦାୟିତ୍ୱ ବଣ୍ଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ,ଡିଏସଡବ୍ଲୁଓ, ବୀଣାପାଣି ମିଶ୍ର,ଡିଏସ ଏସ ଓ , ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ସିଡିଓ ତଥା ଇଓ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ଡ଼.ସୌମ୍ୟରୂପା ରଥ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝି, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି,ଡିଆଇପିଆରଓ ପ୍ରୀତି ସୁନା, ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ମନୋରଞ୍ଜନ ତ୍ରିପାଠୀ ,ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ,ରେଆର କର୍ମକର୍ତ୍ତା ମନୋଜ କୁମାର ସ୍ୱାଇଁ ଏବଂ ସାମ୍ବାଦିକ ଉପସ୍ଥିତ ଥିଲେ। ପରିଶେଷରେ ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## 'ଓଡ଼ିଆ ପକ୍ଷ ଅବସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ




ଫୁଲବାଣୀ,୧୧।୪(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ 'ଓଡ଼ିଆ ପକ୍ଷ ୨୦୨୬' ଅବସରରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷପରିସରରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପାରମ୍ପରିକ ଲୋକକଳା, ସଙ୍ଗୀତ ଓ ନୃତ୍ୟର ପ୍ରଚାର ପ୍ରସାର ତଥା କଳାକାରମାନଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବରେ ମାନ୍ୟବର କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଜିତ କୁମାର ପଟ୍ଟନାୟକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ଉପଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୋମ୍ୟରଞ୍ଜନ ପାତ୍ର, ଫୁଲବାଣୀ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଯୋଗଦେଇ କଳା ଓ ସଂସ୍କୃତିର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଫୁଲବାଣୀସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଗଦାଧର ପାତ୍ର ସମଗ୍ର କାର୍ଯ୍ୟକ୍ରମକୁ ଅତି ସୁଚାରୁରୂପେ ପରିଚାଳନା କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳା ଦଳଗୁଡ଼ିକ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳର ପ୍ରସିଦ୍ଧ ଶିଙ୍ଘ ବାଦ୍ୟ ଓ ଅନ୍ୟାନ୍ୟ ଜନଜାତି କଳା ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କଳାକାରମାନଙ୍କୁ ସମ୍ମାନିତ କରାଯିବା ସହ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା।

## ମା' ଓଲଟି ବିଞ୍ଝଣୀ ଠାକୁରାଣୀ ପୀଠରେ ବାର୍ଷିକ ଉତ୍ସବ



ନୀଳଗିରି,୧୧।୪(ସଂଚାର ବ୍ୟୁରୋ)ଃ ନୀଳଗିରି ଉପଖଣ୍ଡଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ଗ୍ରାମରେ ଥିବା ପ୍ରତ୍ୟକ୍ଷ ଦେଓ୍ୱୀ ମା ଓଲଟି ବିଞ୍ଝଣୀ ଠାକୁରାଣୀଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତି ନୀତି ଅନୁସାରେ ଦେହୁରୀ ସୁକୁରା ପାତ୍ର ମା'ଙ୍କୁ ସ୍ନାନ କରାଇବା ପରେ ପୂଜାର୍ଚନା କରାଯାଇଥିଲା। ପରେ ଦାସୀ ଙ୍କ ଦ୍ୱାରା ଦାସୀ ବିଶ୍ରାମ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡ଼ି ବରିଷ୍ଠ ଉପସଭାପତି ଡ. ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ଥିଲେ। ଗ୍ରାମବାସୀଙ୍କ ତରଫରୁ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଶ୍ରୀଦେଇପୁର ଓ ଦଳଦଳି ଗ୍ରାମ ର ସମସ୍ତ ଗ୍ରାମବାସୀ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି ଶ୍ରୀଯୁକ୍ତ ନାୟକ ନିଜ ବକ୍ତବ୍ୟରେ ଅଞ୍ଚଳରେ ବିକାଶକୁ ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଲେଖାଶ୍ରୀ ନିଜ ବକ୍ତବ୍ୟରେ ୮୦୦ରୁ ଉର୍ଦ୍ଧ ଜନ ସଂଖ୍ୟା ଥିବା ଉକ୍ତ ଗ୍ରାମରେ ଭିତ୍ତିଭୂମି କୁ ନେଇ ତଥ୍ୟ ଉତ୍ଥାପନ କରିଥିଲେ। ଅଞ୍ଚଳର ସମସ୍ତ ଯୁବକ ପଥର କାରିଗର ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ସେଭଳି ଭାବେ କୌଣସି କାମ ଧନ୍ଦାର ସୁଯୋଗ ନଥିବାରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଉକ୍ତ ଗ୍ରାମ ପୁରୁଷ ଶୂନ୍ୟ ହୋଇଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଅଞ୍ଚଳରେ ଭିତ୍ତିଭୂମି ସ୍ଥାପନ କରାଗଲେ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ ଏବଂ ମହିଳା ମାନେ ମୁରବୀ ଶୂନ୍ୟ ଅନୁଭବ କରିବେ ନାହିଁ ବୋଲି ବକ୍ତବ୍ୟ ରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ସମାଜସେବୀ ବୁଲୁ ପଣ୍ଡା, ଦୀପକ ରଞ୍ଜନ ଦାସ ଏବଂ ଗୋଲକ ପାତ୍ର,ତରଞ୍ଜନ ପାତ୍ର, ପାଗୁଲୁ ଦେଉରି, ଶ୍ରୀକାନ୍ତ ଦେଉରି, ଶଶୀକାନ୍ତ ପାତ୍ର, ତପି ପାତ୍ର, ବୁଦ୍ଧିରାମ ପାତ୍ର, ଅର୍ଜିତ ଦେଉରି, ଦେବେନ୍ଦ୍ର ପାତ୍ର, ବିନୁ ପାତ୍ର, ବଳରାମ ପାତ୍ର ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।